ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଜାନୁୟାରୀ ୧୫/୨୦୨୨ (୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Berhampur, Saturday, January 15/2022 ★★★

୧୭ଶ ଭାଗ ୩୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-





## ପାକିସ୍ତାନ ଜାତୀୟ ସୁରକ୍ଷା ନୀତିରେ ହିନ୍ଦୁତ୍ୱକୁ ବିରୋଧ

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଶୁକ୍ରବାର ଦେଶର ପ୍ରଥମ ଜାତୀୟ ସୁରକ୍ଷା ନୀତି ଘୋଷଣା କରିଛନ୍ତି। ଏହା ନାଗରିକ କୈନ୍ଦ୍ରିକ ହୋଇଥିବାବେଳେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ବିଶ୍ୱରେ ପାକିସ୍ତାନର ସ୍ଥିତି ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ପାକିସ୍ତାନର ଏହି ଜାତୀୟ ସୁରକ୍ଷା ନୀତିରେ ଭାରତର ନରେନ୍ଦ୍ର ମୋଦି ସରକାର ଏବଂ ହିନ୍ଦୁତ୍ୱକୁ ସମାଲୋଚନା କରାଯାଇଛି। ଜାତୀୟ ସୁରକ୍ଷା କମିଟି ଓ କ୍ୟାବିନେଟ ଗତ ମାସରେ ଉକ୍ତ ନୀତିକୁ ମଞ୍ଜୁରୀ ପ୍ରଦାନ କରିଥିଲେ।



## ବାର୍ଡ କ୍ୟାଫେ

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ଏକ ବାର୍ଡ କ୍ୟାଫେ କରାଯାଇଛି। ଏଠାରେ ରଙ୍ଗବେରଙ୍ଗର ୧୧୦ ପକ୍ଷୀ ରହିଛନ୍ତି। କ୍ୟାଫେକୁ ଆସୁଥିବା ଗ୍ରାହକମାନଙ୍କୁ ପାନୀୟର ମଜା ସହ ପକ୍ଷୀଙ୍କ ସହ ଭାବର ଆଦାନପ୍ରଦାନର ସୁଯୋଗ ମିଳୁଛି। ଏଣ୍ଟ୍ରାନ୍ସ ଫି ୧୦ ଡଲାର ରଖାଯାଇଥିବା ହ୍ୟାପି ବାର୍ଡ୍ସ ଡେ ମାଲିକ ଥାନାକ୍ରିତ ସୁଣ୍ଟୋର୍ନକାଲାପକିତ୍ କହିଛନ୍ତି। ଶୁକ୍ରବାର ସେଠାକୁ ଯାଇଥିବା ଜଣେ ଯୁବତୀ ପକ୍ଷୀଙ୍କ ସହ ଖେଳୁଛନ୍ତି।

## ପାଗ ଖରାପରୁ ନିଷ୍ପତ୍ତି ନେଇପାରି ନ ଥିଲେ ପାଇଲଟ

ନୂଆଦିଲ୍ଲୀ,୧୪।୧



### ରାୱତଙ୍କ ହେଲିକପ୍ଟର ଦୁର୍ଘଟଣା ତଦନ୍ତ ରିପୋର୍ଟ

ସିଡିଏସ୍ ଜେନେରାଲ ବିପିନ ରାୱତ୍ ଓ ଅନ୍ୟ ୧୩ ଜଣଙ୍କୁ ନେଇ ଯାଉଥିବା ଏମ୍‌ଆଇ-୧୭ଭି୫ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାର କାରଣ ସମ୍ପର୍କରେ ଶୁକ୍ରବାର ଭାରତୀୟ ବାୟୁସେନା ପକ୍ଷରୁ ବିବୃତି ଜାରି କରାଯାଇଛି। ଅପ୍ରତ୍ୟାଶିତ ଭାବେ ପାଗ ବଦଳିବା ଯୋଗୁ ହେଲିକପ୍ଟର କେତେ ଉଚ୍ଚତାରେ ଉଡ଼ାଣ କରିବ ଓ ଏହାର ବେଗ କେତେ ରହିବ ତାହା ପାଇଲଟ ସ୍ଥିର କରିପାରି ନ ଥିଲେ। ଫଳରେ ହେଲିକପ୍ଟରଟି ପାର୍ବତ୍ୟାଞ୍ଚଳ ଉପର ବାଦଲ ଭିତରକୁ ପଶିଯାଇଥିଲା। ଏଥିଯୋଗୁ ହେଲିକପ୍ଟର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଟ୍ରାଇ-ସର୍ଭିସେସ୍ କୋର୍ଟ ଅଫ୍ ଇନ୍‌କ୍ୱାରି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆଇଏଏଫ୍ ବିବୃତିରେ କୁହାଯାଇଛି ଯେ, ଏମ୍‌ଆଇ-୧୭ଭି୫ ଦୁର୍ଘଟଣାର ଟ୍ରାଇ-ସର୍ଭିସେସ୍ ପକ୍ଷରୁ ପ୍ରାଥମିକ ତଦନ୍ତ ରିପୋର୍ଟ ଦାଖଲ କରାଯାଇଛି। କୌଣସି ଯାନ୍ତ୍ରିକ ତ୍ରୁଟି, ଷଡ଼ଯନ୍ତ୍ର କିମ୍ବା ଅବହେଳା ଯୋଗୁ ଦୁର୍ଘଟଣା ଘଟିନାହିଁ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ଗତ ଡିସେମ୍ବର ୮ରେ ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ବିପିନ ରାୱତ୍, ସ୍ତ୍ରୀ ମଧୁଲିକା, ତାଙ୍କ ପ୍ରତିରକ୍ଷା ପରାମର୍ଶଦାତା ଏଲ୍.ଏସ୍. ଲିଡେର, ଷ୍ଟାଫ୍ ଅଫିସର ଲ୍ୟୁଟ୍‌ନାଣ୍ଟ କଲୋନେଲ ହରଜିନ୍ଦର ସିଂ ଓ ପାଇଲଟ୍ କ୍ୟାପଟେନ ବରୁଣ ସିଂଙ୍କ ସମେତ ୧୪ ଜଣ ହେଲିକପ୍ଟରରେ ଯାଉଥିବାବେଳେ ତାମିଲନାଡୁର କନ୍ନୁର ନିକଟରେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ସଂକ୍ଷେପରେ

### ସ୍ୟୁ ଚୀଙ୍କ ବିରୋଧରେ ଆଉ ୫ ଦୁର୍ନୀତି ମାମଲା



**ବ୍ୟାଙ୍କକ୍,୧୪।୧:** ମ୍ୟାନ୍‌ମାର ସେନା ପରିଚାଳିତ ସରକାର କ୍ଷମତାଚ୍ୟୁତ ନେତ୍ରୀ ଅଙ୍ଗ୍ ସାନ୍ ସ୍ୟୁ ଚୀଙ୍କ ବିରୋଧରେ ଆଉ ୫ଟି ଦୁର୍ନୀତି ମାମଲା ରୁଜୁ କରିଛି। ହେଲିକପ୍ଟର କିଣିବା ଓ ଭଡ଼ା ପାଇଁ ଅନୁମତି ଦେବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ଗତବର୍ଷ ଫେବୃୟାରୀରେ ସାମରିକ ବଳ ସ୍ୟୁ ଚୀଙ୍କୁ କ୍ଷମତାରୁ ହଟାଇ ଗିରଫ କରିଥିଲା। ଏହାର ପ୍ରତିବାଦରେ ଆନ୍ଦୋଳନ କରୁଥିବା ଶତାଧିକ ଲୋକଙ୍କ ସେନା ଓ ପୋଲିସ ଗୁଳିରେ ପ୍ରାଣ ହରାଇଲେଣି। ଗଣତନ୍ତ୍ର ସପକ୍ଷବାଦୀ ନୋବେଲ ବିଜୟିନୀ ସ୍ୟୁ ଚୀଙ୍କୁ ୨୦୨୦ ନଭେମ୍ବରରେ ଜାଲିଆତି କରି ନିର୍ବାଚନ ଜିତିବା, ୱାକି ଟକି ରଖିବା ଏବଂ କରୋନା ଭାଇରସ୍‌ଜନିତ କଟକଣା ଉଲ୍ଲଂଘନ କରିବା ଅଭିଯୋଗରେ ୬ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି। ଏବେ ଅଣାଯାଇଥିବା ୫ ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେଲେ ପ୍ରତି ମାମଲାରେ ତାଙ୍କୁ ୧୫ ବର୍ଷ ଲେଖାଏ ଜେଲ ଦଣ୍ଡ ଦିଆଯିବ। ସେନା କୋର୍ଟର ଏଭଳି ରାୟକୁ ମ୍ୟାନ୍‌ମାରବାସୀ ସମାଲୋଚନା କରୁଥିବାବେଳେ ସରକାରୀ ମୁଖପାତ୍ର ମେଜର ଜେନେରାଲ ଜ ମିନ୍ ତୁନ୍ କହିଛନ୍ତି, ଆଇନ ଊର୍ଦ୍ଧ୍ୱରେ କେହି ନୁହନ୍ତି।

### ହସ୍ପିଟାଲ ପରିସରରୁ ମିଳିଲା ୧୧ ଖପୁରି

**ମୁମ୍ବାଇ,୧୪।୧:** ମହାରାଷ୍ଟ୍ରର ୱାର୍ଦ୍ଧା ଜିଲାର ଏକ ହସ୍ପିଟାଲରେ ଜଣେ ୧୩ ବର୍ଷୀୟା ବଳାତ୍କାର ପୀଡ଼ିତାଙ୍କ ଗର୍ଭପାତ ଘଟଣାର ତଦନ୍ତ କରିବାକୁ ଯାଇ ରାଜ୍ୟ ପୋଲିସ ସେଠାରେ ପୋତାଯାଇଥିବା ଭ୍ରୂଣର ୧୧ଟି ଖପୁରି ଏବଂ ୫୪ଟି ହାଡ଼ ଜବତ କରିଛି। କାଡାମ ହସ୍ପିଟାଲ ପରିସରରୁ ମିଳିଥିବା ଖପୁରି ଓ ହାଡ଼କୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏଥି ସହିତ ବେଆଇନ ଗର୍ଭପାତ ଚଳାଇଥିବା ଜଣେ ଡାକ୍ତର ଓ ୨ ଜଣ ନର୍ସଙ୍କୁ ଗିରଫ କରାଯାଇଛି। ନାବାଳିକା ପୀଡିତା ୫ ମାସର ଗର୍ଭବତୀ ଥିଲେ। ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗତ ୭ ତାରିଖରେ ଡ. ରେଖା କାଡାମ ପୀଡ଼ିତାଙ୍କ ଗର୍ଭପାତ କରାଇଥିଲେ।

### ବୁଲ୍ଲି ବାଈ ମାମଲା

### ନୀରଜଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ,୧୪।୧:** ବହୁଚର୍ଚ୍ଚିତ ବୁଲ୍ଲି ବାଈ ଆପ୍ ମାମଲାର ମାଷ୍ଟର ମାଇଣ୍ଡ ନୀରଜ ବିଷ୍ଣୋଇଙ୍କ ଜାମିନ ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ଖାରଜ କରିଦେଇଛନ୍ତି। ଉକ୍ତ ଆପ୍ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମହିଳାମାନଙ୍କ ମର୍ଯ୍ୟାଦା ହାନି କରାଯିବା ସହ ସମାଜରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ କରିବା ଲାଗି ଉଦ୍ୟମ ହୋଇଥିଲା ବୋଲି କୋର୍ଟ କହିଛନ୍ତି। ଶତାଧିକ ମୁସଲମାନ ମହିଳାଙ୍କ ଫଟୋକୁ ଏଡିଟିଂ କରାଯାଇ ଗିଟ୍‌ହବ୍ ପ୍ଲାଟଫର୍ମରେ ବୁଲ୍ଲି ବାଈ ଆପ୍‌ରେ ନିଲାମ ପାଇଁ ଛଡ଼ାଯାଇଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ୨୧ ବର୍ଷୀୟ ବିଷ୍ଣୋଇଙ୍କୁ ଦିଲ୍ଲୀ ପୋଲିସ ଆସାମରୁ ଗିରଫ କରିଥିଲା। ଭୋପାଳରେ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ କରିଥିବା ବିଷ୍ଣୋଇ ଏହି ମାମଲାରେ ଗିରଫ ହେବାରେ ଚତୁର୍ଥ ବ୍ୟକ୍ତି।

# ବର୍ତ୍ତିଲେ ଶତାଧିକ ବିମାନ ଯାତ୍ରୀ

## ଦୁବାଇରୁ ଭାରତ ଆସୁଥିବା ଦୁଇ ଫ୍ଲାଇଟ୍ ଦୁର୍ଘଟଣା ଏଡ଼ାଗଲା

ନୂଆଦିଲ୍ଲୀ,୧୪।୧





ପ୍ରତୀକାତ୍ମକ ଫଟୋ

ଦୁବାଇ ବିମାନବନ୍ଦରରୁ ରବିବାର ଭାରତକୁ ଉଡ଼ାଣ ପାଇଁ ଟେକ୍-ଅଫ୍ କରୁଥିବାବେଳେ ୨ଟି ଏମିରେଟ୍ସ ବିମାନ ପରସ୍ପର ସହ ଧକ୍କାହେବାରୁ ଅଳ୍ପକେ ବର୍ତ୍ତିଯାଇଛି। ଫଳରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣାକୁ ଏଡ଼ାଇ ଦିଆଯିବା ସହ ସୌଭାଗ୍ୟବଶତଃ ଶତାଧିକ ଯାତ୍ରୀ ବର୍ତ୍ତିଯାଇଛନ୍ତି। ଜାନୁୟାରୀ ୯ ତାରିଖ ରାତି ୯ଟା ୪୫ ମିନିଟରେ ଦୁବାଇରୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା ଆରମ୍ଭ କରୁଥିଲା ଇକେ-୫୨୪ ଏମିରେଟ୍ସ। ସମାନ ସମୟରେ ଇକେ-୫୬୮ ବିମାନ ମଧ୍ୟ ଦୁବାଇରୁ ବେଙ୍ଗାଲୁରୁ ପାଇଁ ଉଡ଼ାଣ ଆରମ୍ଭ କରୁଥିଲା। ଦୁଇ ବିମାନ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଗୋଟିଏ ରନ୍‌ୱେରେ ଟେକ୍-ଅଫ୍ କରୁଥିବାବେଳେ ପ୍ରସ୍ଥାନ ସମୟ ବ୍ୟବଧାନ ମାତ୍ର ୫ ମିନିଟ ଥିଲା। ରନ୍‌ୱେ ୩୦ଆର୍‌ରୁ ହାଇଦ୍ରାବାଦକୁ ଆସୁଥିବା ବିମାନଟି ଅଗ୍ରସର ହେଉଥିବାବେଳେ ସମାନ ଦିଗରୁ ଦ୍ରୁତଗତିରେ ଆଉ ଏକ ବିମାନ ମାଡ଼ିଆସୁଥିବା ଏହାର କ୍ରିଉ ଦେଖିବାକୁ ପାଇଥିଲେ। ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପକ୍ଷରୁ ତୁରନ୍ତ ନିର୍ଦ୍ଦେଶ ଆସିଥିଲା ଟେକ୍-ଅଫ୍ ରଦ୍ଦ କରିବା ପାଇଁ। ଇକେ-୫୨୪ ଟ୍ୟାକ୍ସିୱେ ଏନ୍୪କୁ ଯାଇ ରନ୍‌ୱେକୁ ସୁରକ୍ଷିତ ଭାବେ କ୍ଲିୟର କରିଥିଲା। ଏହା ପଛକୁ ବେଙ୍ଗାଲୁରୁ ଯିବା ପାଇଁ ଇକେ-୫୬୮ ମଧ୍ୟ ଟେକ୍-ଅଫ୍ କରୁଥିଲା। ତାକୁ ମଧ୍ୟ ଟ୍ୟାକ୍ସିୱେ ଏନ୍୪କୁ ଡାଇଭର୍ଟ କରି ଦୁର୍ଘଟଣାରୁ ରକ୍ଷା କରାଯାଇଥିଲା। ଏଟିସି ଅଧିକାରୀମାନଙ୍କ ହସ୍ତକ୍ଷେପ ପରେ ବେଙ୍ଗାଲୁରୁ ଆସିବାକୁ ଥିବା ବିମାନ ଟେକ୍-ଅଫ୍ କରିଥିଲା ଏବଂ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିବାକୁ ଥିବା ବିମାନ କିଛି ସମୟ ପରେ ଉଡ଼ାଣ ଆରମ୍ଭ କରିଥିଲା।

ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ର ବିମାନ ଚଳାଚଳ ତଦନ୍ତକାରୀ ସଂସ୍ଥା ଏୟାର ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ସେକ୍ଟର (ଏଏଆଇଏସ୍) ପକ୍ଷରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷାରେ କିପରି ଏତେ ବଡ଼ ତ୍ରୁଟି ହେଲା ତାହା ଯାଞ୍ଚ କରି ରିପୋର୍ଟ ଦେବାକୁ କୁହାଯାଇଛି। ତେବେ ହାଇଦ୍ରାବାଦକୁ ଆସୁଥିବା ଇକେ୫୨୪ ଏଟିସିର ବିନା ମଞ୍ଜୁରୀରେ ଟେକ୍-ଅଫ୍ କରୁଥିଲା ବୋଲି ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ବୋଇଂ-ବି୭୭୭ ଏୟାରକ୍ରାଫ୍ଟର ସିଟ୍ କାପାସିଟି ୩୫୦ରୁ୪୪୦ ବୋଲି କୁହାଯାଇଛି। ଭାରତର ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ୟୁଏଇ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କୁ ଉକ୍ତ ରିପୋର୍ଟର ଏକ କପି ମାଗିଛି।

## ସ୍ତ୍ରୀଙ୍କ ଫୋନ୍ ବାର୍ତ୍ତାଳାପ ଯାଞ୍ଚ ପ୍ରିଭେସିରେ ହସ୍ତକ୍ଷେପ କି ନୁହେଁ



### ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୧

ଟେଲିଫୋନ୍‌ରେ ସ୍ତ୍ରୀଙ୍କ ବାର୍ତ୍ତାଳାପ ସମ୍ପର୍କରେ ତାଙ୍କ ଅଜାଣତରେ ସ୍ୱାମୀ ଯାଞ୍ଚ କରିବା ପ୍ରିଭେସିରେ ହସ୍ତକ୍ଷେପ କି ନୁହେଁ ତାହା ସୁପ୍ରିମକୋର୍ଟ ଶୁଣାଣି କରିବେ। ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଗତ ଡିସେମ୍ବର ୧୨ରେ ଦେଇଥିବା ଏକ ରାୟକୁ ଜଣେ ବ୍ୟକ୍ତି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ବିନୀତ ଶରଣ ଏବଂ ବି.ଭି. ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କ ଆବେଦନକୁ ଗ୍ରହଣ କରି ନୋଟିସ ଜାରି କରିଛନ୍ତି।

## ଦିଲ୍ଲୀ ଫୁଲବଜାରରୁ ୩ କେଜି ଆଇଇଡି ଠାବ

ନୂଆଦିଲ୍ଲୀ,୧୪।୧(ପି.ଟି.)

ଦିଲ୍ଲୀର ଗାଜିପୁରସ୍ଥିତ ଫୁଲବଜାରରୁ ଶୁକ୍ରବାର ସକାଳେ ୩ କିଲୋଗ୍ରାମ ଓଜନର ଆଇଇଡି ଡିଭାଇସ୍ (ବୋମା) ଠାବ ହୋଇଛି। ସେଥିରେ ଟାଇମର ସଂଯୋଗ ହୋଇଥିଲା। ବୋମାଟି ବିସ୍ଫୋରଣ ହୋଇଥିଲେ ବ୍ୟାପକ କ୍ଷୟକ୍ଷତି ହୋଇଥାନ୍ତା। କେହି ଜଣେ ଏକ ବ୍ୟାଗ୍‌ରେ ବୋମା ଆଣି ଦିଲ୍ଲୀ-ଉତ୍ତରପ୍ରଦେଶ ସୀମା ଗାଜିପୁର ଫୁଲବଜାରରେ ରଖିଯାଇଥିବା ଦିଲ୍ଲୀ ପୋଲିସ କମିଶନର ରାକେଶ ଅସ୍ଥାନା କହିଛନ୍ତି। ବିଶେଷଜ୍ଞ ଟିମ୍ ପହଞ୍ଚି ବୋମାକୁ ନିଷ୍କ୍ରିୟ କରିଥିଲା। ସାଧାରଣତନ୍ତ୍ର ଦିବସ ପୂର୍ବରୁ ଆତଙ୍କ ସୃଷ୍ଟି ପାଇଁ ଏଭଳି କରାଯାଇଥିବା ସନ୍ଦେହ କରାଯାଉଛି।



ଗାଜିପୁର ଫୁଲ ବଜାରରେ ଏନ୍‌ଏସ୍‌ଜି ଯବାନ ଏବଂ ଅଗ୍ନିଶମ କର୍ମଚାରୀମାନେ ଯାଞ୍ଚ କରୁଛନ୍ତି।

ଦିଲ୍ଲୀରେ ସୁରକ୍ଷା ବଢ଼ାଇ ଦିଆଯାଇଛି।

ଏକ ସନ୍ଦେହଜନକ ପରିତ୍ୟକ୍ତ ବ୍ୟାଗ ରଖାଯାଇଥିବା ଦେଖି ସକାଳ ୧୦ଟା ୧୯ରେ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଦିଲ୍ଲୀ ପୋଲିସ ସ୍ୱତନ୍ତ୍ର ସେଲ୍‌ର ଅଧିକାରୀ, ଏନ୍‌ଏସ୍‌ଜିର ବୋମା ଚିହ୍ନଟ ଓ ନିଷ୍କ୍ରିୟକାରୀ ଟିମ୍ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିୟନ୍ତ୍ରିତ ବିସ୍ଫୋରଣ କୌଶଳରେ ବୋମାଟିକୁ ଅକାମୀ କରିଥିଲେ।

## ବିଶପ୍ ମୁଲାକ୍କଲ ଦୋଷମୁକ୍ତ

### ନନ୍ ବଳାତ୍କାର ମାମଲା

କୋଚି,୧୪।୧



କେରଳର ନନ୍ ବଳାତ୍କାର ମାମଲାରେ କାଥୋଲିକ୍ ଚର୍ଚ୍ଚର ବିଶପ୍ ଫ୍ରାନ୍‌ସୋ ମୁଲାକ୍କଲଙ୍କୁ ଶୁକ୍ରବାର କୋଟ୍ଟାୟାମର ଅତିରିକ୍ତ ସେସନ୍ସ କୋର୍ଟ ଦୋଷମୁକ୍ତ କରିଛନ୍ତି। ୨୦୧୮ର ଏହି ଘଟଣା ପାଇଁ ମୁଲାକ୍କଲଙ୍କୁ ଜଲନ୍ଧର ବିଶପ୍ ପଦରୁ ହଟାଯାଇଥିଲା। କୋଟ୍ଟାୟାମ ଅତିରିକ୍ତ ସେସନ୍ସ ଜଜ୍ ଜି. ଗୋପକୁମାର ତାଙ୍କୁ ଦୋଷମୁକ୍ତ ଘୋଷଣା କଲାବେଳେ ମୁଲାକ୍କଲ କାନ୍ଦିପକାଇବା ସହ ଆଇନଜୀବୀମାନଙ୍କୁ ଆଲିଙ୍ଗନ କରିଥିଲେ। ଦୋଷମୁକ୍ତ ହୋଇଥିବାରୁ ସେ ଭଗବାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ନନ୍‌ଙ୍କୁ ମୁଲାକ୍କଲ ୨୦୧୪ ମେ' ୫ରୁ ଦୁଇବର୍ଷ ମଧ୍ୟରେ ୧୩ ଥର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ସେତେବେଳେ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟ ପାଦ୍ରୀମାନେ ନ୍ୟାୟ ଦାବିରେ ଆନ୍ଦୋଳନ କରିଥିଲେ। ନନ୍‌ଙ୍କ ଅଭିଯୋଗକ୍ରମେ ବିଶପ୍‌ଙ୍କୁ ୨୦୧୮ ସେପ୍ଟେମ୍ବରରେ ଗିରଫ କରାଯାଇଥିଲା। ବଳାତ୍କାର ମାମଲାରେ ଗିରଫ ହେବାରେ ସେ ପ୍ରଥମ ଭାରତୀୟ କ୍ୟାଥୋଲିକ ବିଶପ୍।

## ୟୁକ୍ରେନ୍‌ରେ ସାଇବର ଆକ୍ରମଣ

କେଇଭ୍,୧୪।୧

ୟୁକ୍ରେନ୍ ସରକାରଙ୍କ ଅନେକ ୱେବ୍‌ସାଇଟ୍ ଉପରେ ବଡ଼ଧରଣର ସାଇବର ଆକ୍ରମଣ ହୋଇଛି। କ୍ୟାବିନେଟ, ୭ ମନ୍ତ୍ରଣାଳୟ, ଟ୍ରେଜେରି ଓ ନ୍ୟାଶନାଲ ଏମର୍ଜେନ୍ସି ସର୍ଭିସ୍ ସମେତ କେତେକ ରାଜ୍ୟର ସରକାରୀ ୱେବ୍‌ସାଇଟ୍‌କୁ ଟାର୍ଗେଟ କରାଯାଇଛି। ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଏହି ସାଇବର ଆକ୍ରମଣ ସାମ୍ନାକୁ ଆସିଛି। ତେବେ ଏହା ପଛରେ କାହାର ହାତ ଅଛି ତାହା ଜଣାପଡ଼ିନାହିଁ। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଓଲେଗ୍ ନିକୋଲେନ୍‌କୋ ରୁଷିଆ ଉପରେ ସନ୍ଦେହ ବ୍ୟକ୍ତ କରିଛନ୍ତି।

# ଦିନକରେ ୨.୬୪ ଲକ୍ଷ ସଂକ୍ରମିତ



ନୂଆଦିଲ୍ଲୀ,୧୪।୧(ପି.ଟି.)

ଭାରତରେ ଗୋଟିଏ ଦିନରେ ୨,୬୪,୨୦୨ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୩୯ ଦିନ ମଧ୍ୟରେ ଏହା ସର୍ବାଧିକ ଦୈନିକ ସଂକ୍ରମଣ। ଏହାକୁ ମିଶାଇ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୬୫,୮୨,୧୨୯ରେ ପହଞ୍ଚିଛି। ସେଥିରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୫,୭୫୩ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦେଶରେ ସକ୍ରିୟ ମାମଲା ସଂଖ୍ୟା ୧୨,୭୨,୦୭୩ରେ ପହଞ୍ଚିଛି, ଯାହାକି ଗତ ୨୨୦ ଦିନ ମଧ୍ୟରେ ସର୍ବାଧିକ। ୨୪ ଘଣ୍ଟା ମଧ୍ୟରେ କୋଭିଡ୍‌ରେ ୩୧୫ ଜଣଙ୍କ ଜୀବନ ଯାଇଛି। ଏଥିସହିତ ମୋଟ କୋଭିଡ୍ ମୃତ୍ୟୁସଂଖ୍ୟା ୪,୮୫,୩୫୦ ହୋଇଛି।

ସକ୍ରିୟ ମାମଲା ମୋଟ ସଂକ୍ରମଣର ୩.୪୮ ପ୍ରତିଶତ ରହିଥିବାବେଳେ ଆରୋଗ୍ୟ ହାର ୯୫.୨୦ ପ୍ରତିଶତକୁ ହ୍ରାସ ପାଇଛି। ଗତବର୍ଷ ମେ' ୧୯ରେ ଦୈନିକ ସଂକ୍ରମଣ ୨,୭୬,୧୧୦ ଥିଲା। ୨୪ ଘଣ୍ଟାରେ ସକ୍ରିୟ ମାମଲା ୧,୫୪,୫୪୨ ବୃଦ୍ଧି ପାଇଛି। ଦୈନିକ ପଜିଟିଭିଟି ହାର ୧୪.୭୮% ଏବଂ ସାପ୍ତାହିକ ପଜିଟିଭିଟି ହାର ୧୧.୮୩% ରହିଛି।

### ୬ ସପ୍ତାହ ପରେ ଆଫ୍ରିକାରେ କମିଲା ସଂକ୍ରମଣ

ଜେନେଭା,୧୪।୧(ପି.ଟି.)

କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ପ୍ରଥମେ ଚିହ୍ନଟ ହୋଇଥିବା ଆଫ୍ରିକୀୟ ଦେଶରେ ୬ ସପ୍ତାହ ପରେ ଚତୁର୍ଥ ଲହର ସଂକ୍ରମଣ କମିବା ଆରମ୍ଭ ହୋଇଛି। ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ସଂକ୍ରମଣ ଯେତେ ଶୀଘ୍ର ବ୍ୟାପୁଛି, ସେତେ ଶୀଘ୍ର ଏହା ହ୍ରାସ ପାଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୨୪ରେ ପ୍ରଥମେ ଦକ୍ଷିଣ ଆଫ୍ରିକାରେ ଓମିକ୍ରନ୍ ଭାରିଆଣ୍ଟ ଚିହ୍ନଟ ହୋଇଥିଲା। ନଭେମ୍ବର ୨୬ରେ ଡବ୍ଲ୍ୟୁଏଚ୍‌ଓ ଏହାର ନାଁ ଓମିକ୍ରନ୍ ରଖିବା ସହ ଏହା ଚିନ୍ତାଜନକ ଭାରିଆଣ୍ଟ ବୋଲି କହିଥିଲା। ଖୁବ୍ କମ୍ ଦିନ ମଧ୍ୟରେ ଏହି ଭାରିଆଣ୍ଟ ଶତାଧିକ ଦେଶକୁ ବ୍ୟାପିଯାଇଥିଲା। ଓମିକ୍ରନ୍ ପାଇଁ ଆଫ୍ରିକାରେ କୋଭିଡ୍‌ର ଚତୁର୍ଥ ଲହର ଆସିଥିଲା। ସଂକ୍ରମଣ କମ୍ ଦିନ ପାଇଁ ବଢ଼ିଥିଲେ ମଧ୍ୟ କମ୍ ଅସ୍ଥିରତା ସୃଷ୍ଟି କରିନାହିଁ। ଆଫ୍ରିକାକୁ ପୁଣିଥରେ ଅଣ୍ଟା ସଳଖିବାକୁ ଦ୍ରୁତ ଟିକାକରଣ ସମେତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ପଡ଼ିବ। ପରବର୍ତ୍ତୀ ଲହର ହୁଏତ ଦୀର୍ଘ ଓ ଗୁରୁତର ସ୍ଥିତି ସୃଷ୍ଟି କରିପାରେ ବୋଲି ଡବ୍ଲ୍ୟୁଏଚ୍‌ଓର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମାତଶିଡିସୋ ମୋଏତି କହିଛନ୍ତି।

## ରେଳ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୯

ଗୁଆହାଟୀ,୧୪।୧

### ଦୁର୍ଘଟଣାସ୍ଥଳ ପରିଦର୍ଶନ କଲେ ରେଳମନ୍ତ୍ରୀ

ବିକାନେର-ଗୁଆହାଟୀ ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୯କୁ ବୃଦ୍ଧି ପାଇଛି। ଆହତ ୩୬ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ଅପରାହ୍ନରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଜିଲାରେ ଉକ୍ତ ଟ୍ରେନ୍‌ର ୧୨ଟି ବଗି ଲାଇନଚ୍ୟୁତ ହୋଇଥିଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ସକାଳେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେ ରେଳଲାଇନ୍ ଏବଂ ଇଞ୍ଜିନକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିଥିଲେ। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ରେଳମନ୍ତ୍ରୀ ସକାଳ ୯ଟା ୩୮ରେ ଦୋମୋହାନି ରେଳଷ୍ଟେଶନରେ ପହଞ୍ଚିବା ପରେ ସେଠାରୁ ଏକ ମୋଟର ଟ୍ରଲିରେ ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ଆହତଙ୍କ ମଧ୍ୟରୁ ୨୩ ଜଣ ଜଲପାଇଗୁଡ଼ି ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୬ ଜଣ ଉତ୍ତର ବେଙ୍ଗଲ ମେଡିକାଲ କଲେଜରେ ଏବଂ ୭ ଜଣ ମୟନାଗୁରି ରୁରାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।



ବିକାନେର ଏକ୍ସପ୍ରେସ୍ ଦୁର୍ଘଟଣାସ୍ଥଳରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ଧରିତ୍ରୀ
DHARITRI
ଶନିବାର, ଜାନୁୟାରୀ ୧୫/୨୦୨୨ | Saturday, January 15/2022 | ପୃଷ୍ଠା-୧



### ୩ କିମ୍ବା ୪ ଆସନ ପାଇବ ଭାଜପା: ଅଖିଳେଶ

ଭାଜପାରୁ ଆସି ଏସ୍‌ପିରେ ଯୋଗଦେଇଥିବା ନେତାଙ୍କୁ ସଦସ୍ୟତା ଦେବା ଅବସରରେ ଅଖିଳେଶ କହିଛନ୍ତି, ଭାଜପା ତିନି-ଚତୁର୍ଥାଂଶ ନୁହେଁ, ୩ କିମ୍ବା ୪ ଆସନ ପାଇବ।

୦୩

୦୬

### ପିଟରସନ ପ୍ଲେୟର ଅଫ୍ ଦି ମ୍ୟାଚ୍

ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବ୍ୟାଟର କିଗନ ପିଟରସନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



# ବଜ୍ରପାତରେ ଓଡ଼ିଶାରେ ସର୍ବାଧିକ ମୃତ୍ୟୁ

- ଦେଶରେ ଭୀଷଣ ପାଗ ନେଇଛି ୧,୭୫୦ ଜୀବନ
- ୨୦୨୧ ପଞ୍ଚମ ସର୍ବାଧିକ ଉତ୍ତପ୍ତ ବର୍ଷ: ଆଇଏମ୍‌ଡି

**ନୂଆଦିଲ୍ଲୀ,୧୪।୧(ପି.ଟି.)**

ବର୍ଷ ୨୦୨୧ରେ ବନ୍ୟା, ସାମୁଦ୍ରିକ ବାତ୍ୟା, ପ୍ରବଳ ବର୍ଷା, ଭୂସ୍ଖଳନ, ବଜ୍ରପାତ ଆଦି ଭୀଷଣ ପାଗ ଯୋଗୁ ୧,୭୫୦ ଲୋକଙ୍କ ଜୀବନ ଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୩୫୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ମଧ୍ୟପ୍ରଦେଶ ରହିଛି। ଓଡ଼ିଶାରେ ଗତବର୍ଷ ଭୀଷଣ ପାଗ ଯୋଗୁ ୨୨୩ ଜଣଙ୍କୁ ଜୀବନ ଯାଇଛି। ସେହିଭଳି ଓଡ଼ିଶାରେ କେବଳ ବଜ୍ରପାତରେ ସର୍ବାଧିକ ୨୧୩ ଜଣଙ୍କ ମୃତ୍ୟୁ ହୋଇଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରିପୋର୍ଟରେ କୁହାଯାଇଛି। ଗତବର୍ଷ ଭାରତରେ ଘଡ଼ଘଡ଼ି ବର୍ଷା ଓ ବଜ୍ରପାତରେ ୭୮୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରବଳ ବର୍ଷା ଓ ବନ୍ୟାରେ ୭୫୯ ଏବଂ ବାତ୍ୟାରେ ୧୭୨ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଭୀଷଣ ପାଗ ଯୋଗୁ ୩୨ ଜଣଙ୍କ ପ୍ରାଣହାନି ଘଟିଥିବା ଆଇଏମ୍‌ଡି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ମହାରାଷ୍ଟ୍ରରେ ବର୍ଷା ଓ ବନ୍ୟାରେ ୨୧୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉତ୍ତରାଖଣ୍ଡରେ ୧୪୩, ହିମାଚଳପ୍ରଦେଶରେ ୫୫, କେରଳରେ ୫୩ ଏବଂ ଆନ୍ଧ୍ରପ୍ରଦେଶରେ ୪୬ ଜଣଙ୍କ ଜୀବନ ଯାଇଛି। ବଜ୍ରପାତରେ ମଧ୍ୟପ୍ରଦେଶରେ ୧୫୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବିହାରରେ ୮୯, ମହାରାଷ୍ଟ୍ରରେ ୭୬, ପଶ୍ଚିମବଙ୍ଗରେ ୫୮, ଝାଡ଼ଖଣ୍ଡରେ ୫୪, ଉତ୍ତରପ୍ରଦେଶରେ ୪୯ ଏବଂ ରାଜସ୍ଥାନରେ ୪୮ ଜଣ



ପ୍ରାଣ ହରାଇଥିଲେ। ପାଣିପାଗ ବିଭାଗ ଅନୁଯାୟୀ ଓଡ଼ିଶାରେ ଭୀଷଣ ପାଗ ୨୨୩ ଜୀବନ ନେଇଥିବାବେଳେ ମଧ୍ୟପ୍ରଦେଶରେ ୧୯୧, ଉତ୍ତରାଖଣ୍ଡରେ ୧୪୯, ବିହାରରେ ୧୦୨, ଉତ୍ତରପ୍ରଦେଶରେ ୯୮, ଗୁଜରାଟରେ ୯୨ ଏବଂ ପଶ୍ଚିମବଙ୍ଗରେ ୮୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି କେରଳରେ ୬୭, ରାଜସ୍ଥାନରେ ୬୨, ହିମାଚଳପ୍ରଦେଶରେ ୫୯, ଝାଡ଼ଖଣ୍ଡରେ ୫୭, ଆନ୍ଧ୍ରରେ ୫୦, କର୍ନାଟକରେ ୪୫, ତାମିଲନାଡୁରେ ୩୪, ଜମ୍ମୁ-କଶ୍ମୀରରେ ୩୨, ତେଲଙ୍ଗାନାରେ ୨୫ ଓ ଆସାମରେ ୧୪ ଜଣଙ୍କ ଜୀବନ ଯାଇଛି। ଦିଲ୍ଲୀରେ ମୋଟ ୭ ମୃତ୍ୟୁ ମଧ୍ୟରୁ ପ୍ରବଳ ବର୍ଷା ଓ ବନ୍ୟା ଭଳି ସ୍ଥିତିଜନିତ ମୃତ୍ୟୁସଂଖ୍ୟା ୪ ରହିଛି।

୨୦୨୧ରେ ଭାରତରେ ପଞ୍ଚମ ସର୍ବାଧିକ ଉତ୍ତପ୍ତ ବର୍ଷ ଥିଲା ବୋଲି ଶୁକ୍ରବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଗତବର୍ଷ ବାର୍ଷିକ ହାରାହାରି ବାୟୁ ତାପମାତ୍ରା ସ୍ୱାଭାବିକଠାରୁ ୦.୪୪ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିବା ରେକର୍ଡ କରାଯାଇଛି। ୧୯୦୧ରୁ ପ୍ରତିବର୍ଷ ଦେଶର ହାରାହାରି ଉତ୍ତାପ ଅନୁଧ୍ୟାନ କରାଯାଉଛି। ପୂର୍ବରୁ ୨୦୦୯, ୨୦୧୦, ୨୦୧୬ ଏବଂ ୨୦୧୭ ଉତ୍ତପ୍ତ ବର୍ଷ ଥିଲା। ଶୀତ ଋତୁ ଏବଂ ବର୍ଷାଦିନ ପୂର୍ବରୁ ଉଚ୍ଚ ତାପମାତ୍ରା ଯୋଗୁ ବାର୍ଷିକ ☞ପୃଷ୍ଠା-୨



ଇଂଲଣ୍ଡର ବର୍ମିଂହାମ୍‌ଠାରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭୁବନେଶ୍ୱରରେ ଶୁକ୍ରବାର ପହଞ୍ଚିଥିବା 'କୁଇନ୍ସ ବାଟନ' ସହ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଅଭିଜିତ ପାଲ, ଦିଲୀପ ତିର୍କୀ, ଅନୁରାଧା ବିଶ୍ୱାଳ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନର ପ୍ରତିନିଧି।

## ଭୁବନେଶ୍ୱରରେ କୁଇନ୍ସ ବାଟନ

**ଭୁବନେଶ୍ୱର, ୧୪।୧, (କ୍ରୀଡ଼ା ପ୍ରତିନିଧି)**

ଇଂଲଣ୍ଡର ବର୍ମିଂହାମଠାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୨ତମ ସଂସ୍କରଣ ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ପାରମ୍ପରିକଭାବେ କୁଇନ୍ସ ବାଟନ ବିଭିନ୍ନ ଦେଶ ଭ୍ରମଣ କରୁଛି। ଏହି କ୍ରମରେ ସମ୍ପ୍ରତି ଭାରତ ଭ୍ରମଣରେ ଥିବା କୁଇନ୍ସ ବାଟନ ଶୁକ୍ରବାର ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ପହଞ୍ଚିଛି। ଭୁବନେଶ୍ୱରରେ ପହଞ୍ଚିବା ପରେ ଅପରାହ୍ନ ୫ଟାରେ କୁଇନ୍ସ ବାଟନକୁ ବିମାନ ବନ୍ଦରରେ ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅଫିସିଆଲମାନେ ସ୍ୱାଗତ କରିଛନ୍ତି। ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ପ୍ରତିନିଧି ହରିଓଁ କୌଶିକ୍ କୁଇନ୍ସ ବାଟନକୁ ଦିଲୀପଙ୍କୁ ହସ୍ତାନ୍ତର କରିଥିଲେ। ଏହାପରେ ଦିଲୀପ ଏହି ବାଟନକୁ ଏକ ଖୋଲା ଗାଡ଼ିରେ ବିମାନବନ୍ଦରରୁ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଆଣିଥିଲେ। ଅନୁରାଧା ଓ ଶ୍ରଦ୍ଧାଞ୍ଜଳି ଉପସ୍ଥିତ ଥିଲେ।

## ୩୧ରୁ ପାର୍ଲାମେଣ୍ଟର ବଜେଟ ଅଧିବେଶନ

**ଫେବୃୟାରୀ ୧ରେ ବଜେଟ**

**ନୂଆଦିଲ୍ଲୀ,୧୪।୧(ପି.ଟି.)**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁୟାରୀ ୩୧ରୁ ଆରମ୍ଭ ହୋଇ ଏପ୍ରିଲ୍ ୮ ପର୍ଯ୍ୟନ୍ତ ଚାଲିବ। ୩୧ରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ହେବାକୁ ଥିବାବେଳେ ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୨-୨୩ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ। ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟିର ଅନୁମୋଦନ ଅନୁଯାୟୀ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁୟାରୀ ୩୧ରୁ ଫେବୃୟାରୀ ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ମାସେ ବିରତି ପରେ ମାର୍ଚ୍ଚ ୧୪ରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷ ହେବ। ବିରତି ସମୟରେ ବିଭାଗୀୟ ସଂସଦୀୟ କମିଟି ବିଭିନ୍ନ ମନ୍ତ୍ରଣାଳୟ ପାଇଁ ହୋଇଥିବା ବ୍ୟୟ ବରାଦର ସମୀକ୍ଷା କରିବେ।

କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଥିବାରୁ ଏମ୍‌ପିମାନଙ୍କ ସମେତ ପାର୍ଲାମେଣ୍ଟ ଭବନ ଯିବାକୁ ଥିବା ସମସ୍ତଙ୍କୁ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ଏବଂ ସମ୍ପୂର୍ଣ୍ଣ ଡୋଜ୍ ଟିକା ନେଇଥିବାର ସାର୍ଟିଫିକେଟ ଦାଖଲ ☞ପୃଷ୍ଠା-୨

## ଜୋକୋଭିଚ୍‌ଙ୍କ ଭିଜା ପୁଣି ରଦ୍ଦ



ନୋଭାକ୍ ଜୋକୋଭିଚ୍

**ମେଲବୋର୍ନ, ୧୪।୧ (ଏପି)**

ଅଷ୍ଟ୍ରେଲିଆ ସରକାର ଦ୍ୱିତୀୟ ଥର ପାଇଁ ନୋଭାକ୍ ଜୋକୋଭିଚ୍‌ଙ୍କ ଭିଜାକୁ ରଦ୍ଦ କରିଛନ୍ତି। ଫଳରେ କୋଭିଡ୍ ଟିକା ନେଇ ନ ଥିବାରୁ ବିଶ୍ୱର ନମ୍ବର ୧ ଟେନିସ ଖେଳାଳିଙ୍କୁ ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଖେଳିବାକୁ ଅନୁମତି ଦିଆଯିବ କି ନା ସେ ନେଇ ଚାଲିଥିବା ନାଟକ ଭିନ୍ନ ମୋଡ ନେଇଛି। ସର୍ବୀୟ ଖେଳାଳି ବର୍ତ୍ତମାନ ପ୍ରତ୍ୟର୍ପଣର ସମ୍ମୁଖୀନ ହୋଇଛନ୍ତି। ଦେଶର ଇମିଗ୍ରେଶନ ମନ୍ତ୍ରୀ ଆଲେକ୍ସ ହକ୍ ଶୁକ୍ରବାର କହିଛନ୍ତି, ସାଧାରଣ ଜନତାଙ୍କ ସ୍ୱାର୍ଥ ଲାଗି ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ସେ ୩୪ବର୍ଷୀୟ ଟେନିସ୍ ଷ୍ଟାରଙ୍କ ଭିଜାକୁ ରଦ୍ଦ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ସୋମବାରଠାରୁ ଆରମ୍ଭ ହେବ। ଜୋକୋଭିଚ୍ ଇତିମଧ୍ୟରେ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ସାରିଛନ୍ତି। ତନ୍ମଧ୍ୟରୁ ସେ ଅଷ୍ଟ୍ରେଲିଆରେ ରେକର୍ଡ ୯ଥର ଟାଇଟଲ ବିଜେତା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ରାଜନୀତି ମନସ୍କ**

**ଆଜିର ମନ୍ତବ୍ୟ**

"ଯାତ୍ରୀଙ୍କ ସୁରକ୍ଷା ଲାଗି ୮ ଆସନ ବିଶିଷ୍ଟ ଯାନରେ ସର୍ବନିମ୍ନ ୬ଟି ଏୟାରବ୍ୟାଗ୍‌କୁ ବାଧ୍ୟତାମୂଳକ କରାଯିବ।

**-ନୀତୀନ ଗଡକରୀ, କେନ୍ଦ୍ରମନ୍ତ୍ରୀ**

# ଢିଙ୍କିଆବାସୀ-ପୋଲିସ ସଂଘର୍ଷ

**ମହିଳାଙ୍କ ଉଲଗ୍ନ ପ୍ରତିବାଦ, ପୋଲିସର ଲାଠିମାଡ଼**

- ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

**କୁଜଙ୍ଗ,୧୪।୧(ଡି.ଏନ୍.ଏ.)**

ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ହେଉଥିବା ପାନବରଜ ଉଚ୍ଛେଦକୁ ନେଇ ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ଶୁକ୍ରବାର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ ଓ ଢିଙ୍କିଆ ଗାଁର ବହୁ ଲୋକ ପରସ୍ପର ମୁହାଁମୁହିଁ ହୋଇଛନ୍ତି। ମହିଳାମାନେ ଉଲଗ୍ନ ହୋଇ ପ୍ରତିବାଦ କରିଛନ୍ତି। ପୋଲିସ ଆନ୍ଦୋଳନକାରୀ ମହିଳା, ପୁରୁଷଙ୍କୁ ଗୋଡ଼ାଇ ଗୋଡ଼ାଇ ନିର୍ଘୃମ ପିଟିବା ସହ ଢିଙ୍କିଆ ଗ୍ରାମର ୩ ପ୍ରବେଶ ପଥରେ କରାଯାଇଥିବା ଅସ୍ଥାୟୀ ଫାଟକକୁ ଭାଙ୍ଗି ଦେଇଛି। କେତେଜଣ ଗ୍ରାମବାସୀଙ୍କ ସମେତ ପୋଲିସ କର୍ମୀ ଆହତ ହୋଇଛନ୍ତି। ପ୍ରକଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁ, ଢିଙ୍କିଆ ଗ୍ରାମ୍ୟ କମିଟି ସଭାପତି ମୁରଲୀଧର ସାହୁ, ବାମପନ୍ଥୀ ନେତା ନରେନ୍ଦ୍ର ମହାନ୍ତି ଓ ତୀର୍ଥ ମଲ୍ଲିକଙ୍କୁ ପୋଲିସ ଅଟକ ରଖିଛି। ଘଟଣାସ୍ଥଳରେ ପାରାଦୀପ ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ ଓ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ ଉପସ୍ଥିତ ଥିବା ବେଳେ ସେଠାରେ ୧୫ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜନଶୁଣାଣି ବେଳେ ଗଡ଼କୁଜଙ୍ଗ, ନୂଆଗାଁ, ପାଟଣା ଓ ଗୋବିନ୍ଦପୁରରେ ବହୁ ଲୋକ ସର୍ତ୍ତମୂଳକ ସମର୍ଥନ ଦେଇଥିବାବେଳେ ଢିଙ୍କିଆରେ ଅଧିକାଂଶ ଗ୍ରାମବାସୀ ବିରୋଧ କରିଥିଲେ। ପ୍ରକଳ୍ପକୁ ନେଇ ଢିଙ୍କିଆବାସୀଙ୍କ ବିରୋଧ ଜାରି ରହିଛି ଏବଂ ବିଭିନ୍ନ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଶୁକ୍ରବାର ପୂର୍ବାହ୍ନରେ ଢିଙ୍କିଆର ମାହାଳ ପଟୁ ପାନବରଜ ଉଚ୍ଛେଦ କରି ଜମି ଅଧିଗ୍ରହଣ କରାଯାଉଥିଲା। ପ୍ରଶାସନ ଜୋରଜବରଦସ୍ତି ଉଚ୍ଛେଦ କରୁଥିବା ଅଭିଯୋଗ କରି ଢିଙ୍କିଆର ବହୁ ଲୋକ ଶୋଭାଯାତ୍ରା କରି ଆସିଥିଲେ। ଏଥିରେ ଶତାଧିକ ମହିଳା, ପୁରୁଷ ଓ ପିଲା ସାମିଲ ହୋଇଥିଲେ। ଆନ୍ଦୋଳନକାରୀମାନେ ମାହାଳ ପଟ ଫାଟକ ନିକଟରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାପରେ ଉଭୟ ପକ୍ଷରୁ ଠେଲାପେଲା ଓ ଧସ୍ତାଧସ୍ତି ଆରମ୍ଭ ହୋଇଥିଲା। ଦେଖୁ ଦେଖୁ ସେହି ଅଞ୍ଚଳ ସଂଘର୍ଷ କ୍ଷେତ୍ର ପାଲଟିଥିଲା।

ତହସିଲଦାର ପ୍ରଜ୍ଞାନନ୍ଦ ଦାସ ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି, ଶୋଭାଯାତ୍ରା ପାଇଁ ଅନୁମତି ନ ଥିବା ଏବଂ କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିବା ଦର୍ଶାଇ ସେମାନଙ୍କୁ ଅଟକାଇବାରୁ ଆମକୁ ଆକ୍ରମଣ କରାଯାଇଥିଲା। ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେଜଣ ମହିଳା ପଲିଥିନ୍‌ରେ ପରିସ୍ରା ରଖି ମହିଳା ପୋଲିସ କର୍ମୀଙ୍କ ଉପରକୁ ଫିଙ୍ଗିବା ସହ ☞ପୃଷ୍ଠା-୨



ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗ୍ରାମ ନିକଟରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ପାନବରଜ ଉଚ୍ଛେଦବେଳେ ଉତ୍ତେଜନା ହେବାରୁ ପୋଲିସର ଲାଠିମାଡ଼।

## ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧୩.୫୬%

**ନୂଆଦିଲ୍ଲୀ,୧୪।୧**

ଦେଶରେ ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୨୦୨୧ ଡିସେମ୍ବରରେ ୧୩.୫୬% ରହିଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ୨୦୨୦ ଡିସେମ୍ବର ୧.୯୫% ଏବଂ ନଭେମ୍ବରରେ ୨.୨୯% ରହିଥିଲା। ଖଣିଜ ତୈଳ, ମୌଳିକ ଧାତୁ, ଅଶୋଧିତ ପେଟ୍ରୋଲ ଓ ପ୍ରାକୃତିକ ଗ୍ୟାସ୍, ରାସାୟନିକ ପଦାର୍ଥ, ଖାଦ୍ୟଶସ୍ୟ, ବୟନ, କାଗଜ ସାମଗ୍ରୀର ମୂଲ୍ୟ ବଢ଼ିବା ଯୋଗୁ ପାଇକାରୀ ମୁଦ୍ରାସ୍ଫୀତି ଏଭଳି ଉଚ୍ଚ ହାରରେ ରହିଛି। କିନ୍ତୁ ପୂର୍ବ ୪ ମାସର ବର୍ଦ୍ଧିତ ଧାରାରେ ବ୍ରେକ୍ ଲାଗିଛି। ବିଶେଷକରି ଗତ ନଭେମ୍ବର ତୁଳନାରେ କମ୍ ରହିଛି। ପାଇକାରୀ ମୁଦ୍ରାସ୍ଫୀତି ଗତ ନଭେମ୍ବରରେ ସର୍ବାଧିକ ୧୪.୨୩% ରହିଥିବାବେଳେ ଅକ୍ଟୋବରରେ ଏହା ୧୩.୮୩%, ସେପ୍ଟେମ୍ବରରେ ୧୧.୮% ଏବଂ ଅଗଷ୍ଟରେ ୧୧.୬୪% ରହିଥିଲା। ଅବଶ୍ୟ ଗତ ଏପ୍ରିଲଠାରୁ ୯ ମାସ ହେଲା ପାଇକାରୀ ମୁଦ୍ରାସ୍ଫୀତି ଦୁଇ ଅଙ୍କରେ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ମାମୁନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅରୁଣ ବୋଥ୍ରାଙ୍କୁ କରୋନା

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**



ପରିବହନ କମିଶନର ଅରୁଣ ବୋଥ୍ରା କରୋନାରେ ସଂକ୍ରମିତ ହୋଇଛନ୍ତି। ଏ ନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ପ୍ରାୟ ୨ ବର୍ଷ ହେଲା କୋଭିଡ୍‌ରୁ ବର୍ତ୍ତି ଯାଇଥିଲେ ମଧ୍ୟ ଶେଷରେ ତା' ହାବୁଡ଼ରେ ପଡ଼ିଲି। ଗୁରୁବାର କରୋନା ପଜିଟିଭ୍ ବାହାରିଲା ଓ ହସ୍ପିଟାଲରେ ଭର୍ତ୍ତି ହୋଇଛି। ତେବେ ବର୍ତ୍ତମାନ ସୁସ୍ଥ ଥିବା ବୋଥ୍ରା କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଥାରେ କପଡା ପାଦରେ ତେଲ**
**ବଇଦ ସାଙ୍ଗରେ କରିବ ଗେଲ ।**

ମୁଣ୍ଡରେ କପଡ଼ା ବା ପଗଡ଼ି ବାନ୍ଧିଲେ ଖରାବାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ। ଏ ସମସ୍ତ ସ୍ୱାସ୍ଥ୍ୟ ପାଇଁ ଉପକାରୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୌନ ମୁହାଁ, ମୌନ ମୁହିଁ;**
**ଏ ଦୁହିଁଙ୍କୁ ପରତେ ନାହିଁ ।**

ଯେଉଁମାନେ ସବୁବେଳେ ମୌନ ବା ଚୁପଚାପ ରହିଥାନ୍ତି, ସେମାନଙ୍କ ଭିତିରି ମନର କଥା ସହଜରେ ଜାଣି ହୋଇପାରି ନ ଥାଏ। ଖୋଲି କରି କାହା ଆଗରେ କଥା ହେଉ ନ ଥିବାରୁ ତାଙ୍କ ଅନ୍ତରରେ କ'ଣ ଅଛି ତାହା ଠଉରେଇବା କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ -ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୁଜଙ୍ଗ ବନାଞ୍ଚଳରେ ୩୯,୧୨୩ ବିଦେଶାଗତ ପକ୍ଷୀ

**ପାରାଦୀପ,୧୪।୧(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବନାଞ୍ଚଳ ପକ୍ଷରୁ ଚାଲିଥିବା ପକ୍ଷୀଗଣନା କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ କୁଜଙ୍ଗ ବନାଞ୍ଚଳ ଅଧୀନରେ ଥିବା ୪ ସ୍ଥାନରେ ପକ୍ଷୀଗଣନା ହୋଇଥିଲା। ଚଳିତବର୍ଷ ଏଠାକୁ ସମୁଦାୟ ୩୯,୧୨୩ ବିଦେଶାଗତ ପକ୍ଷୀ ଆସିଛନ୍ତି। ଗତବର୍ଷ ତୁଳନାରେ ଏହା ଅଳ୍ପ କମ୍ ବୋଲି ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କହିଛନ୍ତି। ଏଥିରେ ପିପିଏଲ୍ ଟାଉନଶିପ୍ ପରିସରରେ ଥିବା ୧୬ ଜଳାଶୟରେ ୧୦,୦୬୦, ଜଟାଧାରମୁହାଁଣରେ ୧୫,୫୨୮, ହାଓ୍ୱାଖାନାରେ ୧୧,୧୫୯ ଓ ପାରାଦୀପ ବନ୍ଦରଠାରେ ୨୩୭୬ ପକ୍ଷୀ ଆଶ୍ରୟ ନେଇଥିବା ଜଣାପଡ଼ିଛି। ପିପିଏଲ ପରିସରରେ ଗତ ୧୦ ବର୍ଷ ହେଲା ବିଦେଶାଗତ ପକ୍ଷୀଙ୍କ ସମାଗମ ହେଉଛି। ଏହି ପକ୍ଷୀ ସମ୍ଭାର ସମ୍ପର୍କରେ ପ୍ରକାଶିତ ପୁସ୍ତକକୁ ଗତ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଥିଲେ ବୋଲି କମ୍ପାନୀ ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ରର ମାନସିକ ଶିଥିଳତା ସହ ଅସ୍ଥିରତା ଭିତରେ ଦିନଟି ଅତିବାହିତ ହେବ। ଆତ୍ମୀୟ ସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ। ସଭାସମିତି, ମନୋରଞ୍ଜନ କିମ୍ବା କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିପାରନ୍ତି। ଆର୍ଥିକ ଉନ୍ନତି ସହ ଶିକ୍ଷା, ସନ୍ତାନଙ୍କ କ୍ଷେତ୍ରରେ ସାମୟିକ ସମସ୍ୟା ଆସିପାରେ।

**ବୃଷ** ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ବିବାଦୀୟ ମନ୍ତବ୍ୟ ଦେଇପାରନ୍ତି। ରୋହିଣୀ ନକ୍ଷତ୍ର ସବୁ କାମରେ ଆଗୁଆ ରହିବାରୁ ଶାରୀରିକ କ୍ଳାନ୍ତି ଅନୁଭବ କରିବେ। ପରିବାରର ବ୍ୟୟ ବୃଦ୍ଧି ହୋଇପାରେ। କଚେରି ମାମଲା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତା, ପ୍ରଶାସନ, ସଂଗଠନ, ରାଜନୀତିରେ ଲକ୍ଷ୍ୟ ହାସଲ କରିବେ।

**ମିଥୁନ** ଆଜି ପୁନର୍ବସୁ ନକ୍ଷତ୍ର ଯେତିକି ଅର୍ଥ ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। କାହାରି କଥାରେ ଭାସିଯାଇ କାମ କଲେ ଅନୁତାପ କରିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ମାତ୍ର ବ୍ୟବସାୟ, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ** ସତର୍କରେ ନ ଚଳିଲେ ଅର୍ଥହାନି ଏବଂ ସଂଯମରେ ନ କହିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। କୌଣସି ବନ୍ଧୁ ସ୍ୱାର୍ଥସାଧନ ଲାଗି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ପୁଷ୍ୟା ନକ୍ଷତ୍ର ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ, ପ୍ରଶାସନ, ସଂଗଠନ, ରାଜନୀତିରେ ଅଭିଯୋଗ ଆସିପାରେ।

**ସିଂହ** ଆଜି ଉତ୍ତରା ଫାଲଗୁନୀ ଯେଉଁ କାମରେ ହାତ ଦେବେ ସଫଳତା ପାଇବା କଷ୍ଟକର ହେବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଦିନ ଗୋଟାଏ ପରେ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପଦସ୍ଥ ବ୍ୟକ୍ତିଙ୍କ ପୃଷ୍ଠପୋଷକତା ଲାଭକରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେଇପାରିବେ।

**କନ୍ୟା** କର୍ମଜଞ୍ଜାଳ ବୃଦ୍ଧି ଯୋଗୁ ମାନସିକ ଶାନ୍ତି ପାଇବେ ନାହିଁ। ଚିତ୍ରା ନକ୍ଷତ୍ର ବନ୍ଧୁଗୃହ ଗମନ ଯୋଗ ରହିଛି। ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ ଅନ୍ୟଥା କଳହର ଆଶଙ୍କା ରହିଛି। ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡ଼ିପାରନ୍ତି, ଏଣୁ ସତର୍କତା ଅବଲମ୍ବନ କରିବା ଭଲ ।

**ତୁଳା** ଆର୍ଥିକ ଉନ୍ନତି ସହ ବୈଷୟିକ ସୁଖ, ସମୃଦ୍ଧି ସ୍ୱାତୀ ନକ୍ଷତ୍ର ସକାଶେ ଆତ୍ମତୃପ୍ତିର କାରଣ ହେବ। ନିଜ ଲୋକଙ୍କୁ ପାଖରେ ପାଇ ଦୁଃଖ ଭୁଲିଯାଇ ପାରନ୍ତି। ସ୍ୱାତୀ ନକ୍ଷତ୍ର ବନ୍ଧୁଙ୍କ ନିକଟରୁ କୌଣସି ବାଧିଲାଭଳି କଥା ଶୁଣି ଫେରିବାକୁ ମନସ୍ଥ କରିପାରନ୍ତି। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ।

**ବିଛା** ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। ସ୍ୱାସ୍ଥ୍ୟଗତ ସମସ୍ୟା ଓ କର୍ମକ୍ଷେତ୍ରରେ ଅସନ୍ତୋଷର ବାତାବରଣ ମଧ୍ୟରେ ବିଶେଷ ଭାବରେ ବିଚଳିତ ହୋଇପାରନ୍ତି। ଅନୁରାଧା କଳା, ସାହିତ୍ୟ ଓ ବନ୍ଧୁ ମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ନିର୍ମାଣ, ମାଲି ମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତାରେ ଜୟଯୁକ୍ତ ହୋଇପାରନ୍ତି।

**ଧନୁ** ସମ୍ପର୍କୀୟଙ୍କ ଆତ୍ମୀୟତା ସଙ୍ଗକୁ ଅଭିଳାଷ ପୂରଣ ଜନିତ ମନ ଖୁସି ରହିବ। ଭାଙ୍ଗି ପଡିଥିବା ସମ୍ପର୍କକୁ ଯୋଡିବା ସକାଶେ ଚେଷ୍ଟା କରି ମଧ୍ୟ ପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଆନୁଷ୍ଠାନିକ କାମରେ ଉନ୍ନତି କରିବେ। ଉତ୍ତରାଷାଢା ନକ୍ଷତ୍ରର ପାରିବାରିକ ସମସ୍ୟାର ସମାଧାନ ଆଶା କ୍ରମଶଃ ଉଜ୍ଜ୍ୱଳତର ହୋଇପାରେ।

**ମକର** କର୍ମକ୍ଷେତରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଭାବାବେଗକୁ ରୋକି ପାରିବେ ନାହିଁ। ଉତ୍ତରାଷାଢା ନକ୍ଷତ୍ରର ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ଦେଖିବାକୁ ମିଳିବ। ପ୍ରଶାସନିକ କ୍ଷେତ୍ରରେ, କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଆଦୃତ ହେବେ ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦକୁ ଟାଣି ହୋଇ ପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନ ଭାରାକ୍ରାନ୍ତ ରହିବ। ପୂର୍ବଭାଦ୍ରବ ନକ୍ଷତ୍ରକୁ ବିବାଦୀୟ ଘଟଣାରେ, କର୍ମକ୍ଷେତ୍ରରେ, ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ସାଧାରଣ କଥାରୁ ସମ୍ପର୍କରେ ଭଙ୍ଗା ପଡିପାରେ।

**ମୀନ** ଆଜି ଦିନଟିରେ ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ତଥାପି ରହିବ। ଗତକାଲିର ଯୋଜନା ଓ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ।


# classifieds Everyday

0674-2580101, 2549302




**SALE**

Swift Dezire 10900 KMS RUN 2016 and Chevrolet Sail Diesel for sale. 7381091234, 9861194627. D-71776




**SALE**

Plot for Sale at Chhatabar per sqft. @99/-. 8249017091, 9937816565. D-22860

**Ready to move double storied building for sale at Laxmisagar (Land area -875 sqft. & building area- 1750 sqft.), Bhubaneswar. Contact: Deepak- 9937329999.** D-71615

**2100 sqft. plot immediately sale at Patia & 12000 sqft. Industrial plot for immediate sale at Mancheswar, Bhubaneswar. Contact: Deepak- 9937329999.** D-71616

**Ready to move double storied building for sale a newly constrcuted (Land area - 2200 sqft. & building area - 3500 sqft.), Pallaspalli (Aerodrome Area), Bhubaneswar. Contact: Deepak- 9937329999.** D-71618

**1500 sqft. corner plot immediately sale at Jharpada (Near Puri Bypass), Bhubaneswar. Contact: Deepak- 9937329999.** D-71617

ଘରବାରି Demarcation Plot Nakhara ତ୍ରିନାଥ ବଜାରରୁ 3 Km. ମେନ୍‌ରୋଡ୍ କଡରେ 2000 ବର୍ଗଫୁଟକୁ 13,00,000/-, Chhatabar bypass road side- 15,00,000/-. 8260032051. D- 71778

**Ready to move 3 BHK flat at Khandagiri & 2/3 BHK flat at Sundarpada. Contact for booking 9938569014 & 9861433014.** D-22840

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22647

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**Ready to move 3BHK flat at Sailashree Vihar, Chandrasekharpur. Contact: 6371401150.** D-22814

ଭୁବନେଶ୍ୱର ଉତ୍ତରା କୃପାଜଳ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71929

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ଭୁବନେଶ୍ୱର ବାଲିଅନ୍ତା ଭାରତ ଗ୍ୟାସ ପାଖରେ boundary ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438299931. D-71777

**Flat sale with ORERA approval at Naharakanta Chhak, Rasulgarh, Bhubaneswar NH facing. Contact: 6371401150.** D-22815

ଭୁବନେଶ୍ୱର ଭିଙ୍ଗାରପୁର Oxford College ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡି ପ୍ଲଟ୍ ବିକ୍ରିହେବ । 6370025920, 9937674302. D-71774

Bhubaneswar CRPରୁ ୧୨ କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ ୬୫୦/-, ୯୦୦/-, ୧୫୫୦/-, ୪୦୦/- ବିକ୍ରିହେବ। 9938016295. D-71770

**Flat sale at near Jharpada Durgamandap, Bhubaneswar 100' wide road facing. Contact: 6371401150.** D-22816

**ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166.** D-71767

**ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 500 Mtr. ଦୂରରେ 30' Road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ sqft. 330/- 630/- ମିଳୁଛି । 8249243709, 7894433357.** D-71756

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22657

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area- 2285 (Bank finance available) booking open- 9337088399.** D-71775

**PURCHASE**

Required 1/2/3/4 BHK flat, duplex bungalow farmhouse, corehouse immediately, Bhubaneswar 6371090682. D-68287

**Require, minimum 1Acre Yellowzone Homestead Land with 30/40 feet road on Outright / Sharing basis across Bhubaneswar. 9861022055, 9938219397.** D-22859




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

MPlanets- 7008550473. Expert in Building Construction @250 and Interior Design (Modular Kitchen/ TV-unit/ Wardrobe) @250. D-22834




BDA front Corner Shop, Barabhuja Market, Khandagiri, First Floor, both sides counters facility, facing Adjacent NH-16, 7873764243. D-22789

Residential house having 2 rooms, opposite Hotel Presidency, Nayapalli- 7077754377. D-71779




Full body massage, refresh your mind, relaxed by expert Lady Therapist. 8480939300. D-22828

All types massage refreshing your body mind expert lady therapy. 7008773793. D-71462

Full body massage in homely atmosphere all therapy. Contact: 8114881641. D-60894

Newly open full body massage ladies and gents. 8327740003, 8455985899. D-71845

One hour any therapy by expert therapist @999 only. 9078484455. D-71465

Newly opening SPA positively health benefits with expert therapist. 8917332216. D-71928

Newly open herbal full body massage center (expert therapist). 8280782273. D-71466

Newly Open Saikrupa Panchakarma Spa positively health benefits with expert. 8984068077. D-22723

**Refreshing your mind, body with tha best therapy at Lotus SPA. 8018891951.** D-71850

**LOST**

ମୁଁ ଅମିତ ଅଗ୍ରୱାଲ, ପିତା- ବୈଜନାଥ ଅଗ୍ରୱାଲ, ଚରମ୍ପା, ଭଦ୍ରକ ଜଣାଉଛି କି, ମୋର ଜମି ଦଲିଲ୍ ୧୩୪୭ ହଜିଯାଇଛି । ଯଦି କାହାକୁ ମିଳେ ମୋତେ ଯୋଗାଯୋଗ କରିବେ : 9437031923. D-22854

**AFFIDAVIT**

I, Sidhartha, DOB 25.12.1998, S/o - Sudarsan Sethi, Address- GA-598, Sailashree Vihar, Chandrasekharpur, Bhubaneswar has changed his name from Sidhartha to Siddharth for future purpose vide affidavit No.52AA 859059 dated 13.01.2022. D-22851

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ଜୋକୋଭିଚ୍‌ଙ୍କ ...

ହୋଇଛନ୍ତି। ଜୋକୋଭିଚ୍‌ଙ୍କ ଓକିଲମାନେ ମନ୍ତ୍ରୀଙ୍କ ନିଷ୍ପତ୍ତିକୁ ନେଇ ଫେଡେରାଲ ସର୍କିଟ ଫ୍ୟାମିଲ କୋର୍ଟରେ ଅପିଲ କରିଛନ୍ତି। ଭିନ୍ନ ଏକ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଭିଜା ରଦ୍ଦ ହେବା ପରେ ଜୋକୋଭିଚ୍ ବର୍ତ୍ତମାନ ଦୁଇଜଣ ବର୍ଡର ଫୋର୍ସ ଅଫିସିଆଲଙ୍କ ଦ୍ୱାରା ଅଟକ ରହିବେ। ତାଙ୍କ ଓକିଲଙ୍କ ଅପିଲ କ୍ରମେ ଏହି ମାମଲାକୁ ଶୁକ୍ରବାର ରାତିରେ ଫେଡେରାଲ ସର୍କିଟ କୋର୍ଟରୁ ବିଧିବଦ୍ଧ ଭାବେ ଫେଡେରାଲ କୋର୍ଟ ଅଫ୍ ଅଷ୍ଟ୍ରେଲିଆକୁ ସ୍ଥାନାନ୍ତର କରାଯାଇଛି। ଶନିବାର ସକାଳେ ଜଷ୍ଟିସ ଡେଭିଡ ଓ' କାଲାହାନ ଏହି ମାମଲାର ଶୁଣାଣି କରିବେ।

ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆନ ଓପନ ଖେଳିବା ଲାଗି ସର୍ବୀୟ ଖେଳାଳି ଗତ ସପ୍ତାହରେ ମେଲବୋର୍ନ ବିମାନ ବନ୍ଦରରେ ଅବତରଣ କରିବା ପରେ ଇମିଗ୍ରେଶନ ଅଧିକାରୀ ପ୍ରଥମେ ଭିଜାକୁ ରଦ୍ଦ କରିଥିଲେ। ଜୋକୋଭିଚ୍‌ଙ୍କ ଓକିଲମାନେ ଏହାକୁ ଫେଡେରାଲ ସର୍କିଟ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଯାଞ୍ଚ ପ୍ରକ୍ରିୟାରେ ତ୍ରୁଟି ଥିବା ଦର୍ଶାଇ କୋର୍ଟ ଜୋକୋଭିଚ୍‌ଙ୍କ ସପକ୍ଷରେ ରାୟ ଦେଇଥିଲେ। ପ୍ରତ୍ୟର୍ପଣ ହେଲେ ଜୋକୋଭିଚ୍ ୩ ବର୍ଷ ପାଇଁ ଅଷ୍ଟ୍ରେଲିଆ ଆସିବାରୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ କହିଛନ୍ତି ତାଙ୍କ ସରକାର ବର୍ତ୍ତମାନ କୋଭିଡ୍‌କୁ ନେଇ ଦେଶର ସୀମା ସୁରକ୍ଷାକୁ ଖୁବ୍ ଗୁରୁତ୍ୱ ଦେଉଛନ୍ତି। ସେ ଜୋକୋଭିଚ୍‌ଙ୍କ ପ୍ରତ୍ୟର୍ପଣକୁ ସମର୍ଥନ କରନ୍ତି। ଭିକ୍ଟୋରିଆରେ ଯଦିଓ ୯୦ ପ୍ରତିଶତ ପ୍ରାପ୍ତ ବୟସ୍କ କୋଭିଡ୍ ଟିକା ନେଇ ସାରିଛନ୍ତି। ଏହି ରାଜ୍ୟରେ କୋଭିଡ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଇବାରୁ ସ୍ଥାନୀୟ ଲୋକମାନଙ୍କୁ ୧୦୦ଦିନ ଲକ୍‌ଡାଉନ୍‌ରେ ରହିବାକୁ ପଡ଼ିଛି। ଏହି ପ୍ରଦେଶ ଅନ୍ତର୍ଗତ ମେଲବୋର୍ନରେ ସୋମବାରଠାରୁ ଅଷ୍ଟ୍ରେଲିଆନ ଓପନ ଟେନିସ ଖେଳାଯିବ। ଓମିକ୍ରନ ଭାରିଆଣ୍ଟ ଦେଖା ଦେବାପରଠାରୁ ଅଷ୍ଟ୍ରେଲିଆରେ ସଂକ୍ରମଣ ହୁହୁ ହୋଇ ବଢି ଚାଲିଛି। ଶୁକ୍ରବାର ଦେଶରେ ୧୩୦,୦୦୦ ନୂଆ ମାମଲା ଦେଖା ଦେଇଛି। ତନ୍ମଧ୍ୟରୁ କେବଳ ଭିକ୍ଟୋରିଆର ସଂକ୍ରମିତଙ୍କ ସଂଖ୍ୟା ୩୫,୦୦୦। ଅଧିକ ସଂଖ୍ୟାରେ ସଂକ୍ରମିତ ହେଉଥିଲେ ମଧ୍ୟ ପୂର୍ବ ତୁଳନାରେ ଯଥେଷ୍ଟ କମ୍ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି।

### ଢିଙ୍କିଆବାସୀ-ପୋଲିସ ...

ସେମାନଙ୍କ ଆଖିକୁ ବାଲି ପକାଇଦେଇଥିଲେ। କେତେଜଣ ପୋଲିସ୍ କର୍ମଚାରୀଙ୍କୁ ଆନ୍ଦୋଳନକାରୀମାନେ ବ୍ଲେଡ୍‌ରେ ମଧ୍ୟ ଆକ୍ରମଣ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ଆତ୍ମରକ୍ଷା ପାଇଁ ପୋଲିସ ବାଧ୍ୟ ହୋଇ ଲାଠିଚାର୍ଜ କରିଥିଲା ବୋଲି ଥାନା ଅଧିକାରୀ ଜେନା କହିଛନ୍ତି।

ଢିଙ୍କିଆର ସୁଜନ ମହାପାତ୍ର ଓ ବିବେକାନନ୍ଦ ସ୍ୱାଇଁଙ୍କ କହିବାନୁସାରେ, ବାହାର ଅଞ୍ଚଳର ୨ଜଣ କୃଷକ ନେତା ଗାଁକୁ ଆସି ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ। ପ୍ରଶାସନ ବଳ ପ୍ରୟୋଗ କରି ପାନବରଜ ଭାଙ୍ଗୁଥିବାରୁ ତାହାକୁ ବିରୋଧ କରି ଗ୍ରାମବାସୀ ଶୋଭାଯାତ୍ରାରେ ଯାଇଥିଲେ। ଏହି ସମୟରେ ପୋଲିସ ପ୍ରଥମେ ଆକ୍ରମଣ କରିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି।

ପୋଲିସ ଲାଠିମାଡ଼ରେ ଢିଙ୍କିଆର ସୁଧାଂଶୁ ଦଳାଇ, କାହ୍ନୁ ସାହୁଙ୍କର ମୁଣ୍ଡ ଫାଟିଛି। ପୁନିଆ ଦଳାଇଙ୍କ ହାତ ଏବଂ ଗଞ୍ଜୁନା ମଲ୍ଲିକଙ୍କ ଗୋଡ଼ ଭାଙ୍ଗିଥିବାବେଳେ ନୃସିଂହ ଦଳାଇଙ୍କ ନାକ ଫାଟିଛି। ଅନେକେ ଆହତ ହୋଇଛନ୍ତି। ସେହିପରି ଆନ୍ଦୋଳନକାରୀଙ୍କ ଆକ୍ରମଣରେ ପାରାଦୀପ ଲକ୍ ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କ ସମେତ ବହୁ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କୁ ଚିହ୍ନଟ କରି ଡାକ୍ତରଖାନା ନେବା ବ୍ୟବସ୍ଥା କରୁଛୁ ବୋଲି ତହସିଲଦାର ଦାସ କହିଛନ୍ତି। ଅପରାହ୍ନରେ ଢିଙ୍କିଆ ଗାଁରେ ପୋଲିସ୍ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ କେତେଜଣ ମୁରବିଙ୍କ ସହ ଆଲୋଚନା କରାଯାଇଛି ବୋଲି ଥାନା ଅଧିକାରୀ ଜେନା କହିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ସ୍ଥିତି ଅଶାନ୍ତ ରହିଥିଲା।

### ୩୧ରୁ ପାର୍ଲାମେଣ୍ଟର ...

କରିବାକୁ ହେବ। ପାର୍ଲାମେଣ୍ଟର ଉଭୟ ଗୃହ ଏକସଙ୍ଗରେ ଚାଲିବ କିମ୍ବା ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ଶିଫ୍ଟ ଅନୁଯାୟୀ ହେବ, ସେ ନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ। ୨୦୨୦ରେ ମୌସୁମୀ ଅଧିବେଶନ ଏବଂ ୨୦୨୧ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶିଫ୍ଟରେ ହୋଇଥିଲା। ସକାଳ ବେଳେ ରାଜ୍ୟ ସଭା ଓ ଅପରାହ୍ନରେ ଲୋକ ସଭା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ, ମୌସୁମୀ ଓ ଶୀତ ଅଧିବେଶନ ସ୍ୱାଭାବିକ ସମୟରେ ହୋଇଥିଲା।

### ବଜ୍ରପାତରେ ଓଡ଼ିଶାରେ ...

ହାରାହାରି ତାପମାତ୍ରା ବୃଦ୍ଧି ପାଇଥିବା ପାଣିପାଗ ବିଭାଗ କହିଛି। ୨୦୧୬ରେ ଦେଶରେ ବାର୍ଷିକ ହାରାହାରି ବାୟୁ ତାପମାତ୍ରା ସ୍ୱାଭାବିକଠାରୁ ୦.୭୧୦ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା। ସେହିପରି ୨୦୦୯ ଏବଂ ୨୦୧୭ରେ ଏହା ଯଥାକ୍ରମେ ୦.୫୫୦ ଏବଂ ୦.୫୪୧ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା। ୨୦୧୦ରେ ହାରାହାରି ବାର୍ଷିକ ତାପମାତ୍ରା ସ୍ୱାଭାବିକଠାରୁ ୦.୫୩୯ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୧୫,୫୧,୦୩୯ | ୫୫,୪୧,୮୪୨ | ୨୬,୪୫,୫୨,୧୭୧ |
| ଭାରତ | ୩,୬୫,୮୨,୧୨୯ | ୪,୮୫,୩୫୦ | ୩,୪୮,୨୪,୭୦୬ |
| ଓଡ଼ିଶା | ୧୧,୧୧,୮୭୯ | ୮୪୭୬(+୫୩) | ୧୦,୫୨,୩୯୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୩ କିମ୍ବା ୪ ଆସନ ପାଇବ ଭାଜପା: ଅଖିଳେଶ

## ଏସ୍‌ପିରେ ମିଶିଲେ ମୌର୍ଯ୍ୟ, ସୈନି ଓ ୫ ଭାଜପା ବିଧାୟକ

**ଲକ୍ଷ୍ନୌ,୧୪।୧**

ଉତ୍ତର ପ୍ରଦେଶର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ପ୍ରମୁଖ ଓବିସି ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଶୁକ୍ରବାର ସମାଜବାଦୀ ପାର୍ଟି (ଏସ୍‌ପି)ରେ ଯୋଗଦେଇଛନ୍ତି। ତାଙ୍କ ସହ ଯୋଗୀ କ୍ୟାବିନେଟରୁ ଇସ୍ତଫା ଦେଇଥିବା ଅନ୍ୟତମ ବିଦ୍ରୋହୀ ମନ୍ତ୍ରୀ ଧରମ ସିଂ ସୈନି ଓ ୫ ଭାଜପା ବିଧାୟକ ମଧ୍ୟ ଅଖିଳେଶ ଯାଦବଙ୍କ ପାର୍ଟିରେ ସାମିଲ ହୋଇଛନ୍ତି।

ଏସ୍‌ପିରେ ମିଶିଥିବା ୫ ଭାଜପା ବିଧାୟକ ହେଲେ ଭଗବତୀ ସାଗର(ବିଲହଉର), ରୋଶନଲାଲ ବର୍ମା(ତିହାର), ବିନୟ ଶାକ୍ୟ(ବିଧୁନା), ବ୍ରଜେଶ ପ୍ରଜାପତି(ତିଣ୍ଡୱାରୀ) ଓ ମୁକେଶ ବର୍ମା(ଶିକୋହାବାଦ)। ସେହିପରି ଭାଜପାର ସହଯୋଗୀ ଅପ୍ନା ଦଳ(ସୋନେୱାଲ) ବିଧାୟକ ଅମର ସିଂ ଚୌଧରୀ ମଧ୍ୟ ଏସ୍‌ପିରେ ସାମିଲ ହୋଇଛନ୍ତି। ଅମର ସିଂ ଶିକୋହାବାଦରୁ ୫ ଥର ଜିତିଛନ୍ତି। ବିଶ୍ୱନାଥଗଞ୍ଜରୁ ପ୍ରତିନିଧିତ୍ୱ କରୁଥିବା ଅପ୍ନା ଦଳ ବିଧାୟକ ଆର୍‌.କେ. ବର୍ମା ମଧ୍ୟ ନିଜ ଦଳ ଛାଡ଼ିଛନ୍ତି। ସେ ମଧ୍ୟ ଏସ୍‌ପିରେ ସାମିଲ ହୋଇପାରନ୍ତି। କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କ ନେତୃତ୍ୱାଧୀନ ଅପ୍ନା ଦଳ ୨୦୧୭ ବିଧାନସଭା ନିର୍ବାଚନରେ ଭାଜପା ସହ ମେଣ୍ଟ କରି ୧୨ ଆସନରେ ଲଢ଼ିଥିଲା। ଏହାର ୯ ପ୍ରାର୍ଥୀ ଜିତିଥିଲେ।

ଲକ୍ଷ୍ନୌସ୍ଥିତ ଏସ୍‌ପି ମୁଖ୍ୟାଳୟରେ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଉପସ୍ଥିତିରେ ସମସ୍ତଙ୍କୁ ଦଳୀୟ ସଦସ୍ୟତା ଦିଆଯାଇଛି। ଏହି ଅବସରରେ ଅଖିଳେଶ କହିଛନ୍ତି, ଭାଜପା ତିନି-ଚତୁର୍ଥାଂଶ ନୁହେଁ, ୩ କିମ୍ବା ୪ ଆସନ ପାଇବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ '୮୦ ବନାମ ୨୦' ନାରା ଦେଉଛନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି ୟୁପିରେ ଭାଜପା ୨୦ ପ୍ରତିଶତ ଆସନ ଦଖଲ କରିବ ଏବଂ ସମାଜବାଦୀ ପାର୍ଟିକୁ ୮୦% ଆସନରେ ସଫଳତା ମିଳିବ। କିନ୍ତୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଓ ଅନ୍ୟ ନେତାମାନେ ଏସ୍‌ପିରେ ମିଶିବା ପରେ ଗୈରିକ ଦଳ ୨୦% ଆସନ ମଧ୍ୟ ହରାଇବ। ବାବା ମୁଖ୍ୟମନ୍ତ୍ରୀ ଜଣେ ଗଣିତ ଶିକ୍ଷକଙ୍କୁ ନିଯୁକ୍ତ କରନ୍ତୁ ବୋଲି ଅଖିଳେଶ ତାଚ୍ଛଲ୍ୟ କରିଛନ୍ତି। ପ୍ରକାଶ ଯେ, ୪୦୩ ଆସନ ବିଶିଷ୍ଟ ୟୁପି ବିଧାନସଭା ନିର୍ବାଚନ ଫେବୃୟାରୀ ୧୦ରୁ ମାର୍ଚ୍ଚ ୭ ମଧ୍ୟରେ ୭ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୧୦ରେ ଭୋଟ ଗଣତି କରାଯିବ।



ଲକ୍ଷ୍ନୌରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଉପସ୍ଥିତିରେ ଦଳରେ ସାମିଲ ହେବା ଅବସରରେ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଓ ଧରମ ସିଂ ସୈନିଙ୍କ ସହ ଭାଜପାରୁ ଇସ୍ତଫା ଦେଇଥିବା ବିଧାୟକମାନେ।



ଗୋରଖପୁରରେ ଭାଜପା କର୍ମୀ ଅମୃତ ଲାଲଙ୍କ ସହ ଶୁକ୍ରବାର ଭୋଜନ କରୁଛନ୍ତି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଭାଜପାର ସାମାଜିକ ଶୋଷଣକୁ ନେଇ ସମାଜବାଦୀ ପାର୍ଟି ଟାର୍ଗେଟ କରୁଥିବାବେଳେ ଦଳିତଙ୍କ ଘରେ ଭୋଜନ କରି ଯୋଗୀ ଏହାର ଜବାବ ଦେଇଛନ୍ତି।

# ଢିଙ୍କିଆ ଗ୍ରାମବାସୀଙ୍କୁ ପୋଲିସର ଲାଠିମାଡ଼କୁ କଂଗ୍ରେସର ନିନ୍ଦା

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ଢିଙ୍କିଆରେ ଜିନ୍ଦଲର ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠାକୁ ଗ୍ରାମବାସୀ ବିରୋଧ କରି ଆସୁଥିବାବେଳେ ଶୁକ୍ରବାର ପୁଣି ପୋଲିସ ସହ ମୁହାଁମୁହିଁ ହୋଇଛନ୍ତି। ପୋଲିସ ନିରସ୍ତ୍ର ଗ୍ରାମବାସୀଙ୍କ ଉପରେ ଲାଠିମାଡ଼ ସହ ବର୍ବରୋଚିତ ଆକ୍ରମଣ ଘଟଣାକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ଲଲାଟେନ୍ଦୁ ମହାପାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନକୁ ଦୃଢ଼ ନିନ୍ଦା କରିଛନ୍ତି। ମହାପାତ୍ର କହିଛନ୍ତି, ଢିଙ୍କିଆ ଚାରିଦେଶ ଯଥା ଢିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ପଞ୍ଚାୟତ ଏକ ଭାଇଚାରାର ଅଞ୍ଚଳ। ୨୦୦୫ରେ ରାଜ୍ୟ ସରକାର ଏଠାରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ପୋସ୍କୋ କମ୍ପାନୀକୁ ଅନୁମତି ଦେଇଥିଲେ। ତେବେ ପ୍ରବଳ ଜନବିରୋଧ ଯୋଗୁ ୨୦୧୩ରେ ଏହି କମ୍ପାନୀ ଫେରିଯିବା ପାଇଁ ବାଧ୍ୟ ହୋଇଥିଲା। ପୁନଶ୍ଚ ରାଜ୍ୟ ସରକାର ୨୦୧୯ରେ ଜିନ୍ଦଲ କମ୍ପାନୀକୁ ଏଠାରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ଅନୁମତି ଦେଇଛନ୍ତି। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ବିରୋଧ ଓ ଆନ୍ଦୋଳନ ଜାରି ରଖିଛନ୍ତି। ଦୀର୍ଘ ୧୩ ଦିନ ହେଲା ପୋଲିସର ଘେରାବନ୍ଦୀରେ ଥିବା ଢିଙ୍କିଆ ଗ୍ରାମବାସୀ ଆଜି ପୋଲିସର ଲାଠି ମାଡ଼ରେ ଗାଁ ଦାଣ୍ଡରେ ପଡ଼ି ଛଟପଟ ହେଉଛନ୍ତି ବୋଲି ମହାପାତ୍ର କହିଛନ୍ତି। ଜଙ୍ଗଲ ଅଧିକାର ଆଇନ -୨୦୦୬ ଅନୁସାରେ ଗୋଟିଏ ସ୍ଥାନରେ ଜଣେ ବ୍ୟକ୍ତି ୬୦ବର୍ଷରୁ ଅଧିକ ସମୟ ବସବାସ କରୁଥିଲେ ସେ ଉକ୍ତ ଜମିର ମାଲିକାନା ପାଇବାର ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ଦୀର୍ଘ ୨୦୦ବର୍ଷ ଧରି ଗୋଟିଏ ସ୍ଥାନରେ ବସବାସ କରୁଥିବା ଅଧିବାସୀଙ୍କୁ ସରକାର କିପରି ଉଚ୍ଛେଦ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ନିଜର ପରିବାର ବୋଲି ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗର ଅଧିବାସୀଙ୍କୁ ନିଜର ଭାବି ସେଠାରେ କମ୍ପାନୀ ପ୍ରତିଷ୍ଠା ବଦଳରେ ସେମାନଙ୍କ ଜୀବନ ଜୀବିକାର ସୁରକ୍ଷା କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

### ବଳ ପ୍ରୟୋଗ କରି ଶିଳ୍ପ ପ୍ରତିଷ୍ଠା ଅସମ୍ଭବ: ଭାଜପା

ଅନ୍ୟପକ୍ଷରେ ଭାଜପା ମଧ୍ୟ ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛି। ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀ ଏହି ମାମଲାରେ ହସ୍ତକ୍ଷେପ କରନ୍ତୁ। ସ୍ଥାନୀୟ ଲୋକଙ୍କ ସହିତ କଥାବାର୍ତ୍ତା ମାଧ୍ୟମରେ ସହମତିରେ ଏହାର ସମାଧାନ କରାଯାଉ। ସରକାର ବଳ ପ୍ରୟୋଗ କରି ଶିଳ୍ପ ପ୍ରତିଷ୍ଠା କରିପାରିବେ ନାହିଁ। ଏହାର ପରିଣାମ ରାଜ୍ୟ ସରକାର ଅତୀତରେ ଦେଖିଛନ୍ତି।

# ଗାଁରେ ଜମିଲାଣି ଗହଳି



## ପଞ୍ଚାୟତ ନିର୍ବାଚନ

### ବିଧାୟକଙ୍କ ଘରେ ଜମୁଛି ଆଶାୟୀଙ୍କ ଭିଡ଼

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗ୍ରାମାଞ୍ଚଳରେ ରାଜନୈତିକ ଉଷ୍ମତା ଭରିଯାଇଛି। ବିଭିନ୍ନ ସ୍ଥାନରେ ପୋଷ୍ଟର ବ୍ୟାନର ଛାଇଗଲାଣି। ଛକ, ହାଟ ବଜାରରେ ଆଶାୟୀ ପ୍ରାର୍ଥୀମାନେ ନିଜର ପୋଷ୍ଟର ଓ ବ୍ୟାନର ମାରି ନିର୍ବାଚନ ଦୌଡ଼ରେ ଥିବା ସଙ୍କେତ ଦେଇ ସାରିଛନ୍ତି। କେବଳ ସେତିକି ନୁହେଁ, ଦଳୀୟ ସମର୍ଥନ ହାସଲ କରିବାକୁ ସ୍ଥାନୀୟ ନେତାଙ୍କ ଜରିଆରେ ଲବି ମଧ୍ୟ ଆରମ୍ଭ କରି ଦେଇଛନ୍ତି। ଆସନ୍ତା ୧୭ ତାରିଖରୁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେବ। ଏହା ପୂର୍ବରୁ ଜିଲା ପରିଷଦ ସଭ୍ୟ ଆଶାୟୀମାନେ ଟିକେଟ ହାତେଇବା ପାଇଁ ସ୍ଥାନୀୟ ବିଧାୟକମାନଙ୍କ ଜରିଆରେ ଜୋରସୋରରେ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟଙ୍କର କୌଣସି ଦଳୀୟ ଚିହ୍ନ ନ ଥିଲେ ମଧ୍ୟ ଆଶାୟୀମାନେ ରାଜନୈତିକ ସମର୍ଥନ ହାସଲ କରିବାକୁ ଉଦ୍ୟମ ଚଳାଇଛନ୍ତି।

ଶାସକ ଦଳ ବିଜେଡି ପ୍ରାର୍ଥୀ ହେବାକୁ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରେ ଲାଗିଛି। ଶାସକ ଦଳରୁ ପ୍ରାର୍ଥୀ ପାଇଁ କୂଳକିନାରା ପାଉ ନ ଥିବା ଆଶାୟୀମାନେ ଭାଜପା ଓ କଂଗ୍ରେସ ନେତାଙ୍କୁ ଭରସା କରିଛନ୍ତି। ତେବେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଖୋଜା ଆରମ୍ଭ କରି ଦେଇଛନ୍ତି। ବିଜେଡି ପ୍ରାର୍ଥୀ ଚୟନରେ ଆଗରେ ଥିଲେ ମଧ୍ୟ ଆଶାୟୀଙ୍କୁ ମନାଇବା ସ୍ଥାନୀୟ ନେତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପଞ୍ଚାୟତ ନିର୍ବାଚନକୁ ହାତେଇବା ପାଇଁ ଉଭୟ ବିଜେଡି ଓ ଭାଜପା ମୁହାଁମୁହିଁ ହେଉଥିବା ବେଳେ କଂଗ୍ରେସ ମଧ୍ୟ ନିଜର ପୁରୁଣା ସ୍ଥିତିକୁ ଫେରିବାକୁ ରଣନୀତି ପ୍ରସ୍ତୁତ କରୁଛି। ବିଜୟୀ ହେବା ଆଶା ଅଧିକ ଥିବା ପ୍ରାର୍ଥୀଙ୍କୁ ନିଜ ସପକ୍ଷରେ ନେବାକୁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପ୍ରାର୍ଥିପତ୍ର ଦାଖଲକୁ ଆଉ ୨ ଦିନ ବାକି ଥିବାବେଳେ ଆଶାୟୀମାନେ ବିଧାୟକଙ୍କ ଘରେ ଭିଡ଼ ଜମାଉଛନ୍ତି। ଏପରିକି ଅନେକ ଆଶାୟୀ ଭୁବନେଶ୍ୱର ଆସି ଦଳୀୟ ବିଧାୟକଙ୍କୁ ସାକ୍ଷାତ କରି ଟିକେଟ ଲବି ଚଳାଇଛନ୍ତି। ତେବେ କେଉଁ ଦଳରୁ କାହାକୁ ଟିକେଟ ଓ ସମର୍ଥନ ମିଳିବ ତାହା ନାମାଙ୍କନ ବେଳେ ସ୍ପଷ୍ଟ ହୋଇଯିବ।

ରାଜ୍ୟ ନିର୍ବାଚନ କମିଶନଙ୍କ ଘୋଷଣା ଅନୁଯାୟୀ ପଞ୍ଚାୟତ ନିର୍ବାଚନ ପାଇଁ ଜାନୁୟାରୀ ୧୭ରୁ ୨୧ ମଧ୍ୟରେ ନାମାନଙ୍କପତ୍ର ଦାଖଲ ହେବ। ୨୨ତାରିଖରେ ଯାଞ୍ଚ, ୨୫ ତାରିଖ ଅପରାହ୍ନ ୩ଟା ମଧ୍ୟରେ ନାମାଙ୍କନପତ୍ର ପ୍ରତ୍ୟାହାର କରିହେବ। ସେହିଦିନ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଚଳିତଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୋଟ ୯୧,୯୧୩ ୱାର୍ଡମେମ୍ବର, ୬,୭୯୪ ସରପଞ୍ଚ, ୬,୭୯୩ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭୋଟଗ୍ରହଣ ହେବ। ରାଜ୍ୟର ମୋଟ ୨କୋଟି ୭୯ଲକ୍ଷ ୩୫ହଜାର ୫୨୦ଜଣ ଭୋଟର ନିଜର ମତଦାନ କରିବେ।

## ଏସ୍‌ଆଇଟି ତଦନ୍ତ ଦାବି କଲା ସଂଯୁକ୍ତ କିଷାନ ମୋର୍ଚ୍ଚା

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ଜଗତସିଂହପୁର ଜିଲା ଏରସମା ବ୍ଲକର ଢିଙ୍କିଆରେ ପୁଣି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଜେଏସଡବ୍ଲୁ ପ୍ରକଳ୍ପ ପ୍ରତିଷ୍ଠାକୁ ବିରୋଧ ସହ ପାନ ବରଜକୁ ସୁରକ୍ଷା ଦେବାକୁ ଯାଉଥିବାବେଳେ ଗ୍ରାମବାସୀଙ୍କ ଉପରେ ପୋଲିସ ଲାଠିଚାର୍ଜ କରିଛି। ତେବେ ଏହାକୁ ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ସହ ଘଟଣାକୁ ଦୃଢ ନିନ୍ଦା କରିଛି। ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାରଙ୍କ ଏହି ଜନବିରୋଧୀ ଏବଂ କର୍ପୋରେଟ ପ୍ରୀତି ବିରୋଧରେ ରାଜ୍ୟବାସୀ ପ୍ରତିବାଦ କରିବା ଦରକାର। ଏହି ଘଟଣା ନେଇ ଆସନ୍ତା ୧୫ ତାରିଖରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଷ୍ଟିୟରିଂ କମିଟି ସଦସ୍ୟ ଢିଙ୍କିଆ ଅଞ୍ଚଳ ଗସ୍ତ କରିବେ ବୋଲି ସୂଚିତ କରାଯାଇଛି।

# ପରୀକ୍ଷାର୍ଥୀଙ୍କୁ ମରଣ ମୁହଁକୁ ଠେଲି ଦେଉଛନ୍ତି ସରକାର: ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

କରୋନାର ତୃତୀୟ ଲହରର ଭୟାବହତା ବୃଦ୍ଧି ପାଉଥିବା ସମୟରେ ରାଜ୍ୟ ସରକାର ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ମେନ୍ ପରୀକ୍ଷା କରାଇବାକୁ ନେଇଥିବା ନିଷ୍ପତ୍ତି ପରୀକ୍ଷାର୍ଥୀଙ୍କ ଜୀବନ ସହିତ ଖେଳିବା ସଦୃଶ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି, ନବୀନ ସରକାର କୋଭିଡ୍ ନିୟନ୍ତ୍ରଣ ପାଇଁ ସ୍କୁଲ, କଲେଜ, ମନ୍ଦିର,ମସ୍‌ଜିଦ୍ ବନ୍ଦ କରିବା ସହ ବିବାହ, ବ୍ରତ ଓ ବିଭିନ୍ନ ଉତ୍ସବ ପାଇଁ କଡ଼ା କଟକଣା କରିଛନ୍ତି। ଏପରିକି ବିଭିନ୍ନ ଜାଗାରେ କଣ୍ଟେନମେଣ୍ଟ ଜୋନ କରିବା ସହ ରାତ୍ରି କର୍ଫ୍ୟୁ ମଧ୍ୟ ଲାଗୁ କରିଛନ୍ତି। ମାତ୍ର ଅନ୍ୟପଟେ ଓସିଏସ୍ ମେନ୍ ପରୀକ୍ଷାକୁ ଅନୁମତି ଦେଇ ୪ ହଜାର ୭୫୪ ପରୀକ୍ଷାର୍ଥୀଙ୍କୁ ମରଣମୁହଁକୁ ଠେଲି ଦେଉଛନ୍ତି। ଏପରି ସ୍ଥିତିରେ ମଣିଷର ଜୀବନ ବଡ଼ ନା ପରୀକ୍ଷା ବଡ଼ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ପରୀକ୍ଷାର୍ଥୀମାନେ ବିରୋଧ କରି ଆସୁଛନ୍ତି। ତେଣୁ ପରିସ୍ଥିତି ନିୟନ୍ତ୍ରଣ ହେବା ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖିବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଯଦି ସରକାର ଉକ୍ତ ଦାବିକୁ ଗ୍ରହଣ ନ କରନ୍ତି ତେବେ ଆମେ ବି ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ନୱାଜ ଚେତାବନୀ ଦେଇଛନ୍ତି। ସେହିଭଳି ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ମଧ୍ୟ ସମାନ ଦାବି ରଖିଛନ୍ତି।

# ପଞ୍ଚାୟତ ନିର୍ବାଚନ ଲାଗି ଭାଜପାର କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର,୧୪।୧(ବ୍ୟୁରୋ):** ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତ କଣ୍ଟ୍ରୋଲ ରୁମ୍‌ର ଉଦ୍‌ଘାଟନ ଶୁକ୍ରବାର କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଏହି କଣ୍ଟ୍ରୋଲ ରୁମ ଦ୍ୱାରା ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା କରାଯିବ। ରାଜ୍ୟ ନିର୍ବାଚନ କମିଶନ ବିଭିନ୍ନ ପ୍ରକାର ବିଜ୍ଞପ୍ତି ପ୍ରକାଶ କରୁଛନ୍ତି ବୋଲି ଘୋଷଣା ହେଉଛି। କିନ୍ତୁ ବ୍ଲକ ସ୍ତରରେ ବିଭିନ୍ନ ଅଭିଯୋଗ ଭାଜପା କାର୍ଯ୍ୟକର୍ତ୍ତା ମାନେ ଆଣୁଛନ୍ତି। ତେଣୁ ଏହି କଣ୍ଟ୍ରୋଲ ମାଧ୍ୟମରେ ବିଭିନ୍ନ ଜିଲା ପରିଷଦ ଜୋନ୍ ଓ ପଞ୍ଚାୟତରୁ ଆସୁଥିବା ଆଶାୟୀ ପ୍ରାର୍ଥୀଙ୍କ ଅଭିଯୋଗ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରାଯିବ ବୋଲି ଏହି ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

## ରାଜ୍ୟ ଖବର

### ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମକର ବେଶ



**ପୁରୀ ଅଫିସ, ୧୪।୧:** ଶ୍ରୀମନ୍ଦିରରେ ଶୁକ୍ରବାର ପବିତ୍ର ମକରସଂକ୍ରାନ୍ତି ପାଳିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମକର ବେଶରେ ସଜ୍ଜିତ କରାଯାଇଥିଲା। ମଙ୍ଗଳ ଆଳତି, ଅବକାଶ ନୀତି ପରେ ଶ୍ରୀବିଗ୍ରହମାନଙ୍କୁ ପଟା ପହରଣ ଓ ତ୍ରିମୁଣ୍ଡିରେ ମକରଚୂଳ ଲାଗିକରାଯାଇଥିଲା। ଏହା ପରେ କର୍ପୂର ଲାଗିହୋଇ ବେଶ ସମ୍ପନ୍ନ କରାଯାଇଥିଲା। ଗୋପାଳବଲ୍ଲଭ ଓ ସକାଳ ଧୂପ ନୀତି, ମଇଲମ, ମହାସ୍ନାନ, ସର୍ବାଙ୍ଗ, ନୂଆଲୁଗା, ମାଳଚୂଳ ଓ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇ ମକର ବେଶ ସରିଥିଲା। ଟେରାବନ୍ଧା, ଦିଗପାଳ ବଳି ସରି ଭୋଗ ବଢ଼ିବା ପରେ ଧୋ-ପଖାଳ ହୋଇ ପୁଣି ଟେରା ବନ୍ଧାଯାଇଥିଲା। ମକର ଚାଉଳ ପ୍ରସ୍ତୁତ ପରେ ତିନିଥର ମୁଖ୍ୟ ମନ୍ଦିର ପରିକ୍ରମା କରାଯାଇ ପନ୍ତି ବଢ଼ାଯାଇଥିଲା। ପ୍ରସାଦ ଲାଗି ପରେ ତିନିବାଡ଼ରେ ପଞ୍ଚୋପଚାରରେ ମଣୋହି ସହ ଶ୍ରୀବିଗ୍ରହମାନଙ୍କୁ ବନ୍ଦାପନା କରାଯାଇ ଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ କରୋନା କଟକଣା ଯୋଗୁ ଭକ୍ତମାନେ ମହାପ୍ରଭୁଙ୍କ ମକରବେଶ ଦର୍ଶନ ଓ ମକର ଭୋଗ ସେବନରୁ ବଞ୍ଚିତ ହୋଇଛନ୍ତି। ବିଶ୍ୱାସ ରହିଛି, ମକର ସଂକ୍ରାନ୍ତି ଦିନ ମହାପ୍ରଭୁଙ୍କୁ ଦର୍ଶନ କରି ବିଧିପୂର୍ବକ ବେଢ଼ା ପ୍ରଦକ୍ଷିଣ କଲେ ପୁଣ୍ୟଲାଭ ସହିତ ମୁକ୍ତିଲାଭ ପ୍ରାପ୍ତ ହୋଇଥାଏ।

# ଲକ୍ଷ୍ମୀପୁର ଏସ୍‌ବିଆଇ ଶାଖାରୁ କୋଟିଏ ଟଙ୍କାର ସୁନାଗହଣା ଲୁଟ୍

**ଲକ୍ଷ୍ମୀପୁର,୧୪।୧(ଡି.ଏନ.ଏ.)**

କୋରାପୁଟ ଜିଲା ଲକ୍ଷ୍ମୀପୁର ଷ୍ଟେଟ ବ୍ୟାଙ୍କ ଶାଖାରୁ କୋଟିଏ ଟଙ୍କା ମୂଲ୍ୟର ସୁନା ଗହଣା ବ୍ୟାଙ୍କ ଲକରରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଜଣାପଡ଼ିବା ପରେ ବ୍ୟାଙ୍କ ଶାଖା ଅଧିକାରୀ ସୁଧାଂଶୁ ଶେଖର ରାୟ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଛନ୍ତି। କେସ୍ ନମ୍ବର ୭/୨୨ରେ ମାମଲା ରୁଜୁ ହୋଇଛି। ଏସ୍‌ଡିପିଓ ଅଶ୍ୱିନୀ ନାୟକଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀପୁର ଆଇଆଇସି ଶ୍ୱେତପଦ୍ମା ସେଠ୍ ଏକ ଟିମ୍ ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଘଟଣା ନେଇ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ବ୍ୟାଙ୍କରେ ପୂର୍ବରୁ କାର୍ଯ୍ୟ କରୁଥିବା ପିଅନ ଶେଖର କୁଳଦୀପଙ୍କ ଉପରେ ସନ୍ଦେହ ପ୍ରକାଶ ପାଇଛି। ତେବେ ଅନେକ ଦିନ ଧରି ବ୍ୟାଙ୍କ ଲକରରୁ ସୁନାଗହଣା ହଡ଼ପ ହେଉଥିଲେ ମଧ୍ୟ ବ୍ୟାଙ୍କ ଅଧିକାରୀ କିପରି ଜାଣିପାରିଲେ ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ତେବେ ବ୍ୟାଙ୍କର ଖାମଖିଆଲି ନୀତି ଯୋଗୁ ଏତେବଡ଼ ଘଟଣା ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରଶାସନ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ମତ ପ୍ରକାଶ ପାଇଛି। ଶେଖରଙ୍କୁ ଗିରଫ କରି ପୋଲିସ ନିଜ ହେପାଜତରେ ରଖିଛି। ନାରାୟଣପାଟଣା ବ୍ଲକର ବିକ୍ରମପୁର ଗ୍ରାମରୁ ଶେଖରଙ୍କ ଜଣେ ସମ୍ପର୍କୀୟଙ୍କ ଘରୁ ସୁନା ଜବତ ହୋଇଛି।

# ଓଡ଼ିଶା କ୍ୟାଡର ୭୩ ଆଇଏଏସ୍, ଆଇପିଏସ୍, ଆଇଆର୍‌ଏସ୍ ଅଫିସରଙ୍କୁ ଭର୍ଚୁଆଲ ତାଲିମ

## ୫ ରାଜ୍ୟରେ ପର୍ଯ୍ୟବେକ୍ଷକ ନିଯୁକ୍ତ

**ଭୁବନେଶ୍ୱର,୧୪।୧(ବ୍ୟୁରୋ)**

ଗୋଆ, ମଣିପୁର, ପଞ୍ଜାବ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଆଦି ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହାର ପରିଚାଳନା ନିମନ୍ତେ ଓଡ଼ିଶାରୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍) ଏବଂ ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍) ବର୍ଗରୁ ମୋଟ୍ ୭୩ଜଣ ବରିଷ୍ଠ ଅଧିକାରୀଙ୍କୁ ଭାରତର ନିର୍ବାଚନ କମିଶନ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ସେମାନଙ୍କୁ ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଭର୍ଚୁଆଲରେ ତାଲିମ ପ୍ରଦାନ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଓ ତାଙ୍କ ସହଯୋଗୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭର୍ଚୁଆଲ୍ ତାଲିମ ପ୍ରଦାନ କରିଛନ୍ତି।

ଭାରତର ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରାଙ୍କ ସହ ଅନ୍ୟ ଦୁଇ ସହଯୋଗୀ ନିର୍ବାଚନ କମିଶନର ରାଜୀବ କୁମାର ଓ ଅନୁପ ଚନ୍ଦ୍ର ପାଣ୍ଡେ ଉପସ୍ଥିତ ରହି ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ସମ୍ପର୍କିତ ବିସ୍ତୃତ ତାଲିମ ପ୍ରଦାନ କରିଛନ୍ତି। ବିଭିନ୍ନ ରାଜ୍ୟର ନିର୍ବାଚନ ପରିଚାଳନା ବେଳେ କିପରି ଅବାଧ, ସ୍ୱଚ୍ଛ ଏବଂ ନିରାପଦ ହୋଇପାରିବ ସେ ସମ୍ପର୍କରେ ନିର୍ବାଚନ କମିଶନର ଗୁରୁତ୍ୱାରୋପ କରିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ପାଳନ ପୂର୍ବକ ନିରପେକ୍ଷ ଓ ନିରାପଦ ନିର୍ବାଚନ କିପରି କରାଯାଇପାରିବ, ତାହା ଉପରେ ବିଶେଷ ଧ୍ୟାନ ଦେବାକୁ ନବନିଯୁକ୍ତ ପର୍ଯ୍ୟବେକ୍ଷକମାନଙ୍କୁ ତାଲିମ ଦିଆଯାଇଛି। ନିର୍ବାଚନ ଆୟୋଗଙ୍କ ସଚିବ ଉମେଶ ସିହ୍ନା ପର୍ଯ୍ୟବେକ୍ଷକମାନଙ୍କ ଅବଗତି ନିମନ୍ତେ ପରିଚାଳନା ସମ୍ପର୍କିତ ଏକ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ।


**REQUIRED**

Young candidates for Electricity Meter Reading work in Bhubaneswar. Attractive salary package.

Contact: 7978791283, 7008055267, 6370689958.

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMI VSKP2022002, ତା.10.01.2022ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ଜୁନାଗଡ଼ (ବର୍ତ୍ତମାନର ରେଳ ଷ୍ଟେସନ) ଏବଂ ନବରଙ୍ଗପୁର (ପ୍ରସ୍ତାବିତ ରେଳ ଷ୍ଟେସନ) ମଧ୍ୟରେ ନୂଆ BG ରେଳ ଲାଇନ୍ ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹301.88 ଲକ୍ଷ, EMD: ₹3,00,900/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMI VSKP2022003, ତା.10.01.2022ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ମାଲକାନଗିରି (ପ୍ରସ୍ତାବିତ ରେଳ ଷ୍ଟେସନ) ଏବଂ ଭଦ୍ରାଚଲମ୍ (ଦକ୍ଷିଣ ମଧ୍ୟ ରେଳପଥର ବର୍ତ୍ତମାନ ଥିବା ରେଳ ଷ୍ଟେସନ) ମଧ୍ୟରେ ନୂଆ BG ରେଳ ଲାଇନ୍ ନିମନ୍ତେ ଅନ୍ତିମ ସ୍ଥାନ ସର୍ବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹275.20 ଲକ୍ଷ, EMD: ₹2,87,600/-

କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ (ଉଭୟ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.02.2022ରିଖ 1200 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚିତ୍ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Cରେ ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-111/CE/21-22

**ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ, ମୁମ୍ବାଇ**

www.rbi.org.in

ବିଜ୍ଞାପନ ସଂଖ୍ୟା ୧/୨୦୨୧-୨୦୨୨

ସ୍ୱାଧୀନତାର ଅମୃତ ମହୋତ୍ସବ

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ପଦବୀ | ଖାଲିଥିବା ସ୍ଥାନ |
|---|---|---|
| | ପ୍ୟାନେଲ ବର୍ଷ ୨୦୨୧ | |
| ୧ | ଆଇନ ଅଧିକାରୀ ଗ୍ରେଡ୍ 'ବି' | ୦୨ |
| ୨ | ପ୍ରବନ୍ଧକ (ବୈଷୟିକ – ସିଭିଲ) | ୦୬ |
| ୩ | ପ୍ରବନ୍ଧକ (ବୈଷୟିକ – ଇଲେକ୍ଟ୍ରିକାଲ) | ୦୩ |
| ୪ | ଲାଇବ୍ରେରୀ ପ୍ରଫେସନାଲ (ସହାୟକ ଲାଇବ୍ରେରିୟାନ) ଗ୍ରେଡ୍ 'ଏ' | ୦୧ |
| ୫ | ଆର୍କିଟେକ୍ଟ ଗ୍ରେଡ୍ 'ଏ' | ୦୧ |
| ୬ | କ୍ୟୁରେଟର (ପୂର୍ଣ୍ଣ ସମୟ – ଚୁକ୍ତି ଭିତ୍ତିରେ) | ୦୧ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ଜାନୁୟାରୀ ୧୫, ୨୦୨୨ ଓ ଏମ୍ପ୍ଲୟମେଣ୍ଟ ନିଉଜ୍/ରୋଜଗାର ସମାଚାରର ଜାନୁୟାରୀ ୧୫, ୨୦୨୨ / ପରବର୍ତ୍ତୀ ପ୍ରକାଶନରେ ପ୍ରକାଶିତ ହେବାକୁ ଥିବା ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନଲାଇନ୍‌ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ – ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ୍ (fees)/ ସୂଚନା ଦେୟ ପ୍ରଦାନ ନିମନ୍ତେ | ଜାନୁୟାରୀ ୧୫, ୨୦୨୨ରୁ ଫେବୃୟାରୀ ୦୪, ୨୦୨୨ (ସନ୍ଧ୍ୟା ୬.୦୦ ପର୍ଯ୍ୟନ୍ତ) |
| ଅନଲାଇନ (online) / ଲିଖିତ ପରୀକ୍ଷା (Written Examination) | ମାର୍ଚ୍ଚ ୦୬, ୨୦୨୨ |

ଦ୍ରଷ୍ଟବ୍ୟ: ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରକାଶିତ ହେବ। (ଏହି ବିଜ୍ଞାପନର ହିନ୍ଦୀ ରୂପାନ୍ତର ଦୈନିକ ଜାଗରଣ, ଦୈନିକ ଭାସ୍କର, ରାଜସ୍ଥାନ ପତ୍ରିକା ଓ ନବଭାରତ ଟାଇମସ୍‌ରେ ଉପଲବ୍ଧ ହେବ)

idco | ODISHA NEW OPPORTUNITIES — No.CAD-2723

**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**

Bid Identification No. Civil/EST-45/2021-22

Notice No. 23878 Dt.31.12.2021

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1 Name of the Work: Construction of Girls Hostel Building **(Balance Work)** at Special ITI, Khudpur, Jatni, Khurda.
2 Value of the Work: Rs.266.00 lakhs (Approx.)
3 Period of Completion: 06 (Six) Calendar Months
4 Availability of tender online for Bidding:
 I. Start Date: 18.00 hours of Dt.15.01.2022.
 II. End Date: 15.00 hours of Dt.31.01.2022.
 III. Opening Date: 16.00 hours of Dt.31.01.2022.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

Sd./- Chief General Manager (Civil) IDCO, Bhubaneswar

OIPR-14003/11/0182/2122

# ରାଜନୀତି ମନସ୍କ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାବୁମାନେ ରାଜନୀତିରେ ଯୋଗଦେବା ଧାରା ପୁନର୍ବାର ଆରମ୍ଭ ହୋଇଯିବା ପୂର୍ବରୁ ସେମାନଙ୍କ ପାଇଁ ଏକ ବାଧ୍ୟତାମୂଳକ କୁଲିଂ ଅଫ୍ ପିରିୟଡ୍ ପାଇଁ ଦାବି ହୋଇଛି। ଉତ୍ତରପ୍ରଦେଶରେ ଆଗକୁ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଆଖିଆଗରେ ରଖି ରାଜ୍ୟର ଦୁଇ ବରିଷ୍ଠ ବାବୁ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ନେଇ ରାଜନୀତିରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନେଲା ପରେ ଏ କଥା ଉଠିଛି। ନିର୍ବାଚନ ଆଚରଣ ବିଧି ଲାଗୁ ହେବାର କିଛି ଘଣ୍ଟା ପରେ କାନପୁର ପୋଲିସ କମିଶନର ଅସିମ ଅରୁନ ଆଇପିଏସ୍‌ରୁ ଭିଆର୍‌ଏସ୍ ନେବା ପାଇଁ ଆବେଦନ କରିଥିବା ବିଷୟ ଘୋଷଣା କରିଥିଲେ। ୧୯୯୪ ବ୍ୟାଚ୍‌ର ଏହି ଅଧିକାରୀଙ୍କୁ କନୌଜ ସଦର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ କରିବାକୁ ଭାଜପା ଚାହୁଁଛି ବୋଲି ପ୍ରକାଶ ପାଇବା ପରେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଠିକ୍ ସେହି ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଯୁଗ୍ମ ନିର୍ଦ୍ଦେଶକ ରାଜେଶ୍ୱର ସିଂ ତାଙ୍କ ଭିଆର୍‌ଏସ୍ ଆବେଦନ ଗ୍ରହଣ କରାଯାଇଛି ବୋଲି କହିଛନ୍ତି। କୁହାଯାଉଛି,ସାହିବାବାଦ ନିର୍ବାଚନମଣ୍ଡଳୀରୁ ସିଂ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ସିଂ ୨୦୦୯ରେ ଇଡିରେ ଯୋଗ ଦେଇଥିଲେ ଓ ୨୦୧୫ରେ ଇଡି କ୍ୟାଡରଭୁକ୍ତ ହୋଇଥିଲେ। ଗତବର୍ଷ ସରକାରୀ ଅଧିକାରୀମାନେ ଅବସର ନେଇ ଘରୋଇ ସେକ୍ଟର ଚାକିରିରେ ଯୋଗ ଦେବା ପୂର୍ବରୁ ସେମାନଙ୍କ ପାଇଁ କୁଲିଂ ଅଫ୍ ପିରିୟର୍ଡ ଅନିବାର୍ଯ୍ୟ ବୋଲି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ( ସିଭିସି) କହିଥିଲା। ହେଲେ ବାବୁମାନଙ୍କ ରାଜନୀତିରେ ଯୋଗଦେବା ବିଷୟରେ ସେ ସମୟରେ ସିଭିସି ଚିନ୍ତା କରି ନ ଥିଲା। ତେବେ ବର୍ତ୍ତମାନ ସିଭିଲ୍ ସର୍ଭିସ ଛାଡି ରାଜନୀତିରେ ଯୋଗ ଦେଉଥିବା ବାବୁମାନଙ୍କ ସଂଖ୍ୟାକୁ ଲକ୍ଷ୍ୟ କରି ଏ ସମ୍ପର୍କରେ ଚିନ୍ତା କରାଯିବା ଉଚିତ।

### ଖ୍ୟାତିରେ କ୍ଷତି

ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତବେଳେ ସୁରକ୍ଷା ତ୍ରୁଟିକୁ ନେଇ କେନ୍ଦ୍ର ଓ ପଞ୍ଜାବ ସରକାରଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଛି। ଫିରୋଜପୁର ଅଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ଗାଡି ଏକ ଫ୍ଲାଏଓଭର ଉପରେ ୨୦ ମିନିଟ୍ ଅଟକି ରହିଥିଲା। ଏହି ଘଟଣା ଫିରୋଜପୁରର ଏସ୍‌ଏସ୍‌ପି ହରମନଦୀପ୍ ସିଂ ହଂସଙ୍କ ଅଧିକାର କ୍ଷେତ୍ର ହୋଇଥିବାରୁ ତାଙ୍କ ସମେତ ୯ ଜଣ ଆଇପିଏସ୍‌ଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ଏହାବାଦ୍ ପଞ୍ଜାବର ପୋଲିସ ମହାନିର୍ଦ୍ଦେଶକ ସିଦ୍ଧାର୍ଥ ଚଟୋପାଧ୍ୟାୟଙ୍କ ଜାଗାରେ ବୀରେଶ କୁମାର ଭଓ୍ୱରାଙ୍କୁ ଦୁଇ ବର୍ଷ ପାଇଁ ଅବସ୍ଥାପିତ କରାଯାଇଛି। ରାଜ୍ୟ ନିର୍ବାଚନର କିଛି ସପ୍ତାହ ଓ ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ଠିକ୍ ପୂର୍ବରୁ ଏଭଳି ନିଯୁକ୍ତି ଦିଆଯାଇଛି। ମୋଦିଙ୍କ ପଞ୍ଜାବ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାର ତ୍ରୁଟି ଉପରେ ତଦନ୍ତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ( ଏମ୍‌ଏଚ୍‌ଏ) ସଚିବ (ସୁରକ୍ଷା), କ୍ୟାବିନେଟ ସେକ୍ରେଟାରିଏଟ୍ ସୁଧୀର ସକ୍‌ସେନାଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରିଛି। ଏଥିରେ ରହିଛନ୍ତି ଇଣ୍ଟେଲିଜେନ୍ସ ବ୍ୟୁରୋ(ଆଇବି)ର ଯୁଗ୍ମ ନିର୍ଦ୍ଦେଶକ ବଲବୀର ସିଂ ଏବଂ ଏସ୍‌ପିଜିର ଆଇଜି ଏସ୍. ସୁରେଶ। ଏସ୍‌ପିଜିଙ୍କୁ ଦୋଷ ଦେଉଥିବା ଚନ୍ନି ମଧ୍ୟ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ମହତାବ ସିଂ ଗିଲଙ୍କ ନେତୃତ୍ୱରେ ତାଙ୍କ ତଦନ୍ତ କମିଟି ଗଠନ କରିଛନ୍ତି। କିନ୍ତୁ ସୁପ୍ରିମକୋର୍ଟ ଉକ୍ତ ମାମଲାରେ ଆଗକୁ ଆସିବା ପରେ ଏହି କମିଟି ସ୍ଥଗିତ ରହିଛି। ପୁନଶ୍ଚ ଏମ୍‌ଏଚ୍‌ଏ ପଞ୍ଜାବ ପୋଲିସ ଅଧିକାରୀଙ୍କ ବିରୋଧରେ ଏସ୍‌ପିଜି ଆକ୍ଟ ପ୍ରୟୋଗ କରିବାର ବହୁ ସମ୍ଭାବନା ରହିଛି ଏବଂ କେନ୍ଦ୍ର ସେମାନଙ୍କୁ ଦିଲ୍ଲୀ ଡକାଇଛି। ନିଜର ରାଜନୈତିକ ଶ୍ରେଷ୍ଠତା ପ୍ରତିପାଦନ କରିବା ଦୌଡ଼ ମଧ୍ୟରେ ଅଧିକାରୀମାନେ କଠୋର ଦଣ୍ଡ ପାଇବେ କିମ୍ବା ସେମାନଙ୍କ ଚାକିରି ହରାଇବାର ସମ୍ଭାବନା ରହିଛି। ପଞ୍ଜାବ ଓ କେନ୍ଦ୍ର ସମ୍ପର୍କରେ ଆଉ ଅଧିକ କ୍ଷତି ହେବା ପୂର୍ବରୁ ଏହାକୁ ରୋକାଯିବା ଦରକାର। ଏହି ବିଷୟରେ ଏସ୍‌ପିଜି, ଏମ୍‌ଏଚ୍‌ଏ ଏବଂ ଆଇପିଏସ୍‌ଙ୍କ ଖ୍ୟାତିରେ ଯେଉଁ କ୍ଷତି ହୋଇଛି ତାହା ଭରଣା କରିହେବ ନାହିଁ କି ଭୁଲି ହେବ ନାହିଁ।

### ବିବାଦର ଭଉଁରି

କେରଳ ସରକାର ଅମଲାତନ୍ତ୍ରୀ ଏମ୍. ଶିବଶଙ୍କରଙ୍କୁ ପୁନର୍ବାର ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶିବଶଙ୍କରଙ୍କୁ ବଡ଼ ଧରଣର ସୁନା ଚୋରା କାରବାର ଅଭିଯୋଗରେ ନିଲମ୍ବନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ପିନାରୟୀ ବିଜୟନ ଏକ ସରକାରୀ ସୁପାରିସକୁ ସ୍ୱୀକୃତି ଦେବା ପରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଭି.ପି.ଜୋୟ ନିଲମ୍ବନ ଆଦେଶ ପ୍ରତ୍ୟାହାର ଉପରେ ଏକ ନିର୍ଦ୍ଦେଶନାମା ଜାରି କରଛନ୍ତି। ନିଲମ୍ବନ ହେବା ସମୟରେ ବିଜୟନଙ୍କ ପ୍ରମୁଖ ସଚିବ ଥିଲେ ଶିବଶଙ୍କର । ସୁନା ଚୋରା କାରବାର ମମଲାରେ ସେ ମୁଖ୍ୟ ଅଭିଯୁକ୍ତଙ୍କୁ ଭେଟିବା ଅଭିଯୋଗର ତଦନ୍ତ ପରେ ତାଙ୍କୁ ୨୦୨୦ ଜୁଲାଇରେ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏବେ ତାଙ୍କ ନିଲମ୍ବନ ପ୍ରତ୍ୟାହାର କରାଯାଇଛି ଓ ସେ ଚାକିରିକୁ ଫେରିବେ। ସୂତ୍ରରୁ ଜଣାପଡ଼ିଛି ଯେ,ଶିବଶଙ୍କରଙ୍କ ନିଲମ୍ବନ ଜୁଲାଇ ୨୦୨୧ରୁ ଶେଷ ହୋଇଯାଇଥିଲେ ମଧ ତାହାକୁ ଆଉ ୬ ମାସ ପାଇଁ ବଢାଯାଇଥିଲା। ସେ ଜେଲରେ ୯୮ ଦିନ ରହିବା ପରେ ୪ ଫେବୃୟାରୀ୨୦୨୧ରେ ଜାମିନରେ ଆସିଥିଲେ। ଏହା ପୂର୍ବରୁ ମଧ୍ୟ ଆଇଟି ସଚିବ ଭାବେ କୋଭିଡ୍ ରୋଗୀଙ୍କ ଡାଟା ଟ୍ରାନ୍ସଫର ଅନିୟମିତତା ଅଭିଯୋଗରୁ ଶିବଶଙ୍କରଙ୍କୁ ପୂର୍ବତନ ଆଇନ ସଚିବ କେ. ଶଶିଧରନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦୋଷମୁକ୍ତ କରିଥିଲା। ସ୍ପଷ୍ଟତଃ, ବିବାଦର ଭଉଁରିରେ ପକାଇ ତାଙ୍କୁ ସମ୍ପୂର୍ଣ୍ଣ ଅଟକା ଯାଇପାରିନାହିଁ। ସେ ଦଣ୍ଡରୁ ରକ୍ଷା ପାଇଛନ୍ତି।

Email: dilipcherian@gmail.com

# ମିଥ୍ୟାର ଜୟଗାନ କାହିଁକି



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ମଣିଷ ମାତ୍ରେ ହିଁ କେବେ ନା କେବେ ମିଥ୍ୟା କହିଥାଏ, ଯଦିଓ ଏହାକୁ ଏକ ହୀନ ନକାରାତ୍ମକ ଗୁଣ ରୂପେ ସଚରାଚରରେ ଗଣନା କରାଯାଏ। ଏପରି କି ଆମେ ସତ୍ୟର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ମାନୁଥିବା ଯୁଧିଷ୍ଠିର ମଧ୍ୟ ପରିସ୍ଥିତିର ଚାପରେ ଏହା କରିଥିବାର ପୁରାଣରେ ବର୍ଣ୍ଣିତ ଅଛି। ସେଥିପାଇଁ ଏଭଳି କ୍ଷେତ୍ରରେ କେବେ କେମିତି ମିଥ୍ୟା କହିବାକୁ ଆମ ସମାଜ ସ୍ୱୀକୃତି ଦିଏ, ବିଶେଷକରି ଏହା ଯଦି ସାମୂହିକ ଭାବେ ମଙ୍ଗଳକର ହୋଇଥାଏ। କିନ୍ତୁ ବର୍ତ୍ତମାନର ଦୁନିଆରେ ମିଥ୍ୟା କାୟାବିସ୍ତାର କରିଚାଲିଛି। ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ଗଣମାଧ୍ୟମ ପର୍ଯ୍ୟନ୍ତ ସବୁଠାରେ ଏହା ତା'ର ଆସ୍ଥାନ ଜମାଇବାରେ ଲାଗିଛି। ବସ୍ତୁବାଦୀ ଜୀବନଧାରାର ପ୍ରସାରଣ ଏବଂ ପାରମ୍ପରିକ ମୂଲ୍ୟବୋଧର ଅବକ୍ଷୟ ହେତୁ ଆମେ ଛୋଟ ଛୋଟ ଲାଭ ପାଇଁ ମିଥ୍ୟା କହୁଛୁ। କ୍ରମେ ଏହା ଆମର ଅଭ୍ୟାସରେ ପରିଣତ ହୋଇଯିବା ଫଳରେ ଏପରି କି ବିନା କାରଣରେ ମଧ୍ୟ ଆମେ ତାହା କରୁଛୁ। ଅଧିକାଂଶ ଗଣମାଧ୍ୟମ ଏ ଦିଗରେ କିଛିପାଦ ଆଗୁଆ। ଏହା ଅନେକ ସମୟରେ ଏହାର ପ୍ରସାରଣକାରୀଙ୍କୁ କିମ୍ବା ସେମାନେ ସମର୍ଥନ କରୁଥିବା କୌଣସି ରାଜନୈତିକ ଦଳ ବା ବ୍ୟକ୍ତିବିଶେଷଙ୍କୁ ସୁହାଇଲା ଭଳି ବିବିଧ ମିଥ୍ୟା ଉପସ୍ଥାପନ କରୁଥିବାର ଅଭିଯୋଗ ହେଉଛି- ସିଧାସଳଖ ହେଉ କି ସତ୍ୟକୁ ବିକୃତ କରି ହେଉ। ତଦ୍ୱାରା ସମାଜର ଅଶେଷ କ୍ଷତି ସାଧନ ହେଉଛି।

ମିଥ୍ୟା କହିବା ମଣିଷର ଏକ ଜନ୍ମଗତ ପ୍ରବୃତ୍ତି। କୁହାଯାଏ ଯେ ଶିଶୁଟିଏ କୁଆଡ଼େ ଛ'-ସାତମାସର ହେଲାବେଳକୁ ତା'ଠାରେ ଏ ବିଦ୍ୟାର ଅଙ୍କୁରୋଦ୍‌ଗମ ଘଟିଥାଏ। ସେଥିପାଇଁ ସେ ମିଛଟାରେ ନିଦ୍ରାଯିବାର ଛଳନା କରିପାରେ। କ୍ରମେ ତା'ଠାରେ ଏ ପ୍ରବୃତ୍ତି ଦୃଢ଼ ହେବାକୁ ଲାଗେ।

ମିଥ୍ୟାର ପ୍ରବଳତାକୁ ନେଇ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଗବେଷକଙ୍କ ଏକ ବିଶେଷଣାତ୍ମକ ରଚନା ପ୍ରକାଶ ପାଇଛି ସ୍ୱନାମଧନ୍ୟ ଗବେଷଣା ପତ୍ରିକା 'ସାଇନସ୍'(୨୦୧୯)ରେ। ଏଥିପାଇଁ ସେମାନେ ୨୦୦୬ରୁ ୨୦୧୮ ମଧ୍ୟରେ ପ୍ରାୟ ୩ ନିୟୁତ ଲୋକ ୪.୫ ନିୟୁତରୁ ଅଧିକଥର କରିଥିବା ଟୁଇଟ୍‌ର ବିଷୟବସ୍ତୁ ବିଚାରକୁ ନେଇଥିଲେ। ସେଥିରୁ ଜଣାପଡ଼ିଥିଲା ଯେ ସତ୍ୟ ତୁଳନାରେ ମିଥ୍ୟା ଖବର ଅଧିକ ଦୂରଦୂରାନ୍ତକୁ ଦ୍ରୁତ ବେଗରେ ଏବଂ ଗଭୀରଭାବେ ବିସ୍ତାରିତ ହୋଇଥାଏ। ସେମାନଙ୍କ ମଧ୍ୟରେ ଏହା ମୂଳରେ ରହିଛି ପ୍ରେରଣକାରୀମାନଙ୍କର ତାହାକୁ ରଙ୍ଗିନ କରିବାର ଉଦ୍ୟମ ଏବଂ ଗ୍ରହଣକାରୀମାନଙ୍କ ଗ୍ରହଣ କରିବାର ପ୍ରବୃତ୍ତି। ଏଥିରୁ ଜଣାପଡ଼ିଛି ଯେ, ମିଥ୍ୟାକୁ ନେଇ କରାଯାଇଥିବା ଟୁଇଟ୍ ୧୦୦୦ରୁ ୧,୦୦,୦୦୦(ଲକ୍ଷେ) ଲୋକଙ୍କ ନିକଟରେ ପହଞ୍ଚିଲା ବେଳେ ସତ୍ୟ ପହଞ୍ଚିଥାଏ ଅତିବେଶିରେ ୧୦୦୦ ଲୋକଙ୍କ ନିକଟରେ। ପୁନଶ୍ଚ ମିଥ୍ୟାକୁ ଅଧିକ ଲୋକ ଆଗ୍ରହର ସହ ଜବାବ ଦେଇଥାନ୍ତି। ଏହା ସତ୍ୟ ତୁଳନାରେ ୭୦ ଶତାଂଶ ଅଧିକ। ସେହିପରି ସତ୍ୟ ଅପେକ୍ଷା ମିଥ୍ୟା ଖବର ପ୍ରାୟ ଛ'ଗୁଣ ଅଧିକ ଦ୍ରୁତ ପ୍ରସାରିତ ହୁଏ। ଗବେଷକମାନଙ୍କ ମତରେ ଏପ୍ରକାର ଖବରର ଆମ ଭାବପ୍ରବଣତାକୁ ଉଦ୍ଦୀପିତ କରିବାର ସାମର୍ଥ୍ୟ ଅଧିକ, କାରଣ ଏହାକୁ ଅଧିକ ରୁଚିପୂର୍ଣ୍ଣ ରୂପେ, ସାଧାରଣ ଲୋକଙ୍କ ମନକୁ ଛୁଇଁ ପାରିବାର ରୂପ ଦେଇ ପରିବେଷଣ କରାଯାଏ। ସାଧାରଣତଃ ଏହା ତାଙ୍କ ବିସ୍ମୟଭାବକୁ ତ୍ୱରାନ୍ୱିତ କରେ। ଏଣୁ ତାହା ଅଧିକ ଗ୍ରହଣୀୟ ହୁଏ। ଅନ୍ୟପକ୍ଷରେ, ସତ୍ୟ ପରିବେଷଣ ବେଳେ ଖବରର ରୂପ ବଦଳାଇବାର ଅବକାଶ ନ ଥାଏ। ଏହା ସିଧାସଳଖ ମନରେ ଦୁଃଖ କିମ୍ବା ଆନନ୍ଦ ଦିଏ ଏବଂ ତହିଁରେ ଆଶା ଓ ବିଶ୍ୱାସ ସଞ୍ଚାର କରେ। ସେଥିପାଇଁ ପୂର୍ବୋକ୍ତିଟି ଅଧିକ ଶକ୍ତିଶାଳୀ ହୁଏ। ସମ୍ଭବତଃ ଏହା ଏକ ବିଶୁଦ୍ଧ ଯୋଗାଯୋଗ ନୁହେଁ। 'କେମ୍ବ୍ରିଜ୍ ଆନାଲିଟିକା' ସଂସ୍ଥା ଦ୍ୱାରା ଅନୁଷ୍ଠିତ ଏକ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଅନୁସାରେ ଏଥିରେ ସାଧାରଣତଃ ଥାଏ ଜାତି-ଜାତି, ଧର୍ମ-ଧର୍ମ କିମ୍ବା ବିବିଧ ରାଜନୈତିକ ଗୋଷ୍ଠୀଙ୍କୁ ନେଇ ପକ୍ଷପାତିତା। ଆଜିକାଲି ଲୋକଙ୍କର ପୂର୍ବାଧିକୃତ ମାନସିକତାସମ୍ପନ୍ନ ମନକୁ ତାହା ଅଧିକ ଗଭୀର ଭାବେ ଛୁଏଁ।

'ସାଇନସ୍'ର ସେହି ଏକା ସଂଖ୍ୟାରେ ପ୍ରକାଶିତ ହୋଇଛି ଅନ୍ୟ ଏକ ନିବନ୍ଧ। ଏଥିରେ ମିଥ୍ୟା ଖବରକୁ ବିସ୍ତାରିତ କରିବାରେ ସ୍ୱୟଂକ୍ରିୟ ବ୍ୟବସ୍ଥାର ଏବଂ ମିଥ୍ୟାବାଦୀର ଇଚ୍ଛାକୃତ ଭୂମିକାର ସମ୍ପର୍କକୁ ନେଇ ଆଲୋଚନା କରାଯାଇଛି। ଏହାର ମୁଖ୍ୟ ଲେଖକ ଫିଲିପୋ ମେନେଜର୍ ସୂଚିତ କରିଛନ୍ତି ଯେ, ଉପରୋକ୍ତ ମାସାଚ୍ୟୁସେଟ୍ସ ଗବେଷକଙ୍କ ଅଧ୍ୟୟନ ଏହାର କେବଳମାତ୍ର ଗୋଟିଏ କାରକ ଉପରେ ଲକ୍ଷ୍ୟ ନିର୍ଦ୍ଦେଶ କରିଛି- ତାହା ହେଲା ମିଥ୍ୟା ଖବରର ଛଳନାଯୁକ୍ତ ନୂତନରୂପ। ତେବେ ଏହାର ଅନ୍ୟ କାରକମାନ ମଧ୍ୟ ରହିଛି। ସେଗୁଡ଼ିକ ହେଲା ଲୋକଙ୍କ ବୋଧଶକ୍ତି, ପୂର୍ବାଧିକୃତ ମାନସିକତା, ଅସୁରକ୍ଷିତ ମନୋଭାବ, ସାମାଜିକ ପରିବେଶ ଏବଂ ବିଶ୍ଳେଷଣକାରୀ ମନୋଭାବର ଅଭାବ। ତାଙ୍କ ମତରେ ମିଥ୍ୟା ଖବର ପ୍ରସାରଣରେ ଲୋକଙ୍କ ଭୂମିକା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜନସାଧାରଣଙ୍କୁ ସେଥିରେ କେତେଦୂର ସତ୍ୟତା ରହିଛି ତାହା ବୁଝିବା ପାଇଁ ଚେଷ୍ଟା କରିବା ଦିଗରେ ସଚେତନ କରାଯାଇ ପାରିଲେ ତାହା ହ୍ରାସ ପାଇବ।


ନିକଟରେ ହୋଇଥିବା ବୈଜ୍ଞାନିକ ପରୀକ୍ଷାରୁ ମିଥ୍ୟାଚାରର ମସ୍ତିଷ୍କ ସହିତ ସମ୍ପର୍କ ଥିବାର ଜଣାପଡ଼ିଛି। ଓ୍ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଏକ ରଚନାରେ (୨୦୨୦) ଉଇଲିୟମ୍ ଓ୍ୱନ୍ ଏବଂ ସାରା କାପ୍ଲାନ୍ ସୂଚନା ଦେଇଛନ୍ତି ଯେ ମିଥ୍ୟାଚାରର ହେଉଛି ଏପରି ଏକ ଜିନିଷ, ଯାହା କି ଆମେ ଅନ୍ୟ ପ୍ରତି କରିଥାଉ (ଠକାମି) ବୋଲି ଭାବୁ, କିନ୍ତୁ ପ୍ରକୃତରେ ଏହାଦ୍ୱାରା ଆମେ ନିଜ ପ୍ରତି ମଧ୍ୟ କିଛି ଅକର୍ମ କରୁ। ସଂକ୍ଷେପରେ କହିବାକୁ ଗଲେ ଆମେ ଥରେ ମିଥ୍ୟା କହିବା ଆରମ୍ଭ କରିଦେଲେ ଧୀରେ ଧୀରେ ତାହା କରିବା ଆମ ପାଇଁ ଅଧିକରୁ ଅଧିକ ସହଜ ହୋଇପଡ଼େ ଏବଂ ଆମେ ତାହା ବେଶି ବେଶି କରୁ। ସତ୍ୟ କହିବା ଆମ ପକ୍ଷେ କ୍ରମଶଃ କଷ୍ଟକର ହୋଇପଡ଼େ। କାରଣ ମିଥ୍ୟା କହିବା ଆମ ମସ୍ତିଷ୍କ ଉପରେ କିଛି ସ୍ଥାୟୀ ପ୍ରଭାବ ପକାଇଥାଏ। ଏ ପ୍ରଭାବ ଯେ କିପରି ସେଥି ସମ୍ପର୍କରେ ଗବେଷଣା ପତ୍ରିକା 'ନେଚରନ୍ୟୁରୋସାଇନସ୍'ରେ ସୂଚନା ଦେଇଛନ୍ତି ଡ୍ୟୁକ୍(ଇଂଲଣ୍ଡ)ର ମନସ୍ତତ୍ତ୍ୱବିତ୍ ଡାନ୍ ଏରିଏଲ୍ ଏବଂ ତାଙ୍କ ସହକର୍ମୀଗଣ(୨୦୧୬)। ସେମାନଙ୍କ ମତରେ ମିଥ୍ୟା କହିବା କାଳରେ ମସ୍ତିଷ୍କର 'ଆମିଗ୍-ଡାଲା' ଅଂଶଟି ହଠାତ୍ ସକ୍ରିୟ ହୋଇଉଠେ। ଏହା ତାହା ଅଧିକରୁ ଅଧିକ କହିବା ସହଜ କରିଥାଏ।

ମସ୍ତିଷ୍କର ଏହି ଅଂଶଟି ଭୟ, ଦୁଶ୍ଚିନ୍ତା ଏବଂ ଭାବପ୍ରବଣତାଯୁକ୍ତ ପ୍ରତିକ୍ରିୟାମାନ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମିଥ୍ୟା କହିବା ସମୟର ସଙ୍କୋଚଭାବ ଏବଂ ନିଜକୁ ଦୋଷୀ ମନେକରିବା ଅନୁଭବ ଏହାରି ଅନ୍ତର୍ଭୁକ୍ତ। କିନ୍ତୁ ଯେତେବେଳେ ଜଣେ ଲୋକ ନିଜ ସ୍ୱାମୀ କିମ୍ବା ସ୍ତ୍ରୀ ନତୁବା ଅନ୍ୟକେହି ପ୍ରିୟ ପରିଜନ ସହିତ ବାରମ୍ବାର ଶଠତା ଆଚରଣ କରେ ତା'ର 'ଆମିଗ୍ ଡାଲା' ନକାରାତ୍ମକ ପ୍ରତିକ୍ରିୟା ବୃଦ୍ଧି ପାଇବାକୁ ଲାଗେ। ପୁନଶ୍ଚ ପରିଣାମ ଭୋଗ କରିବାର ସମ୍ଭାବନା କମ୍ ଥିଲେ ସେ ମିଥ୍ୟାଟିକୁ ଅଧିକ ଚାଞ୍ଚଲ୍ୟକର କରିଥାଏ। ଏହା ତା'ର ଅନ୍ୟ ପ୍ରତି ସମ୍ବେଦନଶୀଳତା ହ୍ରାସ କରେ ଏବଂ ନିଜର ସ୍ୱାର୍ଥ ପାଇଁ ଏ ବାଟକୁ ସେ ଅଧିକରୁ ଅଧିକ ଆପଣାଏ। ତେବେ ଏରିଏଲଙ୍କ ମତରେ, ଏଭଳି କାର୍ଯ୍ୟ ନିଜେ ମିଥ୍ୟାଚାରୀ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ। ଏହା ତା'ର 'ଆମିଗ୍ ଡାଲା'କୁ ବାରମ୍ବାର ସକ୍ରିୟ କରିବା ଫଳରେ ତା'ଠାରେ ଭୟ, ଆଶଙ୍କା, ଅବିଶ୍ୱାସ, ଦୁଶ୍ଚିନ୍ତା ଆଦି ନକାରାତ୍ମକ ଭାବପ୍ରବଣତା ବୃଦ୍ଧି ପାଏ, ଯାହା କି ତା' ମନ ଏବଂ ଦେହ ଉଭୟକୁ ରୋଗାକ୍ରାନ୍ତ କରିଦିଏ। ଏଭଳି ଲୋକର ରୋଗ ପ୍ରତିରୋଧଶକ୍ତି କମ୍ ହେବା ସହିତ ମଧୁମେହ, ଉଚ୍ଚରକ୍ତଚାପ ଭଳି ଅଣସଂକ୍ରମଣ ରୋଗର ଶିକାର ହେବା ସମ୍ଭାବନା ଅଧିକ। ତେବେ ତଥାପି ମଧ୍ୟ ସାରା ବିଶ୍ୱରେ ମିଥ୍ୟାର ଜୟଗାନ ବଢ଼ି ବଢ଼ି ଚାଲିଛି।

ଅନ୍ୟପକ୍ଷରେ, ବହୁ ସ୍ନାୟୁବିଜ୍ଞାନୀଙ୍କ ମତରେ ମସ୍ତିଷ୍କ କେବଳ ଅସତ୍ୟ ବା ମିଥ୍ୟାଚାର ପାଇଁ ନୁହେଁ, କିଛିଟା ଭିନ୍ନ ଭାବେ ସତ୍ୟ ପ୍ରତି ମଧ୍ୟ ସମ୍ବେଦନଶୀଳ। ଏଣୁ ସତ କହିବା, ସତ୍ ଚିନ୍ତା କରିବା, କୃତଜ୍ଞତା ପ୍ରକଟ କରିବା ଆଦି କାର୍ଯ୍ୟ ଥରେ ଆରମ୍ଭ କରିଦେଲେ କ୍ରମେ ତାହା ଅଧିକରୁ ଅଧିକ ସହଜ ହୋଇଥାଏ। ପୁନଶ୍ଚ ସତ କହିବା ଆମ ମନକୁ ଏବଂ ତା' ମାଧ୍ୟମରେ ଶରୀରକୁ ଶକ୍ତିଶାଳୀ କରେ। ନିକଟରେ ସିକାଗୋ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ଏକ ଅଧ୍ୟୟନରେ ଗବେଷକମାନେ କିଛି ସ୍ୱେଚ୍ଛାସେବୀଙ୍କୁ ପରିଣାମ ପ୍ରତି ଧ୍ୟାନ ନ ଦେଇ କିଛିଦିନ ଧରି ସତ କହିବାକୁ ପ୍ରବର୍ତ୍ତାଇଥିଲେ। ତହିଁରୁ ସେମାନେ ଆବିଷ୍କାର କଲେ ଯେ, ପ୍ରକୃତରେ ଏହା କାଳକ୍ରମେ ଅଧିକରୁ ଅଧିକ ଆନନ୍ଦଦାୟୀ ହେବା ସହିତ ଆତ୍ମବିଶ୍ୱାସକୁ ସୁଦୃଢ଼ ଏବଂ ମନକୁ ଦୁଶ୍ଚିନ୍ତା ମୁକ୍ତକରେ। ଫଳରେ ମନ ଓ ଦେହ ଉଭୟ ସୁସ୍ଥ ରହେ। ଏହି ଗବେଷକ ଦଳର ଅନ୍ୟତମ ସଦସ୍ୟ ଇମ୍ମା ଲେଭିନ୍‌ଙ୍କ ମତରେ, ଏହା ମନକୁ ଉଚ୍ଚତର ଏବଂ ଅଭିନବ ଚିନ୍ତା କରିବାକୁ ଉତ୍‌ପ୍ରେରିତ କରେ। ତେଣୁ ନିକଟରେ (୨୦୨୧) 'ସାଇନସ୍' ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ ସେ ଏବଂ ତାଙ୍କ ସହଯୋଗୀମାନେ ମତବ୍ୟକ୍ତ କରିଛନ୍ତି ଯେ, ମିଥ୍ୟାଚାର ତୁମକୁ ସାମୟିକ ଲାଭଦାୟକ ହୋଇପାରେ, କିନ୍ତୁ ତାହା ତୁମ ମନରେ ଉଚ୍ଚଚିନ୍ତା ଆସିବାକୁ ଦେବନାହିଁ। ଅତଏବ ଆମେ ତା'ର ଜୟଗାନ କରିବା କାହିଁକି? ତା' ଅପେକ୍ଷା ବରଂ ସତ୍ୟବାଦିତାକୁ ଆପଣାଇବା ଅଧିକ ଏବଂ ଦୀର୍ଘସ୍ଥାୟୀ ଲାଭଦାୟକ ହେବ। ତାହା ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ସମାଜ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଶୁଭଙ୍କର ହେବ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର

# ମହାକାଶରେ ଦିବ୍ୟ ଚକ୍ଷୁ



ରିତେଶ କୁମାର ଶିଶୁ

ଆମ ଚକ୍ଷୁର ଦୃଷ୍ଟି ପରିସୀମା ସୀମିତ, ଯାହା ମାଧ୍ୟମରେ ବିଶ୍ୱର ସମସ୍ତ ବିଚିତ୍ରତାକୁ ଦେଖିବା ସମ୍ଭବ ନୁହେଁ। ମହାଭାରତରେ ଋଷି ବ୍ୟାସଦେବ ସଞ୍ଜୟଙ୍କୁ ଓ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଦିବ୍ୟ ଦୃଷ୍ଟି ପ୍ରଦାନ କରିଥିଲେ ଓ ଉଭୟ ସଞ୍ଜୟ ଓ ଅର୍ଜୁନ ତାହା ଦ୍ୱାରା ବିଶ୍ୱରୂପ ଦର୍ଶନ କରିପାରିଥିଲେ। ବିଜ୍ଞାନସମ୍ମତ ମତବାଦରୁ ଏହା ପ୍ରତୀୟମାନ ହୋଇଛି ଯେ ଆମେ ଏକ ପରିମିତିହୀନ ଅପରିସୀମ ସଦା ବିସ୍ତୃତ ବିଶ୍ୱରେ ବାସ କରୁଛେ। କିନ୍ତୁ ଏହି ବିଶ୍ୱ ବ୍ରହ୍ମାଣ୍ଡର ଉତ୍ପତ୍ତି ୧୩୮୦ କୋଟି ବର୍ଷ ପୂର୍ବେ ଏକ ବିରାଟ ବିସ୍ଫୋରଣ ବା ବିଗ୍‌ବ୍ୟାଙ୍ଗରୁ ଆରମ୍ଭ ହୋଇଥିବାର ଏକ ମତବାଦ ପ୍ରଚଳିତ ଅଛି, ଯାହା ପ୍ରମାଣ ସାପେକ୍ଷ। ଏହାର ପ୍ରମାଣ ଖୋଜିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରଚେଷ୍ଟା ଜାରି ରଖିଛନ୍ତି। ସେହି ପ୍ରଚେଷ୍ଟାର ଏକ ପ୍ରୟାସ ହେଉଛି ମହାକାଶରେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନା କରି ସମୟର ଗଭୀରତମ ପ୍ରଦେଶରେ ୧୩୮୦ କୋଟି ବର୍ଷ ଅତୀତକୁ ନିରେଖି ଦେଖିବା। ୨୫ ଡିସେମ୍ବର୨୦୨୧ରେ ମହାକାଶକୁ ପ୍ରେରଣ କରାଯାଇଥିବା ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ଏହା ସମ୍ଭବ ହେବ ବୋଲି ଆଶା କରାଯାଉଛି। ଏଥି ପୂର୍ବରୁ ହବଲ ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ୯୦୦ରୁ ୧୦୦୦ କୋଟି ବର୍ଷ ଅତୀତର ସ୍ଥିତିକୁ ନିରୀକ୍ଷଣ କରାଯାଇ ପାରିଥିଲା।

ହେଲେ ଏଠାରେ ଆଶ୍ଚର୍ଯ୍ୟକର କଥା ହେଲା ଆମେ ଦୂରବୀକ୍ଷଣ ଯନ୍ତ୍ରରେ ଅତୀତକୁ କେମିତି ଦେଖିପାରୁଛେ! ତାହା ହିଁ ତ ମାୟା, ମଣିଷ ଚର୍ମ ଚକ୍ଷୁରେ ଯାହା ଦେଖେ ତାହା ବର୍ତ୍ତମାନ ଓ ବାସ୍ତବ ବୋଲି ଭାବେ କିନ୍ତୁ ବିଜ୍ଞାନର ପ୍ରହେଳିକାମୟ ମତବାଦ ଅନୁସାରେ ଆମେ ସର୍ବଦା ଅତୀତକୁ ହିଁ ଅବଲୋକନ କରୁଛେ। ମନେକରନ୍ତୁ ଆପଣ ଏବେ ଆପଣଙ୍କ ହାତକୁ ଦେଖୁଛନ୍ତି କିନ୍ତୁ ପ୍ରକୃତ ପକ୍ଷେ ଆପଣ କିଛି ନାନୋସେକେଣ୍ଡ ଅତୀତର ହାତକୁ ଦେଖୁଛନ୍ତି। ଏହାର କାରଣ ହେଲା ଆଲୋକ! ବିଜ୍ଞାନ ଏହା ପ୍ରମାଣିତ କରିଛି ଯେ ଆଲୋକର ଗତି ସେକେଣ୍ଡ ପ୍ରତି ପାଖାପାଖି ୩୦୦୦୦୦ କିଲୋମିଟର। ସେହି ହିସାବରେ ଆପଣଙ୍କ ହାତରୁ ଆଲୋକ ପ୍ରତିଫଳିତ ହୋଇ ଆପଣଙ୍କ ଆଖିରେ ପହଞ୍ଚିବାକୁ କିଛି ନାନୋସେକେଣ୍ଡ ଲାଗିବ। ସେହିପରି ବସ୍ତୁଗୁଡ଼ିକ ଆପଣଙ୍କଠାରୁ ଯେତିକି ଦୂରରେ ଥିବେ ଆପଣ ସେହି ତୁଳନାରେ ସେଗୁଡ଼ିକୁ ସେତିକି ଅଧିକ ଅତୀତରେ ଦେଖିବେ। ସୂର୍ଯ୍ୟ ପୃଥିବୀଠାରୁ ପ୍ରାୟ ୧୪.୯୬ କୋଟି କିଲୋମିଟର ଦୂରରେ ଥିବାରୁ ସେଠାରୁ ନିର୍ଗତ ଆଲୋକ ପୃଥିବୀ ପୃଷ୍ଠରେ ପହଞ୍ଚିବାକୁ ପ୍ରାୟ ୪୯୯ ସେକେଣ୍ଡ ବା ୮.୩୧ମିନିଟ୍ ଲାଗେ, ଏହାର ଅର୍ଥ ଆମେ ସର୍ବଦା ୮.୩ ମିନିଟ୍ ଅତୀତର ସୂର୍ଯ୍ୟକୁ ଦେଖୁଛେ। ରାତିର ଆକାଶରେ ତାରାଗୁଡ଼ିକ ଆମଠାରୁ ଅନେକ ଆଲୋକ ବର୍ଷ ଦୂରରେ ଅବସ୍ଥିତ ହୋଇଥିବାରୁ ସେଗୁଡ଼ିକୁ ଆମେ ସେତିକି ବର୍ଷ ଅତୀତରେ ହିଁ ଦେଖୁଛେ। ସୂର୍ଯ୍ୟ ପରେ ଆମର ନିକଟତମ ନକ୍ଷତ୍ର ପ୍ରକ୍ସିମା ସେଣ୍ଟାଉରି ପୃଥିବୀଠାରୁ ୪ ଆଲୋକ ବର୍ଷ ଦୂରରେ ଅଛି। ହୁଏତ ଏମିତି କେତେକ ତାରକାଙ୍କୁ ଆମେ ଦେଖୁଥିବା, ଯେଉଁମାନଙ୍କର ବିନାଶ ହୋଇଯିବଣି କିନ୍ତୁ ସେଥିରୁ ନିର୍ଗତ ଆଲୋକକୁ ଆମେ ଆଜି ବି ଦେଖିପାରୁଥିବା। ତେବେ ଏହି ଆଲୋକ ବର୍ଷ କ'ଣ! ଆଲୋକର ଗତିରେ ୧ ବର୍ଷ ବା ୩୬୫ ଦିନ ଗତି କଲେ ୯.୪୬ ଟ୍ରିଲିୟନ ବା ପ୍ରାୟ ୯୪୫୪୨୫.୫ କୋଟି କିଲୋମିଟର ଦୂରତା ଗତି କରିବା ସହିତ ସମାନ ଓ ଏହି ଦୂରତାକୁ ଆମେ ଏକ ଆଲୋକ ବର୍ଷ ବୋଲି କହିଥାଉ। ସେହି ନ୍ୟାୟରେ ବ୍ରହ୍ମାଣ୍ଡ ସୃଷ୍ଟି ହେବା ସମୟରେ ଯେଉଁ ଆଲୋକ ରଶ୍ମି ବିଚ୍ଛୁରିତ ହୋଇଥିଲା ତାହା ୧୩୮୦ ଆଲୋକ ବର୍ଷ ଦୂର ଅତୀତର । ସେହି ଅତୀତର ଆଲୋକ ରଶ୍ମିକୁ ବୈଜ୍ଞାନିକମାନେ ଦୂରବୀକ୍ଷଣ ଯନ୍ତ୍ରରେ ଲାଗିଥିବା ବିଶାଳ ଦର୍ପଣ ମାଧ୍ୟମରେ ସଂଗ୍ରହ କରି ବିସ୍ତାରିତ ଭାବରେ ଦେଖି ଅନୁଶୀଳନ କରିଥାନ୍ତି। କହିବାକୁ ଗଲେ ଆମେ ଅତୀତରେ ବିଶ୍ୱ ବ୍ରହ୍ମାଣ୍ଡର ସେହି ସୃଷ୍ଟି ଓ ବିନାଶର ପ୍ରକ୍ରିୟାର ଦୃଶ୍ୟଗୁଡ଼ିକୁ ଦୂରବୀକ୍ଷଣ ଯନ୍ତ୍ର ରୂପୀ ଦିବ୍ୟ ଚକ୍ଷୁ ମାଧ୍ୟମରେ ଦେଖିବାକୁ ସକ୍ଷମ ହୋଇଥାଉ। ଯେଉଁ ଦୂରବୀକ୍ଷଣ ଯନ୍ତ୍ରର ଦର୍ପଣ ଯେତେ ବଡ଼ ତାହା ସେତେ ଅଧିକ ଆଲୋକକୁ ସଂଗ୍ରହ କରି ବ୍ରହ୍ମାଣ୍ଡର ଅତି ଦୂର ଅତୀତର ସ୍ଥିତିକୁ ପ୍ରଦର୍ଶିତ କରିପାରେ। ପୂର୍ବରୁ କାର୍ଯ୍ୟକାରୀ ଥିବା ହବଲ ଦୂରବୀକ୍ଷଣ ଯନ୍ତ୍ର ଦର୍ପଣର ବ୍ୟାସ ୨.୪ ମିଟର ଥିବାବେଳେ ନିକଟରେ ପ୍ରେରିତ ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ର ଦର୍ପଣର ବ୍ୟାସ ୬.୫ ମିଟର। ଏହି ଦୂରବୀକ୍ଷଣ ଯନ୍ତ୍ର ତିଆରିକରିବା ପାଇଁ ପ୍ରାୟ ୨୫ ବର୍ଷ ସମୟ ଲାଗିଛି। ଏହା ମାଧ୍ୟମରେ ବ୍ରହ୍ମାଣ୍ଡ ସୃଷ୍ଟି ହେବା ସମୟରେ ଅତି ପ୍ରାଚୀନ ନକ୍ଷତ୍ର, ନକ୍ଷତ୍ରମଣ୍ଡଳୀ ବା ଗାଲାକ୍ସି, କୃଷ୍ଣଗର୍ତ୍ତ ବା ବ୍ଲାକ୍ ହୋଲ ଇତ୍ୟାଦି ଆଦ୍ୟ ଅବସ୍ଥାରେ କିପରି ଜନ୍ମ ହୋଇ ପରିପ୍ରକାଶ ହେଲେ ତାହା ଜଣାପଡ଼ିବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ ଆମ ସୌରଜଗତର ବାହ୍ୟ ସରଞ୍ଜନା, ଆମ ସୌରଜଗତ ବାହାରେ ସୌରଜଗତ ଓ ଗ୍ରହଗୁଡ଼ିକର ସଂରଚନା ଓ ସେଠାରେ ଜୀବନ ସଞ୍ଚାର ସନ୍ଧାନ, ବ୍ରହ୍ମାଣ୍ଡ ସଂରଚନାରେ ପରିକଳ୍ପିତ ୨୧% କୃଷ୍ଣପଦାର୍ଥ ବା ଡାର୍କ ମ୍ୟାଟର ବିଷୟରେ ଅନୁସନ୍ଧାନ ପାଇଁ ମଧ୍ୟ ଏହି ଦୂରବୀକ୍ଷଣ ଯନ୍ତ୍ର ସହାୟକ ହେବ।

ଏଠାରେ ଅନ୍ୟ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମେ କ'ଣ ପୃଥିବୀ ପୃଷ୍ଠରେ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପନା କରି ଏହା କରିପାରିବା ନାହିଁ ଯେ ଏତେ ଅର୍ଥ ବ୍ୟୟ କରି ମହାକାଶରେ ତାହା ସ୍ଥାପନା କରୁଛେ! ପ୍ରକୃତ ପକ୍ଷେ ପୃଥିବୀର ଘନ ବାୟୁମଣ୍ଡଳ, ତାପମାତ୍ରା, ବାୟୁ ଓ ଆଲୋକ ପ୍ରଦୂଷଣ ଏଥିପାଇଁ ମୁଖ୍ୟ ଅନ୍ତରାୟ ସୃଷ୍ଟି କରନ୍ତି, ଯେଉଁ ପ୍ରତିବନ୍ଧକ ମହାକାଶରେ ନ ଥାଏ।

ମଣିଷ ଆଜି ତାହାର ଜିଜ୍ଞାସା ଓ ଗବେଷଣା ମାଧ୍ୟମରେ ମହାକାଶରେ ଦିବ୍ୟ ଚକ୍ଷୁ ସ୍ଥାପନା ପୂର୍ବକ ବ୍ରହ୍ମାଣ୍ଡକୁ ତନ୍ନ ତନ୍ନ କରି ତର୍ଜମା କରି ଈଶ୍ୱରଙ୍କୁ ଆବିଷ୍କାର କରିବାର ନିକଟତର ହେଉଛି କିମ୍ବା ନିଜେ ଈଶ୍ୱର ହୋଇଯାଉଛି ତାହା ଆଗାମୀ ଭବିଷ୍ୟତ ଗର୍ଭରେ ଲୁଚି ରହିଛି।

ଦଧିବାବନପୁର, କଟକ
ମୋ:୮୦୧୮୮୩୪୭୩୪

## ଏଇ ଭାରତରେ

ଅଗଣାରେ ଜୈବିକ ପରିବା ଚାଷ କରି ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରୁଛନ୍ତି ବାରାଣସୀର ନନ୍ଦଲାଲ ମାଷ୍ଟର। ସେ ୨୦୦ଟି କୁଣ୍ଡରେ ପରିବା ଚାଷ କରୁଛନ୍ତି। ଏଥିରୁ ସେ ଗୋଟିଏ ସପ୍ତାହରେ ୧୦୦ କେଜି ପରିବା ଉତ୍ପାଦନ କରୁଛନ୍ତି। ୨୦୧୧ରେ ଉତ୍ତରପ୍ରଦେଶର ନାଗେପୁର ଗାଁର ନନ୍ଦଲାଲ ବୃତ୍ତିଗତ କାରଣରୁ ବାରାଣସୀ ଯାଇଥିଲେ। ସେଠାରେ ଗ୍ରାମୀଣ ଜୀବନଶୈଳୀ ଜାରି ରଖିବା ଲାଗି ପ୍ରଥମେ ଅଗଣାରେ ଅଳ୍ପ କିଛି କୁଣ୍ଡରେ ପରିବା ଚାଷ ଆରମ୍ଭ କରିଥିଲେ। ଏବେ ୨୦୦ କୁଣ୍ଡରେ ଏହି ଚାଷ କରୁଛନ୍ତି। ରୋଷେଇଘର ଓ ଅନ୍ୟ ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ନନ୍ଦଲାଲ ଅଗଣାରେ ବାଇଗଣ, କଲରା, ଲାଉ, ଫୁଲକୋବି, ଭେଣ୍ଡି, ରସୁଣ, କାକୁଡ଼ି, ଟମାଟୋ ଏବଂ ଅନ୍ୟ ଋତୁକାଳୀନ ପରିବା ଫଳାଉଛନ୍ତି। ଏବେ ସେ ୭୦ କେଜି ଫୁଲକୋବି, ୩ କେଜି ବାଇଗଣ ଏବଂ ୧୨ କେଜି ଲାଉ ଫଳାଇଛନ୍ତି। ଦିନକୁ ୧କେଜି ଭେଣ୍ଡି ବି ପାଉଛନ୍ତି। ନିଜ ପରିବାରର ଆବଶ୍ୟକତା ପୂରଣ କରିବା ପରେ ସେ ପଡ଼ୋଶୀମାନଙ୍କୁ ପରିବା ଦେଉଛନ୍ତି। ନନ୍ଦଲାଲଙ୍କ ପ୍ରେରଣାରେ ଏବେ ବହୁ ପରିବାର ଏଭଳି ପରିବା ଚାଷ କରୁଛନ୍ତି। ସେମାନଙ୍କୁ ସେ ମାର୍ଗଦର୍ଶନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜାନୁୟାରୀ ୧୯୯୭

- ପାକିସ୍ତାନ ସମ୍ବିଧାନର ବିବାଦୀୟ ସଂଶୋଧିତ ଅଷ୍ଟମ ଧାରାକୁ ଦେଶର ସୁପ୍ରିମ୍‌କୋର୍ଟଙ୍କ ବୈଧ ଘୋଷଣା।
- ନୋବେଲ ପୁରସ୍କାର ବିଜେତା ରସାୟନ ବିଜ୍ଞାନୀ ଲର୍ଡ ଟୋଡଙ୍କ ୮୯ ବର୍ଷ ବୟସରେ ପରଲୋକ।
- ଶ୍ରୀନଗର ସହରତଳି ମହାରାଜଗଞ୍ଜ ଏରିଆର ଶେଖ୍ ମୋହଲା ଅଞ୍ଚଳରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୧୦ ଜଣଙ୍କ ପ୍ରାଣହାନି।
- ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ ତଥା ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ସଦସ୍ୟ ପ୍ରଫେସର ବୋଧାୟନ ଚଟ୍ଟୋପାଧ୍ୟାୟଙ୍କ ୬୮ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଆପଣା ବରାଦ ଆପେ
କରିବାକୁ ହେବ ଆଜି
ଗଲାଣି ସେ ବେଳକାଳ
କରିବାକୁ ହାଁ ଜୀ ହାଁ ଜୀ!
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | 1 | | | 2 |
| | | | | | | | | |
| 3 | | | | | | 9 | 1 | 7 |
| 1 | | | | | | | 8 | |
| 8 | | | | 6 | 4 | | 3 | 5 |
| | 3 | 4 | | 1 | | | | |
| | | | 9 | | 6 | 4 | | 3 |
| | 9 | | | 3 | 7 | | | |
| | | | | 2 | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ଖୋପଗୁଡ଼ିକରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 9 | 1 | 2 | 6 | 3 | 8 | 5 |
| 2 | 8 | 3 | 7 | 9 | 5 | 6 | 1 | 4 |
| 5 | 6 | 1 | 4 | 3 | 8 | 7 | 9 | 2 |
| 9 | 2 | 8 | 3 | 6 | 1 | 4 | 5 | 7 |
| 1 | 5 | 6 | 9 | 7 | 4 | 2 | 3 | 8 |
| 3 | 4 | 7 | 8 | 5 | 2 | 1 | 6 | 9 |
| 6 | 3 | 5 | 2 | 4 | 9 | 8 | 7 | 1 |
| 8 | 9 | 2 | 6 | 1 | 7 | 5 | 4 | 3 |
| 7 | 1 | 4 | 5 | 8 | 3 | 9 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀର ନାମ 'ଶ୍ରୀଜଗନ୍ନାଥ ପୁରୀ' ହେଉ

ମହାଶୟ,

ଗତ କିଛି ମାସ ଧରି ଶ୍ରୀଜଗନ୍ନାଥଙ୍କ ନାମକୁ ନେଇ ଶସ୍ତା ରାଜନୀତି ଚାଲିଛି। ପୁରୀର ନାମକୁ ବଦଳାଇବାର ଆବଶ୍ୟକତା ରହିଛି। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତାଙ୍କ ଶେଷ ପୁରୀ ଗସ୍ତ ସମୟରେ ପୁରୀର ନୂତନ ନାମ ଶ୍ରୀଜଗନ୍ନାଥ ପୁରୀ କରିବାକୁ ସହମତି ପ୍ରଦାନ କରିଥିଲେ। ସର୍ବମଙ୍ଗଳ ଜଗନ୍ନାଥ ହେଉଛନ୍ତି କୋଟି ବ୍ରହ୍ମାଣ୍ଡର ମଉଡ଼ମଣି। ବୁଦ୍ଧିଜୀବୀ, ଚିନ୍ତାଶୀଳ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ଗଣମାଧ୍ୟମରେ ପୁରୀର ନାମ 'ଶ୍ରୀଜଗନ୍ନାଥ ପୁରୀ' ହେବା ଦରକାର ବୋଲି ମତ ପ୍ରକାଶ କରିସାରିଲେଣି। ବର୍ତ୍ତମାନ ସମୟାନୁସାରେ ଧର୍ମ, ଦର୍ଶନ, ଉପାସନା ଏବଂ ସାମାଜିକ, ସାଂସ୍କୃତିକ ଚେତନା ମଧ୍ୟରେ ଓ ସ୍ଥାନୀୟ ଦେବଦେବୀଙ୍କ ନାମ ଓ ଆଧାରରେ ଆମର ଭାରତବର୍ଷରେ ବିଭିନ୍ନ ରାଜ୍ୟ ରାଜଧାନୀ, ରାଜପଥ, ସହର ତଥା ନଗର, ସାହି, ଗଳି ଓ କନ୍ଦିର ନାମକୁ ପରିବର୍ତ୍ତନ କରାଯାଉଥିବାବେଳେ ପୁରୀ ଜିଲା ତଥା ସହରର ନାମ 'ଶ୍ରୀଜଗନ୍ନାଥ ପୁରୀ' ନାମରେ ପୁନଃ ନାମିତ କରି ବିଶ୍ୱସ୍ତରରେ ପୁରୀକୁ ଧାର୍ମିକ ଭାବାବେଗ ଦୃଷ୍ଟିକୋଣରୁ ଏକ ପୁଣ୍ୟ ଓ ପୂର୍ଣ୍ଣତା ମାତ୍ର। ନାମ ପରିବର୍ତ୍ତନ ହେଲେ ସାରା ବିଶ୍ୱରେ ପୁରୀର ଗୁରୁତ୍ୱ ବଢ଼ିବ। ପୁରୀ ନାମ ସହ ପ୍ରତ୍ୟେକ ହିନ୍ଦୁ ମାର୍ମିକ ଭାବେ ଜଡ଼ିତ ଥିବାବେଳେ ପୁରୀ ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରାଣ ସହ ପରିଚିତ। ଏହିସବୁ ମଧ୍ୟରେ ନୂତନ ପରିଚୟ ପ୍ରଦାନ କରିବାରେ ଯଦି ପୁନଃ ନାମିତ କରାଯାଏ ଏଥିରେ କୌଣସି ବ୍ୟକ୍ତିବିଶେଷଙ୍କର ସାମାଜିକ ଜାତି, ଧର୍ମ, ପରମ୍ପରା, ଚେତନାର ସମ୍ପ୍ରତି ଓ ଏକତାକୁ ଆଘାତ କିମ୍ବା କ୍ଷତି ପହଞ୍ଚାଇବ ନାହିଁ। [illegible] ପୁରୀ ନାମ ଆଗରେ ଶ୍ରୀଜଗନ୍ନାଥଙ୍କ ନାମ ରହିବ, ଏଥିରେ କୌଣସି ସମସ୍ୟା ନାହିଁ।

-ଦେବାଶିଷ ମିଶ୍ର, ଦେବ ଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭ ପାଇଁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କବିତା

### ଆସ ମଲାଲାମାନେ

ହରିଶ୍ଚନ୍ଦ୍ର ବେହେରା

ଆସ ମଲାଲାମାନେ
ପୃଥିବୀର ମାନଚିତ୍ରରୁ ବାହାରି ଆସ
ହାଣ୍ଡିଶାଳରୁ ଆସ
ଘର କୋଣରୁ ଆସ
ବୁର୍ଖା ଭିତରୁ ଆସ
ମଶାଣି ଓ କବର ଭିତରୁ ଉଠି ଆସ
ଝାନ୍ସି ରାଣୀ ଦୁର୍ଗା ବାଈମାନେ

ଚିରି ଦିଅ ସାରିଆତର
ଅନ୍ଧାରି ଇସ୍ତାହାର
ଜୋରଜବରଦସ୍ତ
ଗୁଲାମ କି କଞ୍ଜୁବାଇନ କରିବାର
ଆସ୍ପର୍ଦ୍ଧା ହାତରେ ପକାଅ ହାତକଡ଼ି

ଦେଖେଇ ପାରିବନି କାହାକୁ ତୁମର
ସୁନ୍ଦର ମୁହଁ କି ଯୌବନ
ବିଲେଇ ପରି ଚାଲିବ ଯେମିତିକି
ଶୁଭିବନି ଟିକିଏ ବି ପାଦଶବ୍ଦ
ସର୍ବସାଧାରଣରେ କହିପାରିବନି କଥା
ଝରକା ଖୋଲି ଦେଖି ପାରିବନି
ଝୁପୁଝୁପୁ ବର୍ଷା କି ବର୍ଣ୍ଣମୟ ଇନ୍ଦ୍ରଧନୁ
ଈପ୍‌ସିତ ପ୍ରେମିକର ମୁହଁ

ନାରୀର ସ୍ୱାଧିକାର ଛଡେଇ ନେଉଥିବା
ବର୍ବର ସନ୍ତ୍ରାସବାଦୀଙ୍କୁ ସାମ୍ନାକର
ତୃତୀୟ ବିଶ୍ୱର ପ୍ରବଞ୍ଚିତ ମଣିଷମାନେ
ଏକଜୁଟ ହୁଅ
ମଲାଲା କି ଲକ୍ଷ୍ମୀ ସେଗାଲ ପରି ବିପ୍ଳବିନୀମାନେ
ମହିଳା କମିଶନର ଆଉ ମାନବ ଅଧିକାରୀମାନେ
ଆଗେଇ ଆସ ପୁରୁଷତନ୍ତ୍ରର ଆତ୍ମଘୋଷିତ
ଆଇନ ଓ ଅହଂକାର ଭାଙ୍ଗିବା ଲାଗି
ଅଣନିଃଶ୍ୱାସୀ ଜୀବନରୁ ମୁକୁଳିବା ଲାଗି
ଚାରିପଟେ ଘେରି ରହିଥିବା ଅନ୍ଧାର ଭିତରେ
ଗୋଟେ ଅଭିଶପ୍ତ ପଥର ଅବା ନର୍କ ଦ୍ୱାରରୁ
ଉଦ୍ଧାର କର ନାରୀକୁ

ତାଲିବାନ୍ ମୁକୁଳେଇ ଦେଇଛି ହଜାର ହଜାର
ହାର୍ଡକୋର ଆତଙ୍କବାଦୀଙ୍କୁ
ବନ୍ଦିଶାଳାରୁ
ସବୁଠି ଏବେ ଫୁଟିବ ଗୁଳି
ହୁତ୍‌ହୁତ୍ ଜଳିବ ନିଆଁ
ସୀମା ଲଙ୍ଘିବ ନାରୀ ନିର୍ଯାତନା
ସାରା ଆଫଗାନିସ୍ତାନରେ ଚାଲିବ
ବନ୍ଧୁକର ଅମାନୁଷିକ ହିଟ୍‌ଲରୀ ଶାସନ

ଗୁଳି ଗୋଳା କମାଣ ଶବ୍ଦରେ ଭରିଯିବ
ଆକାଶ ପବନ
ନଈ ଛାତିରେ ଜମିଯିବ କୁଢ଼କୁଢ଼ ଶବ
ପକ୍ଷୀ ଭୁଲିଯିବ ତା'ର କାକଳି
ଅକାଳ ରକ୍ତସ୍ରାବ ହେବ ରତୁମାନଙ୍କର
ନାରୀ ପ୍ରଗତିର ସମସ୍ତ ସମ୍ଭାବନାକୁ ରୁନ୍ଧି ଦେଇ
ଅସୂର୍ଯ୍ୟମ୍ପଶ୍ୟା ରଖିବାର ପ୍ରବଣତା
କେଉଁ ଜାତିକୁ କରିପାରେ ବିକଶିତ!!

ଆସ ମଲାଲାମାନେ
ରବର କଣ୍ଢେଇଙ୍କୁ ବାଙ୍ମୟ କର
ସାହସର ସହ ପତେଇ ଦିଅ ଛାତି
ବାୟୋନେଟ୍ ସାମ୍ନାରେ
ଆଉ ଥରେ।

ମୋ: ୯୪୩୭୮୧୩୭୦୮

### ଏଇ ମଣିଷ

ଡ. ସୁବାସ ମହାପାତ୍ର

ଅନେକ ସ୍ୱପ୍ନ ଆଜି
ଯୋଡ଼ି ହଉଚି
ଏଇ ମାଟି ଉପର ମଣିଷ ମନରେ...
ସୂର୍ଯ୍ୟାବର୍ତ୍ତକୁ ଯାତ୍ରା କରିବାକୁ
କାହାରି ମନର ଅକୁହା ଅରଣ୍ୟକୁ ଯିବାକୁ
କୃଷ୍ଣ ଗର୍ତ୍ତର ନାଭିକୁ ସ୍ପର୍ଶ କରିବାକୁ
ନକ୍ଷତ୍ରମାନଙ୍କୁ ଗଣିଗଣି ପକେଟ୍‌ରେ ରଖିବାକୁ।
ଭୁଲି ହୋଇ ଯାଉଚି...

ନିରନ୍ତର ଉତ୍ତପ୍ତ ହେଉଥିବା
ପାଦତଳର ପୃଥିବୀ କଥା
ପାହାଡ଼ର କଥାକୁହା ଝରଣାକୁ
ଶିଶୁର ହସକୁ
ବସନ୍ତର ସବୁଜିମାକୁ
ନିଜ ସାଙ୍ଗରେ ଚାଲୁଥିବା ବିଶ୍ୱସ୍ତ ଛାଇକୁ
ନିଜ ଶୋଷର ଦିଗ୍‌ବଳୟକୁ।

ହାତରେ ଧରିଛି ଅନେକ ଶୂନ୍ୟତାର
ରଙ୍ଗହୀନ ପ୍ରତିଛବି,
ମୁଣ୍ଡ ଉପରେ ଧରିଛି ନିଃଶୁଳ୍କ ଦୀର୍ଘଶ୍ୱାସ।

ମୋ: ୭୮୭୩୦୮୩୮୩୮

### ଅବ୍ୟକ୍ତ

ସୁବ୍ରତ କୁମାର ଜେନା

ଦିକ୍ ଦିକ୍ ଜଳୁଥାଏ ବତି
ପାହିବା ପାହିବା ହୁଏ ରାତି
ଅପେକ୍ଷାରେ ଜର୍ଜରିତ ତାତି
କେବେ ଆଉ ଫେରିବେ ସାଥୀ
ଆଃ ନିର୍ଦ୍ଦୟ ଏ ନିୟତିର ନୀତି
ମନ ଖୋଜେ ପ୍ରିୟତମର ପ୍ରୀତି
ଆଖି ଆଗେ ଭାସିବୁଲେ ଧୂସର ସ୍ମୃତି।

ମୋ: ୮୨୪୯୨୨୦୮୩୦

#### ଗୀତି-କବିତା

### ସବୁ ହଜିଗଲା ପରେ

ବିପିନ ବିହାରୀ ମହାନ୍ତି

ସବୁ ପରିଚିତି ହଜିଗଲା ପରେ
ଆଉ ଖୋଜା ଲୋଡ଼ା କାହିଁ,
ନଈଟିର ଧାର ସାଗରେ ମିଶିଲେ
ସେ କି ଆଉ ଫେରିଥାଇ।୦।

ଆସିବା ଜନର ସାଥୀ ତ ସଭିଏଁ
ଯିବାବେଳେ କେହି ନାହିଁ,
ସ୍ମୃତିମାନେ ଏଠି ସପନେ ଆସନ୍ତି
ସମ୍ପର୍କର ସେତୁ ହୋଇ
ପଛକଥା ମାନ ପଛେ ରହିଯାଏ
ଆଗରେ ଅନ୍ଧାର ଥାଇ॥୧॥

କରୋନା ଛୁଇଁଲେ ସବୁ ଡୋରି କଟେ
ଜିଅନ୍ତେ ଆପଣା ପର,
ମୋ'ର ମୋ'ର ବୋଲି
ଯା'ରେ ବାନ୍ଧିଥିଲି
ସେଇ କରେ ମୋତେ ଦୂର
ଜନମ ଜନମ ସାଥୀ ହେଲା
ସାତ ସପନ ମୋ'ରି ପାଇଁ॥୨॥

ମୋ: ୯୯୩୮୩୪୪୧୩୮

# ଲେଖିବା ଗୋଟେ କାଳିଶିର ମୁହୂର୍ତ୍ତ

## ସୃଜନ-ସ୍ମୃତି



ମହାଶ୍ୱେତା ସାହୁ

ମୁଁ ଲେଖିବାବେଳେ ମୁଁ ହୋଇ ନ ଥାଏ, ଗୋଟିଏ ଅଦୃଶ୍ୟ ଆବେଗ ମୋ' ଉପରେ ସବାର୍ କରେ, ମୋତେ ଆକ୍ରାମାକ୍ରା କରି ନିଜ ଆୟତ୍ତକୁ ନେଇଯାଏ। ମୋ' ଶରୀର ଏବଂ ମନ ମଧ୍ୟରେ ଗୋଟେ ମାତ୍ର ସଂଯୋଗ ମୋ' କଲମ। ମୋ' କଲମ ତା' ବାଗରେ ଚାଲେ। ତା' ହିସାବରେ ଆଙ୍କେ ଚିତ୍ର ଓ ଚରିତ୍ର। ମୁଁ ସେଠି ନିମିତ୍ତ ମାତ୍ର ଗୋଟେ ଅବୟବ।

ଗୋଟେ କାଳିଶିର ମୁହୂର୍ତ୍ତ ସେ ଲେଖିବାର ମୁହୂର୍ତ୍ତ। ହଁ, ଅନେକବାର ଲେଖିବା ବେଳେ ମୁଁ ନ ଥାଏ ମୋ' ବର୍ତ୍ତମାନର ବସ୍ତୁ ଓ ମଣିଷମାନଙ୍କ ମଧ୍ୟରେ। ମୁଁ, ମୁଁ ହୋଇ ନ ଥାଏ। ନ ଥାଏ ମୁଁ ନିୟନ୍ତ୍ରଣରେ ମୋ' ସମୟ ପାଖରେ। ଭାତ ପୋଡ଼େ, ଡାଲି ଅଲଣା, କ୍ଷୀର ପିଇ ନ ଥାଏ ଛୁଆ, ଭୋକରେ ଭୋକରେ ମରିଯାଇଥିବା ପେଟ, ଓଠ ଶୁଖିଯାଏ ପାଣିବିନା, ରାତି ରାତି ଅନିଦ୍ରା ଅନୁଭବର ସ୍ରୋତରେ ଭାସିଯାଏ। ସେତେବେଳେ ତୀବ୍ରଥାଏ ସେ ଉଦ୍‌ବେଗ, ସେ ଆବେଗ, ସେ ଭାବପ୍ରବଣତା ଯେମିତି ଗୋଟେ ନଦୀର ସ୍ରୋତ; ଯାହା ଭସାଇ ନେଇଯାଏ ବନ୍ୟାପରି ସବୁକିଛି।

ଲେଖିବାବେଳେ ସୃଜନକ୍ରିୟା ମୋତେ ମୋ' ବସ୍ତୁର ଜାଗତିକ ଦୁନିଆରୁ ଅଦୃଶ୍ୟ ଜଗତର ଶବ୍ଦମାନଙ୍କ ମଧ୍ୟରେ ଲୁଚକାଳି ଖେଳ ଖେଳାଇଛି। ଅନେକ ଶବ୍ଦ ଯେମିତି ଘୁରୁଥା'ନ୍ତି ମୋ' ଚାରିପାଖରେ। ମୁଁ ଯେମିତି ଥାଏ ଏକ ବିକଳ ଶିକାରୀ ଯେ ଶବ୍ଦକୁ ଚୋରି କରୁଥାଏ ମୋ' ଚେତନାରୁ। କେତେ ଧରେ କେତେ ଧରିପାରେନା। ତା' ସାମର୍ଥ୍ୟ ଓ ଅସାମର୍ଥ୍ୟର ବିଚାର ମଧ୍ୟରେ ମୁଁ ନିଗିଡ଼ିପଡ଼େ। ବାଲିଗରଡ଼ା ହୋଇଯାଏ। ଏ କ୍ରିୟାରେ ପ୍ରତି ମୁହୂର୍ତ୍ତ ପ୍ରେମ ହୁଏ। ପ୍ରତି ମୁହୂର୍ତ୍ତରେ ବିଚ୍ଛେଦକୁ ଭୋଗ କରେ। ନଦୀ ପରି ନିଜକୁ ବୁହାଇଦିଏ, ହଜିବାକୁ ଦିଏ ମରୁଭୂମିରେ, ପୁଣି ଫେରେ ବନ୍ୟାର ସ୍ରୋତରେ।

କେତେଥର ମୋତେ ସୃଜନପ୍ରେମ ମୋ' ନୀରବ ବ୍ୟଥା, ଯନ୍ତ୍ରଣାକୁ ମୋ' ସାମର୍ଥ୍ୟ ଅସାମର୍ଥ୍ୟକୁ, ମୋ' ଆହତ ଅଭିମାନ, ମାନ, ବିଜୟ ପରାଜୟର ଯନ୍ତ୍ରଣା ଓ ପ୍ରାପ୍ତିକୁ ରୂପ ପ୍ରଦାନ କରେ। କେବେ ପେଯ ପରି ନିଗାଡ଼ି ଦେଇଛି ମୋ' ଭିତରୁ ନିଜଠାରୁ। କେବେ ପୁଣି ଭସାଇ ଦେଇଛି ଶୂନ୍ୟରେ ପବନରେ ଗୁଡ଼ିଟେ କରି। କେବେ ପୁଣି ଫୁଲଟେ କରି ବିଭୋର କରିଛି ମହମହ ବାସ୍ନାରେ। କେବେ ପୁଣି ପାଣିପରି ବୋହିବାକୁ ଦେଇଛି କଳକଳ ନାଦରେ। ପୁଣି କେବେ ବରଫ ହୋଇଯାଇଥିବା ଛାତି ତଳର ଅନେକ କଥାକୁ ତରଳାଇ ଦେଇଛି ଆବେଗର ଉଷ୍ମ ଧାରାରେ।

ସୃଜନ ଏପରି ଏକ କର୍ମ, ଯାହା ଚେତନାର ଚଉହଦିକୁ ଡେଣାଦିଏ ଉଡ଼ିବାକୁ। ସ୍ୱପ୍ନର ଅସୁମାରି କୁହୁକରେ, ବନାଏ ସ୍ୱପ୍ନର ରଙ୍ଗିନ ଦୁନିଆ ବେଳେବେଳେ ଲେଖିବାବେଳେ ଆବେଗ ଏତେ ତୀବ୍ରଥାଏ, ଥକିପଡୁଥିବା ହାତ ଓ ଆଖି ଅସହାୟ ହୋଇପଡ଼ିଛି। ମୁଁ ଏମିତି ଅନେକବାର ଭୋଗିଛି, ରାତି ପାହିଯାଏ ଲେଖା ସରେନି। ସକାଳୁ ଖରା ଆସୁଥିବ, ନିଦ ଲାଗୁଥିବ, ଲେଖା ସରୁଥିବ, ମାତ୍ର କର୍ତ୍ତବ୍ୟ ଅପେକ୍ଷା ରଖିଥିବ ସାଂସାରିକର।

ଲେଖକଟିଏ ମୁଁ ଭାବେ ସେ ସଦା ଏକା। ହଁ, ସେ ବଞ୍ଚେ ତା'ର ଦୁଇଟି ଦୁନିଆରେ। ଗୋଟେ ତା'ର ଜାଗତିକ ସଂସାର, ପିଲାଛୁଆ, ଘରଦ୍ୱାର, ବୃତ୍ତି। ଆଉ ତା' ସହ ତା'ର ଗୋଟିଏ ଦୁନିଆ ଚାଲୁଥାଏ ଅହରହ, ଯାହା କେବଳ ତା'ର। କେବଳ ଏକାନ୍ତ ଭାବେ ତା'ର। ସେ ସେଠି ଏକଚ୍ଛତ୍ରବାଦୀ ସମ୍ରାଟ୍। ପ୍ରତି ମୁହୂର୍ତ୍ତରେ ବଞ୍ଚେ ଶବ୍ଦମାନଙ୍କର କଥୋପକଥନରେ। ଶବ୍ଦମାନଙ୍କ ସହ ଲୁଚକାଳି ଖେଳ ଚାଲୁଥାଏ ପ୍ରତିକ୍ଷଣ! ପ୍ରତିମୁହୂର୍ତ୍ତ।

ମୁଁ କେବେକେବେ ମାସମାସ ଧରି ଲେଖିପାରେନା, ପୁଣି କେବେକେବେ ଏକାଦିନରେ ଶହେ ପୃଷ୍ଠା ମଧ ଲେଖିଛି। ଦୁଇଟି, ତିନୋଟି ଗପ ମଧ ଲେଖିପାରିଛି। ସେ ଏକ କାଳିଶିର ମୁହୂର୍ତ୍ତ। ସେ ଆସେ ଆଗେଆଗେ, ମୁଁ କେବେ ଚେଷ୍ଟା କରି ଲେଖିବାକୁ ଚାହିଁ ମଧ ପାରେ ନାହିଁ। ସ୍ୱତଃସ୍ଫୂର୍ତ୍ତ ଆବେଗ ମୋତେ ଭସାଇନିଏ। ମୋତେ ଜଡ଼େଇ ନିଏ, ସେ ଆବେଗରେ ମୋତେ ତା' ଅନୁସାରେ ରଙ୍ଗେଇ ଦିଏ।

ମହାଶ୍ୱେତା ସାହୁଙ୍କ ଜନ୍ମ ୧୫ ଜୁନ୍ ୧୯୮୧ରେ, ଯାଜପୁରରେ। ବୃତ୍ତି ଓଡ଼ିଆ ଭାଷା-ସାହିତ୍ୟରେ ଅଧାପନା। ପ୍ରକାଶିତ ଗଳ୍ପଗ୍ରନ୍ଥ: 'ବିଷାଦବୃତ୍ତର ରାଜପୁତ୍ର' (୨୦୦୫), 'ପ୍ରେମିକା' (୨୦୦୫), 'ଅବ୍ୟକ୍ତ ନିରବତା' (୨୦୧୫), 'ପୁନଶ୍ଚ ବଳିଦତ୍ତ' (୨୦୧୭) ଓ 'ଏବଂ ଅବଶିଷ୍ଟ' (୨୦୧୯)। ଉପନ୍ୟାସ: 'ଦର୍ପଣର ଛାଇ' (୨୦୦୮), 'ପାପୁଲିଏ କ୍ଷତ' (୨୦୧୫), 'ଅନ୍ଧାରର ଇନ୍ଦ୍ରଧନୁ' (୨୦୧୫) ଓ 'ରକ୍ତ ଝୋଟି' (୨୦୧୯)। ଓଡ଼ିଆ କଥା ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର, ଯହିଁରେ ସାମିଲ 'ରବି ପଟ୍ଟନାୟକ ସ୍ମୃତି ଗଳ୍ପ ପୁରସ୍କାର', 'ଦୁର୍ଗାମାଧବ ସ୍ମୃତି ପୁରସ୍କାର', 'କଥାକଳିକା ଯୁବ ଗଳ୍ପ ପୁରସ୍କାର' ଓ 'କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର'।

ଲେଖା ମୋତେ ଅନେକ କିଛି ଦେଇଛି। ଅସୁମାରି ସ୍ନେହ, ସମ୍ମାନ, ଶ୍ରଦ୍ଧା, ଗୋଟେ ନିରୁତା ଭଲପାଇବା, ଯଶ ଆଉ ମୋ' ବଞ୍ଚିବାର ପ୍ରେରଣା। ମୋତେ ସବୁବେଳେ ଲାଗେ ମୁଁ ଲେଖିପାରୁ ନ ଥିଲେ ବୋଧହୁଏ ବଞ୍ଚିବା ଏତେ ସହଜ ହୋଇ ନ ଥା'ନ୍ତା। ଯାହା କାହାକୁ କହିପାରେନା, ଅନେକ କଥା ବର୍ଣ୍ଣିପାରେନା, ଅନେକ ସ୍ୱପ୍ନ ବାସ୍ତବରେ କେବେ ସମ୍ଭବ ହୋଇପାରେନା ବା ହୋଇନି ସେ ସବୁ ଦୁଃଖକଷ୍ଟ, ଉଲ୍ଲାସ, ସ୍ୱପ୍ନମାନଙ୍କୁ ମୁଁ ବେଲଗାମ ଘୋଡ଼ାରେ ବସାଇପାରେ। ମୋ' କଥା ଶୁଣିବା ପାଇଁ, ମୋ' କଥା କହିବା ପାଇଁ ମୁଁ କାହାକୁ ଖୋଜେନାହିଁ। ଯଦି ମୋ' ପାଖରେ କଲମ ଓ ଖାତାଟେ ଅଛି- ସେ ମୋର ସବୁଠାରୁ ପ୍ରିୟତମ ସଖୀ ବା ସଖା। ମୋ' ପ୍ରେମ। ମୋ' ସହଜାତ ପ୍ରେମ, ମୋର ସୃଜନକ୍ରିୟା।

ମୁଁ ଭୋଗେ ମୋ' ଲେଖାକୁ ଜନ୍ମପୂର୍ବରୁ। ମୁଁ ଆକ୍ରାମାକ୍ରା ହୁଏ ଗର୍ଭ ବେଦନାରେ, ଯେବେ ଗୋଟେ ଭଲଲେଖା ଲେଖିପାରେ ବୋଲି ନିଜକୁ ଅନୁଭବ ହୁଏ। ସେ ମୁହୂର୍ତ୍ତ ମନେହୁଏ ଖୁବ୍ ଉଶ୍ୱାସ। ଯେମିତି ପିଲା ଜନ୍ମ ପରେ ଲାଗେ ହାଲୁକା। ଠିକ୍ ସେମିତି ଲାଗେ ଭୋଗୁଥିବା ସୃଜନକୁ କାଗଜରେ କାଳି ଓ ଅକ୍ଷରରେ ରୂପଦେବା ପରେ। ଜୀବନର ଆଦ୍ୟଭାଗରେ ଯେବେ ମାତ୍ର ଦଶ କି ବାର ବର୍ଷର ହୋଇଥିଲି ମୋତେ ଭଲଲାଗେ ଆମ ଘର। ପାହାଡ଼ ଉପରେ ଘର, ପାହାଡ଼ ତଳକୁ ଗଡ଼ାଣି। ରେଲୱେ କ୍ୱାର୍ଟର, ଖେଳପଡ଼ିଆ, ପଛପଟର ଅନେକ ଘର, ଯେଉଁଠିକୁ ଖରାବେଳେ ଖେଳଛୁଟିରେ ପାଣି ପିଇବାକୁ ଯାଉ। ସେଠି ଅନେକ ଫୁଲର ବଗିଚା। ପାହାଡ଼ ତଳ ବାମ ପଟରେ ରେଲଷ୍ଟେଶନ, ବିସ୍ତୃତ ଖୋଲା ଆକାଶ ଓ ପାହାଡ଼ର ଛୋଟଛୋଟ ପଥର ଖେପା ଦେଇ ତଳକୁ ଗଡ଼ିଚାଲେ ଯୋର। ଷ୍ଟେଶନ ଓ ଟ୍ରେନ୍‌ର ଅସୁମାରି ଦୃଶ୍ୟ... ପିଲାଦିନରେ ମୋ' ଅଜାଙ୍କର ଉଷୁମ କୋଳ ଓ ସ୍ମୃତିରୁ ଗପ, ମୋତେ ପାଠ ପଢ଼ାଇବାକୁ ଆସୁଥିବା ଶିକ୍ଷକଙ୍କ ଅସୁମାରି ଇତିହାସର ଗପ। ଆମ ଗେଣ୍ଡୁ ବଗିଚା, ପାଣିର ଅଭାବ ପାଇଁ ପାଣିବୁହା, କୋଇଲା ଚୁଲାର ଆଞ୍ଚ ଧରିବା ଏସବୁ ମୋତେ ଗପମଗ୍ନ କରିବାକୁ ଆଗ୍ରହ ତିଆରି କରିଛି। ତା' ପୂର୍ବରୁ ଜୀବନ ମୋ' ପିଲାଦିନର ଗାଁ, ମୋ' ମାମୁଘର, ନଈ, ପୋଖରୀ, ଗାଁ ବିଲ ଗହିର, ସାଙ୍ଗସାଥୀ, ପିଲାଦିନର ଅସୁମାରି କାହାଣୀ, ଗାଁର ମାଟି ପାଣି ପବନ ମୋତେ ଏତେ ଆଚ୍ଛନ୍ନ କରିଥିଲା ଯେ ମୁଁ ଖୁବ୍ ଭାବପ୍ରବଣ ଓ ଏକାକୀ ହୋଇଗଲି। ଜୀବନର ଅସୁମାରି କଥା, କାହାଣୀ, ଘଟଣା, ଦୁର୍ଘଟଣା ଭିତରେ ଲେଖକ ନୁହେଁ ଗୋଟେ ଅନୁଧ୍ୟାନୀ ମନଟେ ଜନ୍ମ ନେଇଥିଲା।

ମୋ: ୮୩୨୭୭୫୭୬୧୯

## କାଳକାଳକୁ


"କେତେକ ବହି ଅଛି ଖାଲି ଦେଖାଯାଏ,
କେତେକର ଖାଲି ପୃଷ୍ଠା ଆଡ଼ାଯାଏ;
ଖୁବ୍ ଅଳ୍ପ ବହିଥାଏ, ଯାହାକୁ ଆତ୍ମସ୍ଥ କରାଯାଏ।"
– ଫ୍ରାନ୍‌ସିସ୍ ବେକନ୍



**ଫ୍ରାନ୍‌ସିସ୍ ବେକନ୍‌ଙ୍କ** ଜନ୍ମ ୨୨ ଜାନୁୟାରୀ ୧୫୬୧ରେ, ଲଣ୍ଡନରେ ଓ ପରଲୋକ ହୁଏ ସେଇଠି ୯ ଏପ୍ରିଲ୍ ୧୬୨୬ରେ। ସେ ଏକାଧାରରେ ଆଇନଜୀବୀ, ରାଷ୍ଟ୍ରନେତା ଓ ଦାର୍ଶନିକ। ଜାଗତିକ ପ୍ରଜ୍ଞାରେ ଦୀପ୍ତ ତାଙ୍କର ନିବନ୍ଧଗୁଡ଼ିକ ପାଇଁ ସେ ବିଶ୍ୱପ୍ରସିଦ୍ଧ। ପ୍ରମୁଖ ଦୁଇଟି ଗ୍ରନ୍ଥ: 'ଆଡ୍‌ଭାନ୍ସମେଣ୍ଟ ଅଫ୍ ଲର୍ନିଂ' ଓ 'କମେଣ୍ଟାରିଅସ୍ ସୋଲୁଟସ୍'। ସେ କହନ୍ତି: ତମେ ଯଦି 'ନିଃସଂଶୟ'ରୁ ଆରମ୍ଭ କରିବ, ତେବେ ତା'ର ଶେଷ ହେବ 'ସଂଶୟ'ରେ; କିନ୍ତୁ ଯଦି 'ସଂଶୟ'ରୁ ଆରମ୍ଭ କର, ତେବେ ପହଞ୍ଚିବ 'ନିଃସଂଶୟ'ରେ।

## ପୁସ୍ତକ ପରିଚୟ

### ହୃଦୟରାଗ



**କବି:** କମଳ କୁମାର ମହାନ୍ତି
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୧୨୫/-

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୫୩ଟି କବିତା ସ୍ଥାନିତ ଓ ପ୍ରତ୍ୟେକଟି କବିତା ଜୀବନ ଛଳଛଳ। ଗ୍ରନ୍ଥାରମ୍ଭରେ କରୋନା କବଳିତ ମଣିଷର ଦୁଃଖ ସମ୍ପର୍କରେ ନିଜର ବ୍ୟଥା ବ୍ୟକ୍ତ କରି କମଳ ଲେଖିଛନ୍ତି: "ବର୍ତ୍ତମାନର ଏକାକୀତ୍ୱରୁ ମୁକ୍ତ ହେବାକୁ ପଡ଼ିବ। ଆମ ଅନ୍ତରାତ୍ମା ଭିତରେ ଗୋଟିଏ ମୁଲାୟମ୍ ଆପଣାପଣ ଅଛି, ଯାହାକୁ କବଳିତ କରିପାରିନି କେଉଁ କଟକଣା। ×× ଯେତେବେଳେ ସବୁଠି ଆଶାର ଦୀପ ଲିଭିଯାଏ, ଗୋଟିଏ ବନ୍ଦ କୋଠରିରେ ଜଳୁଥାଏ ହୃଦୟର ଦୀପ।" (ହୃଦୟ କଥା) କମଳଙ୍କ କବିତାରେ ଥାଏ ଏକ ସଶକ୍ତ ଆବେଦନ, ଯାହା ପଢ଼ିବାମାତ୍ରେ ପାଠକର ହୃଦୟକୁ ଖୁବ୍ ଗଭୀରରେ ଛୁଇଁ ଦେଇଯାଏ। କେଇଟି ଉଦାହରଣ ନେବା: ୧. "ଭେଟିଛି ଅନେକ ମୃତ୍ୟୁ ଏଠି/ ସାମ୍ନା କରିଛି ଅନେକ ବିଫଳ ଯୋଗ/ କେତେ ଚାହିଁଛି ମୁଁ ତଥାପି/ ବେସୁରା ନ ହେଉ ଛନ୍ଦ/ ଦେଖିଲୁ ତ, ପାରିଧିରେ ମୋର/ ଟୋପେ ଲୁହ ବି କେତେ ଅନ୍ତରଙ୍ଗ।" (ହୃଦୟରାଗ, ପୃ: ୨୧), ୨. "ଲାଗୁଥିଲା ଯେମିତି ମୁଁ ବି/ ଛାଡ଼ି ଆସିଛି/ ଏମିତି ଏକ ଲଣ୍ଠନ/ ମୋ' ଶୈଶବର ପାଠଶାଳାରେ/ ଯା'ର ଆଲୁଅ/ ଏବେ ବି ଲିଭିନାହିଁ ମୋ' ମନ ଭିତରୁ।" (ଲଣ୍ଠନ, ପୃ: ୨୭)। ପ୍ରେମ, ମୃତ୍ୟୁ, ପ୍ରକୃତି ଓ ସର୍ବୋପରି ଦେଶ ଓ ସମାଜର ବିବିଧତା ମୂର୍ତ୍ତିମନ୍ତ ହୁଏ କମଳଙ୍କ କବିତାରେ, ଯାହାର ପ୍ରମାଣ 'ହୃଦୟରାଗ'। ବହିଟିର ପାଠକୀୟ ଆଦୃତି ଅବଧାରିତ।

### ୨୦୨୦



**ବ୍ୟକ୍ତିରୁ ବିଶ୍ୱ: ଏକ ସ୍ମୃତି କଥା**
**ଲେଖକ:** ଅଧ୍ୟାପକ ବିଶ୍ୱରଂଜନ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୫୧/-

ଆଲୋଚ୍ୟ ବହିଟିରେ ୧୦ଟି ପରିଚ୍ଛେଦ ରହିଛି। ସେଗୁଡ଼ିକର ଶୀର୍ଷକ ହେଲା- '୨୦୨୦: ଉଦୟପର୍ବରେ ଅସ୍ତରାଗର ସ୍ମୃତିଚିତ୍ର', 'ରୋଗ ଭୋଗ', 'ଆରୋଗ୍ୟ ପ୍ରକ୍ରିୟା', 'ସ୍ନେହ ସଦିଚ୍ଛାର ଭାବସ୍ପର୍ଶ', 'କ୍ୟାନ୍‌ସର ସାହିତ୍ୟ', 'ବିଶ୍ୱ ଜୀବନରେ କରୋନାର କାୟା ଓ ଛାୟା', 'ସଂକଟକାଳୀନ ସାହିତ୍ୟ', 'କରୋନାର ଆନନ୍ଦ ଓ ଆହ୍ୱାନ', 'ହେ ବନ୍ଧୁ! ବିଦାୟ!' ଓ 'ଶେଷରେ ଦି' ପଦ'। ପ୍ରତ୍ୟେକ ପରିଚ୍ଛେଦର ଶୀର୍ଷକ ପୂର୍ବରୁ ବିଶ୍ୱବିଖ୍ୟାତ ଲେଖକଙ୍କର ଇଂଲିଶ୍ ଉଦ୍ଧୃତି ଓ ସମ୍ପୃକ୍ତ ପରିଚ୍ଛେଦର ସଂକ୍ଷିପ୍ତ ନିର୍ଯାସ ସ୍ଥାନିତ, ଯାହା ପାଠକଙ୍କୁ 'ପରିଚ୍ଛେଦ' ଭିତରକୁ ସ୍ୱତଃ ଟାଣିନିଏ। ଗ୍ରନ୍ଥର ଉତ୍ସର୍ଗ ବି ପରିଚ୍ଛେଦଗୁଡ଼ିକ ପରି ଜୀବନଦର୍ଶନପୁଷ୍ଟ ଓ କବିତ୍ୱପୂର୍ଣ୍ଣ। ନିଜ ବୋହୂ ସ୍ନେହାସ୍ମିତାର ପ୍ରସ୍ତାବକ୍ରମେ ବିଶ୍ୱରଂଜନ ଲେଖିଥିବା ଏ ବହିଟି ତାଙ୍କ ଜୀବନାନୁଭବର ଏକ ଚଳନ୍ତି ବେଦ, ପଢ଼ିଲେ ଆଖିରେ ଲୁହ ଆସେ, କେତେକେତେ ଶୁଭ ଅଶୁଭ ଚିନ୍ତାର ଘୂର୍ଣ୍ଣାବର୍ତ୍ତରେ ମନ ଓ ପ୍ରାଣ ବିଗଳିତ ହୋଇଉଠେ। 'ଆରମ୍ଭରୁ ପଦେ' ଗଦ୍ୟଲେଖରେ ଲେଖକ ଲେଖିଛନ୍ତି: "ମୃତ୍ୟୁ ସହ ମୁହାଁମୁହିଁ ହେଲାବେଳେ ଜଣେ ପ୍ରକୃତରେ ଜୀବନକୁ ଚିହ୍ନିପାରେ। ଜୀବନ କିପରି ବଞ୍ଚିବାକୁ ହୁଏ, ତା'ର କଳାକୁ ଆୟତ୍ତ କରିପାରେ। ମୃତ୍ୟୁ ଜୀବନର ବିପରୀତ ନୁହେଁ, ଥାଏ ଜୀବନ ସହିତ।" ପ୍ରିୟଜନଙ୍କ ବିୟୋଗ, ପତ୍ନୀଙ୍କ ଅସୁସ୍ଥତା ଓ ସ୍ୱୟଂ କର୍କଟର ଶିକାର ହେବା ଆଦି ଜୀବନ ବଞ୍ଚିବାର ଯେଉଁ ଏକ ଏକ ପାହାଚ- ତାକୁ ପୁଞ୍ଜି କରି ବହିଟିରେ ଲେଖକ ଜୀବନକୁ ସାମ୍ନା କରିବାର ଯେଉଁ ସାହସିକତା ଓ ମୃତ୍ୟୁକୁ ଅତିକ୍ରମିଯିବାର ମନୋବଳ ପାଠକଙ୍କ ପାଇଁ ସଞ୍ଚିଯାଇଛନ୍ତି, ତାହା କାଳାତୀତ। ବହିରେ ଏପରି କେତେକ ଧାଡ଼ି ଅଛି, ଯାହା ଉପନିଷଦୀୟ ବ୍ୟାପକତାରେ ପୂର୍ଣ୍ଣଗର୍ଭା। ଯଥା: "ଚାଲୁଚାଲୁ ସରିଯିବ ଜୀବନ/ ଜୀବନ ସୀମିତ, ପଥ ଅସରନ୍ତି।" ପାଠକଙ୍କୁ ପ୍ରିୟଠାରୁ ବଳି ପ୍ରିୟତର ମଣୁଥିବା ବିଶ୍ୱରଂଜନଙ୍କର ଏ ବହିଟି ସେଇ ପାଠକଙ୍କ ପାଇଁ ଅବଶ୍ୟ ସଂଗ୍ରହଣୀୟ।

## ଗଳ୍ପ

# ଭୁଲ୍ ନିଷ୍ପତ୍ତି

ଦେବସ୍ମିତା ବେହେରା

"ସୁମିତା! ହଁ ଏହା ସତ ଯେ ଆନନ୍ଦ ଆଉ ଏ ଦୁନିଆରେ ନାହିଁ। ସେ ଆତ୍ମହତ୍ୟା କରିଛି। ତତେ କେମିତି ଜଣେଇଥା'ନ୍ତି କହିଲୁ! ତୁ ତ ଥିଲୁ ତୋ' ଶାଶୁଘରେ..." କହିଲା କରବୀ।

"କ'ଣ! ତୁ ଏ କ'ଣ କହୁଛୁ କରବୀ? ଏହା କ'ଣ ସମ୍ଭବ? ଆନନ୍ଦ ଭଳିଆ ଖୁସିବାସିଆ ପିଲା ପୁଣି ଆତ୍ମହତ୍ୟା! ହେଲେ କାହିଁକି?" ପଚାରିଲା ସୁମିତା।

"କାରଣ, କାରଣ ହେଉଛୁ ତୁ ନିଜେ ସୁମିତା। ତତେ ନିଜ ଜୀବନଠୁ ଅଧିକ ଭଲ ପାଉଥିଲା ଆନନ୍ଦ। ସେ ତୋ' ପାଇଁ ପାଗଳ ଥିଲା। ହେଲେ ତା'ର ଦୋଷ କେବଳ ଏତିକି ଯେ ସେ ତତେ ମନେମନେ ଭଲ ପାଉଥିଲା ଆଉ ତତେ ନିଜ ମନ ତଳର କଥାକୁ କହି ପାରି ନ ଥିଲା।"

"ତୁ ପାଗଳ ହେଇଗଲୁଣି ନା' କ'ଣ କରବୀ? ମୁଁ ତ ଆନନ୍ଦକୁ କେବେବି ଆଡ଼ଆଖିରେ ଦେଖିନି ଆଉ ଭଲପାଇବା ତ ଦୂରର କଥା। ତୁ ତ ଜାଣୁ ମୋ' ବାପା କେତେ ରାଗୀ। ପୁଅମାନଙ୍କ ସହିତ କଥା ହେବା ତ ଦୂରର କଥା, ସେମାନଙ୍କୁ ଟିକିଏ ଅନେଇ ଦେଲେ ବି ସେ କାଟି କରି ଦି'ଗଡ଼ କରିଦେବେ ମୋତେ। ସେଥିପାଇଁ ତ ମୁଁ ସବୁବେଳେ ମୁଣ୍ଡ ତଳକୁ କରି ଚାଲେ। ଆଉ ତୁ କହୁଛୁ ଏତେ ବଡ଼ ଅଘଟଣ ପାଇଁ ମୁଁ ଦାୟୀ?"

"ମୁଁ ରାଣ ଖାଇ କହୁଛି ଲୋ ସୁମିତା, ଯେତେବେଳେ ତୁ ଆମ ଘରକୁ ଆସୁ ସେତେବେଳେ କିଛି ନା କିଛି ବାହାନା କରି ଆନନ୍ଦ ଆମ ରୁମ୍‌କୁ ଆସେ। କେତେବେଳେ ବହି ନେବା ବାହାନାରେ ତ ଆଉ କେତେବେଳେ ଆଲୁଚପ୍ ଦେବା ବାହାନାରେ। ତୁ କେବେ ଭାବିଛୁ ସେ ଏମିତି କାହିଁକି କରେ?"

"ଦେଖ, ମୁଁ ସେ ସବୁ ପ୍ରତି କେବେବି ଧ୍ୟାନ ଦେଇ ନ ଥିଲି। ତା' ଛଡ଼ା ତୁ ତୋ'ର ବାଜେ କଥା ବନ୍ଦ କରତ ଆଗ! ମୁଁ କିଛି ନ କରି ତୁ ମୋତେ ଆନନ୍ଦର ମୃତ୍ୟୁ ପାଇଁ କେମିତି ଦାୟୀ କରିପାରୁଛୁ? ଜାଣିଛୁ ତ ମୋର ବାହାଘର ଏଇ ଅଳ୍ପ ଦିନ ତଳେ ହେଇଛି। ଷୋହଳ ମଙ୍ଗଳାରେ ମୁଁ ଆସିଛି ଘରକୁ ମୋ' ସ୍ୱାମୀ ସନତଙ୍କ ସହିତ। ତତେ ଦେଖା କରିବାକୁ ମନ ହେବାରୁ ଚାଲି ଆସିଲି। ତୁ ତ ଜାଣୁ ଆମେ ହେଉଛୁ ତିନି ଭଉଣୀ ଆଉ ମୁଁ ହେଉଛି ଘରର ବଡ଼ ଝିଅ। ତେଣୁ ମୋ' ପାଇଁ ସମାଜର ଲକ୍ଷ୍ମଣରେଖା ଡେଇଁ କିଛି କରିବାର ପ୍ରତିବନ୍ଧ ମୁଁ ଚାଲିବା ଦିନଠୁ ଲଗାହେଇଛି। ବସିଲେ ଉଠିଲେ ମୋତେ କେବଳ ଗୋଟିଏ କଥା ହିଁ ଶିଖାହେଇଛି କି ପୁଅମାନଙ୍କଠୁ ଦୂରରେ ରହିବାକୁ। ମୁଁ ଜାଣିଛି ଆନନ୍ଦ ତୋ'ର ବଡ଼ବାପାଙ୍କ ପୁଅ ଆଉ ତୋ' ସାଙ୍ଗ ଭଳି। ହେଲେ ମୁଁ ତାକୁ କେବେବି ଭାଇଠୁ ଅଧିକା ଭାବିନି। ହେଲେ ତୁ କହୁଛୁ ସେ ମୋତେ ଭଲ ପାଉଥିଲା। ଏକଥା ତୁ କେମିତି ଜାଣିଲୁ?"



ଏହା ଦେଖି କରବୀ କହିଲା, "ତୁ ଯେତେବେଳେ ବି ଆମ ଘରକୁ ଆସୁ ଆନନ୍ଦ ମୋ' ରୁମ୍‌କୁ ପଶି ଆସେ। ତତେ ଗୋଟିଏ ନଜର ଦେଖି ଦେଇ ସେ ଚାଲିଯାଏ। ଦିନେ ମୁଁ ତାକୁ ପଚାରିଲି, ଆନନ୍ଦ ମୁଁ ବହୁତ ଦିନ ହେଲା ଲକ୍ଷ୍ୟ କରୁଛି ସୁମିତା ଘରକୁ ଆସିଲା ମାତ୍ରେ ତୁ କୌଣସି ନା କୌଣସି ବାହାନାରେ ତାକୁ ଦେଖିବା ପାଇଁ ଚାଲି ଆସୁଛୁ। ମୋତେ କହ ପ୍ରକୃତରେ କଥା କ'ଣ?"

"ନା ତ ସେମିତି କିଛି ନାହିଁ। ମୁଁ ତ ସେମିତିଟାରେ ଆସେ। ତୁ ମୋତେ ଭୁଲ ବୁଝୁଛୁ, କହିଲା ଆନନ୍ଦ।"

"ଦେଖ ଭାଇ, ତୁ ମୋ'ଠୁ ଜମା ସାତ ମାସ ବଡ଼। ଆମେ ପିଲା ଦିନରୁ ଦୁହେଁ ଭଲ ସାଙ୍ଗ। ପରସ୍ପରଠୁ କିଛିବି କଥା ଲୁଚାଉନା। ତେବେ ଏବେ କହ କାହିଁକି ମୋତେ ମିଛ କହୁଛୁ। ତୁ ସୁମିତାକୁ ଭଲ ପାଉଛୁନା!" ପଚାରିଲା କରବୀ।

"ହଁ ହଁ ମୁଁ ସୁମିତାକୁ ଭଲପାଏ, ନିଜ ଜୀବନଠୁ ବି ଅଧିକ ଭଲପାଏ, ଲାଜେଇ ଯାଇ କହିଲା ଆନନ୍ଦ।"

ତା'ହେଲେ ତୁ କ'ଣ ତୋ' ମନକଥା କହିଲୁଣି ସୁମିତାକୁ ନା ଏକତରଫା ତୁ ଭଲ ପାଉଛୁ ତାକୁ।

ନା, ଆଜିଯାଏ କହିନି। ଦେଖି ମୁଁ ଡାକ୍ତରୀ ଦ୍ୱିତୀୟ ବର୍ଷର ଛାତ୍ରକୁ ସେ ମଧ୍ୟ ବି.ଏସ୍‌ସି.ର ଛାତ୍ରୀ। ଆଗ ଆମ ଦୁହିଁଙ୍କର ପାଠପଢ଼ା ସରିଯାଉ। ନହେଲେ ଏ ଭଲ ପାଇବା ଚକ୍କରରେ ଦୁହିଁଙ୍କ ଭବିଷ୍ୟତ ନଷ୍ଟ ହେଇଯିବ।

ଏହା ଶୁଣି ଚୁପ୍ ହୋଇଯାଇଥିଲା କରବୀ। ହେଲେ ବିଧିର ବିଧାନ ଥିଲା ଅଲଗା ପ୍ରକାରର। ଯା ଭିତରେ ସୁମିତାର ବାପା ଭଲ ପ୍ରସ୍ତାବଟେ ପାଇ ସ୍ଥିର କରିଦେଲେ ତା'ର ବାହାଘର। ତିନିଦିନ ଭିତରେ ନିର୍ବନ୍ଧ ମଧ୍ୟ ହୋଇଗଲା। କରବୀ ଯାଇଥିଲା ନିର୍ବନ୍ଧକୁ। ସେ ଖୁସି ଥିଲା ସୁମିତା ପାଇଁ, ହେଲେ ତା' ମନ କାନ୍ଦୁଥିଲା ଆନନ୍ଦ ପାଇଁ। ସନତ ଆଉ ସୁମିତାର ଯୋଡ଼ି ଥିଲା ବହୁତ ସୁନ୍ଦର। ଭାରୀ ମନରେ ଘରକୁ ଫେରିଲା କରବୀ ନିର୍ବନ୍ଧରୁ ଆଉ ଘରେ ଆସି ସବୁ କଥା କହିଲା ଆନନ୍ଦକୁ। ସେ କହିଲା, "ଭାଇ ନା ତୁ ନିଜ ମନକଥା ଖୋଲିକରି କହିପାରିଲୁ ସୁମିତାକୁ, ନା ସୁମିତା ଶୁଣିପାରିଲା ତୁମ ହୃଦୟର ଡାକକୁ।"

ଆନନ୍ଦର ସାରାଦୁନିଆ ସତେ ଯେମିତି ଭାଙ୍ଗି ଚୂର୍‌ମାର୍ ହୋଇଗଲା କ୍ଷଣକରେ। ତା' ହୃଦୟ ଆର୍ତ୍ତନାଦ କରିବାକୁ ଲାଗିଲା। ଏ କ'ଣ ହେଇଗଲା? ତିନି ଦିନରେ ବଦଳି ଯାଇଥିଲା ତା' ସ୍ୱପ୍ନର ଦୁନିଆ ଆଉ ଭାଙ୍ଗି ଚୂର୍‌ମାର୍ ହୋଇଯାଇଥିଲା ତା' ସ୍ୱପ୍ନର ସୌଧ। ସେ ଥରିଥରି ପଚାରିଲା, 'ବାହାଘର କେବେ କରବୀ?'

'ସାତ ଦିନ ପରେ' କହିଲା କରବୀ।

ଆନନ୍ଦ ଭିତରେ ଭିତରେ ଭାଙ୍ଗି ପଡ଼ିଥିଲା ସତ, ହେଲେ ଉପରକୁ ଏମିତି ଶାନ୍ତ ଦେଖାଯାଉଥିଲା ଯେମିତି କିଛିବି ଘଟିନି। ଏପଟେ ସୁମିତାର ବିଦାୟୀ ହେଲାବେଳକୁ ନିଦବଟିକା ଖାଇ ଆତ୍ମହତ୍ୟା କରିଦେଲା ଆନନ୍ଦ। ସେ ଆଉ କ'ଣ କରିପାରିଥା'ନ୍ତା? ଏକତରଫା ପ୍ରେମର ପରିଣତି ସବୁବେଳେ ଦୁଃଖଦାୟୀ ହୋଇଥାଏ। ତେଣୁ ଯେତେବେଳେ ତା'ର ସହିବାର ସୀମା ବାହାରକୁ ତା'ର ଛାତି ତଳର କଷ୍ଟ ଚାଲିଗଲା, ସେତେବେଳେ ସେ ମୃତ୍ୟୁକୁ ଆଲିଙ୍ଗନ କରିଦେଲା।

ହେଲେ ଏହା କ'ଣ ଗୋଟିଏ ସମସ୍ୟାର ସମାଧାନ! ଭଗବାନଙ୍କ ପ୍ରଦତ୍ତ ଏହି ସୁନ୍ଦର ଜୀବନ ଏମିତି ଶେଷ କରିବା କ'ଣ ଆନନ୍ଦର ଠିକ୍ ହେଲା। ନା ଆଦୌ ନୁହେଁ। ଆରେ ଜୀବନର ପାଦେ ପାଦେ ଏମିତି ଅନେକ ଅସଫଳତା ଆସେ ଆମ ଜୀବନରେ। ପ୍ରକୃତରେ ସେହି ଲୋକ ହିଁ ଜୀବନ ଜିଇବା ଜାଣିଛି, ଯିଏ ପ୍ରତିଟି ଅସଫଳତାକୁ ପାଦରେ ଆଡ଼େଇ ଦେଇ ନିଜ ପାଇଁ ସଫଳ ଜୀବନଟେ ବନେଇ ପାରିବ। ଠିକ୍ ଅଛି, ଏମିତି ଏକତରଫା ପ୍ରେମର କରୁଣ ପରିଣତି ବିଷୟରେ ଆମେ ପ୍ରତିଦିନ ଖବରକାଗଜରେ ପଢୁଛେ। ହେଲେ ମୋର ସେହିମାନଙ୍କୁ ଅନୁରୋଧ, ଯେଉଁମାନେ ଅଢ଼େଇ ଦିନର ପ୍ରେମରେ ଅସଫଳ ହୋଇ ଏମିତି ବାଟ ବାଛୁଛନ୍ତି। ସେମାନେ ଏମିତି ଭୁଲ୍ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ତତଃ ନିଜ ମା' ବାପାଙ୍କ ନିଃସ୍ୱାର୍ଥ ବଳିଦାନ ବିଷୟରେ ଥରଟେ ଭାବନ୍ତୁ।

ମୋ: ୯୯୩୮୩୯୫୪୩୭

**ସଂକ୍ଷେପରେ**

## ସିନ୍ଧୁ, ସେନ୍ ସେମିରେ

**ନୂଆଦିଲ୍ଲୀ, ୧୪।୧ (ପି.ଟି.):** ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଲକ୍ଷ୍ୟ ସେନ୍ ଯଥାକ୍ରମେ ସେମାନଙ୍କ ମହିଳା ଓ ପୁରୁଷ ସିଙ୍ଗଲ୍ସରେ ବିଜୟ ଲାଭ କରି ଏଠାରେ ଚାଲିଥିବା ୟୋନେକ୍ସ-ସନରାଇଜ୍ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱଚାମ୍ପିୟନ ଟପ୍ ସିଡ ସିନ୍ଧୁ ନିଜ ଦେଶର ଅସ୍ମିତା ଛଲିଆଙ୍କୁ ୨୧-୭, ୨୧-୧୮ରେ ମାତ୍ର ୩୬ ମିନିଟ୍‌ରେ ହରାଇ ଦେଇଥିଲେ। ଏକ ଅଲ୍ ଇଣ୍ଡିଆନ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ସେନ୍ ୧୪-୨୧, ୨୧-୯, ୨୧-୧୪ରେ ଏଚ୍.ଏସ୍. ପ୍ରଣୟଙ୍କୁ ହରାଇ ଦେଇଥିଲେ। ୨୬ ବର୍ଷୀୟ ସିନ୍ଧୁ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ୬ଷ୍ଠ ସିଡ୍ ଥାଇଲାଣ୍ଡର ସୁପାନିଦା କାଟେଥଙ୍ଗଙ୍କୁ ଭେଟିବେ। ଅନ୍ୟ ଏକ ମହିଳା ସେମିଫାଇନାଲରେ ଆକର୍ଷି କାଶ୍ୟପ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ବୁସାନାନ୍ ଅଙ୍ଗ୍‌ବାମ୍ରୁଙ୍ଗଫାନ୍‌ଙ୍କୁ ଭେଟିବେ। ଭାରତୀୟ ଖେଳାଳି ଶୁକ୍ରବାର ନିଜ ଦେଶର ମାଳବିକା ବନ୍‌ସୋଡ୍‌ଙ୍କୁ ୨୧-୧୨, ୨୧-୧୫ରେ ହରାଇ ଦେଇଛନ୍ତି। ବୁସାନାନ ଆମେରିକାର ଲରେନ୍ ଲାମ୍‌ଙ୍କୁ ୨୧-୧୨, ୨୧-୮ରେ ହରାଇ ଦେଇଛନ୍ତି। ଦ୍ୱିତୀୟ ସିଡ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ମଧ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ସିଙ୍ଗାପୁରର ହି ୟଙ୍ଗ କାଇ ଟେରୀ ଓ ଲୋ କିନ୍ ହିନ୍‌ଙ୍କୁ ୨୧-୧୮, ୨୧-୧୮ରେ ପରାସ୍ତ କରିଛନ୍ତି।

## ପ୍ରଥମ ହାଇପରଫର୍ମାନ୍ସ ଡାଇରେକ୍ଟର ପାଣ୍ଡୁ

**ନୂଆଦିଲ୍ଲୀ, ୧୪।୧ (ପି.ଟି.):** ମରିସସ୍‌ର ଅବିନାଶ ପାଣ୍ଡୁ ଭାରୋତ୍ତୋଳନର ପ୍ରଥମ ହାଇପରଫର୍ମାନ୍ସ ଡାଇରେକ୍ଟର (ଏଚ୍‌ପିଡି) ଭାବେ ନିଯୁକ୍ତି ପାଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ଭାରତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍) ଅଫିସିଆଲଙ୍କ ସହିତ ଆଲୋଚନା ପରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ବୈଦେଶିକ କୋଚ୍ ସିଲେକ୍ସନ କମିଟି ପାଣ୍ଡୁଙ୍କୁ ନିଯୁକ୍ତି ପାଇଁ ସୁପାରିସ କରିଥିଲା। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଏହି ନିଯୁକ୍ତି ଅନୁମୋଦନ ଲାଭ କରିଛି। ସୂଚନା ଅନୁସାରେ ପାଣ୍ଡୁ ବାର୍ଷିକ ବେତନ ବାବଦରେ ୫୪,୦୦୦ ଆମେରିକୀୟ ଡଲାର (ପ୍ରାୟ ୪୦.୫୦ ଲକ୍ଷ ଟଙ୍କା)ପାଇବେ। ସେ ୨୦୨୮ ଅଲିମ୍ପିକ୍ସକୁ ଲକ୍ଷ୍ୟ ରଖି କିପରି ଜୁନିୟର ପ୍ରତିଭାଙ୍କୁ ବିକଶିତ କରାଯାଇପାରିବ ସେ ଦିଗରେ କାର୍ଯ୍ୟକରିବେ। ଏହାଛଡ଼ା କୋଚିଂ ଢାଞ୍ଚାକୁ ସୁଦୃଢ଼ କରିବେ, ଯଦ୍ୱାରା ଭାରତ ଭବିଷ୍ୟତରେ ଅନ୍ତର୍ଜାତୀୟ ଚାମ୍ପିୟନ ସୃଷ୍ଟି କରିବାରେ ସମର୍ଥ ହୋଇପାରିବ।

# ଓଡ଼ିଶାରେ କୁଇନ୍ସ ବାଟନ ରିଲେ ଆଜି

**ଭୁବନେଶ୍ୱର, ୧୪।୧(କ୍ରୀଡ଼ା ପ୍ରତିନିଧି)**

ଇଂଲଣ୍ଡର ବର୍ମିଂହାମଠାରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର କୁଇନ୍ସ ବାଟନ ରିଲେ ପର୍ଯ୍ୟାୟ ଶନିବାର ଓଡ଼ିଶାରେ ଅନୁଷ୍ଠିତ ହେବ। ଏଥିପାଇଁ ବାଟନ ଆସି ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛି। ଶନିବାର କୁଇନ୍ସ ବାଟନ ରିଲେ ଭୁବନେଶ୍ୱରରୁ ପୁରୀ ଓ କୋଣାର୍କ ଯିବ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ପରେ ପୁଣି କଳିଙ୍ଗ ଷ୍ଟାଡିୟମ ଫେରିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ପ୍ରତିଷ୍ଠିତ ଆଥଲେଟ ଅଂଶଗ୍ରହଣ କରିବେ। କାର୍ଯ୍ୟସୂଚୀ ଅନୁସାରେ ସକାଳ ୬ଟା ୪୫ରେ କଳିଙ୍ଗ ଷ୍ଟାଡିୟମରେ କୁଇନ୍ସ ବାଟନର ଫଟୋଶୁଟ୍ ହେବ। ୭ଟାରେ ଏହା ହକି ଷ୍ଟାଡିୟମରୁ ରାଜଭବନ, ଏଜି ଛକ, ହସ୍ପିଟାଲ ଛକ, ଶିଶୁ ଭବନ, କଳ୍ପନା ଛକ, ସାମନ୍ତରାପୁର ଦେଇ ପୁରୀ ରାଜପଥରେ ସିଂହଦ୍ୱାରରେ ପହଞ୍ଚିବ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ କଳିଙ୍ଗ ଷ୍ଟାଡିୟମରୁ ସାମନ୍ତରାପୁର ପର୍ଯ୍ୟନ୍ତ ବାଟନଧାରୀ ହେବେ। ସ୍ପ୍ରିଣ୍ଟର ଅମିୟ ମଲ୍ଲିକ ସାମନ୍ତରାପୁରରୁ ପିପିଲି, ଭାରୋତ୍ତୋଳକ କେ. ରବିକୁମାର ପିପିଲିରୁ ସତ୍ୟବାଦୀ, ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ସତ୍ୟବାଦୀରୁ ପୁରୀ ମେଡିକାଲ ଛକ ପର୍ଯ୍ୟନ୍ତ ବାଟନ ନେବେ। ମେଡିକାଲ ଛକରୁ




ଆଇଓଏ ପ୍ରତିନିଧି ହରିଓଁ କୌଶିକଙ୍କଠାରୁ ଦିଲୀପ ତିର୍କୀ କୁଇନ୍ସ ବାଟନ ଗ୍ରହଣ କରୁଛନ୍ତି।

ସିଂହଦ୍ୱାର ପର୍ଯ୍ୟନ୍ତ ପୁରୀ ଜିଲାର କ୍ରୀଡ଼ାବିତ୍‌ମାନେ ବାଟନ ବାହକ ହେବେ। ପୁରୀ ଜିଲାପାଳ ଏହାକୁ ଆୟୋଜନ କରିବେ। ସକାଳ ୮ଟା ୧୫ରେ ଏହି ରିଲେ ଆରମ୍ଭ ହେବ। ସିଂହଦ୍ୱାରରେ ପୁରୀ ଜିଲାପାଳ ଓ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ରଞ୍ଜିତ ପରିଡ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟରେ ବାଟନ ବାହକ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ରହିବେ।

ସକାଳ ୮ଟା ୪୫ରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଡ୍ରୋନ୍ ଶୁଟ୍ ହେବ। ଏହି ସମୟରେ ଦୂତୀ ବାଟନ ଧରିବେ ଏବଂ ରବି କୁମାର, ଅମିୟ ଓ ଅନୁରାଧା ଉଭୟ ପାର୍ଶ୍ୱରେ ଉପସ୍ଥିତ ରହିବେ। ଏହାପରେ ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀଙ୍କ ସମେତ ଅନୁରାଧା, ଦୂତୀ, ରବି ଓ ଅମିୟଙ୍କ ଉପସ୍ଥିତିରେ ଫଟୋଶୁଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୁରୀ ପାନ୍ଥନିବାସଠାରେ ବ୍ରେକ୍‌ଫାଷ୍ଟ ପରେ ୧୦ଟାରୁ ପୁରୀଠାରୁ କୋଣାର୍କ (ମେରାଇନ୍ ଡ୍ରାଇଭ୍) ପର୍ଯ୍ୟନ୍ତ ବାଟନ ରିଲେ ଯିବ। ସେତେବେଳେ ଓପନ ଜିପ୍‌ରେ ଦିଲୀପ ବାଟନ ଧରିବେ। ୧୦ଟା ୩୦ରେ କୋଣାର୍କ ସୂର୍ଯ୍ୟ ମନ୍ଦିର ନିକଟରେ କ୍ରୀଡ଼ା ବିଭାଗ ଅଧିକାରୀ କୈଳାସ ଦାଶ ଓ ପୁରୀ ଜିଲାପାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଉପରୋକ୍ତ ୫ କ୍ରୀଡ଼ାବିତ୍ ଏହି କାର୍ଯ୍ୟକ୍ରମର ଅଂଶବିଶେଷ ରହିବେ। ୧୧ଟା ୩୦ରେ କୁଇନ୍ସ ବାଟନ ରିଲେ କୋଣାର୍କରୁ ମାଳତୀପାଟପୁର ଫ୍ଲାଏଓଭର ଦେଇ କଳିଙ୍ଗ ଷ୍ଟାଡିୟମ ଆସିବ। ଓପନ ଜିପ୍‌ରେ ହକି କୋଚ୍ କାଲୁ ଚରଣ ଚୌଧୁରୀ, ଲିସିକା ଏକ୍କା, ଲିପିକା ମହାପାତ୍ର ବାଟନ ଧରିବେ। ୧୨ଟା ୩୦ରେ ଲଞ୍ଚ୍ ପରେ ଅପରାହ୍ନ ୩ଟାରେ ବାଟନ କଳିଙ୍ଗ ଷ୍ଟାଡିୟମରୁ ରାଜଭବନ ଯିବ। ଓପନ ଜିପ୍‌ରେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ବାଟନ ବାହକ ହେବେ। ୩ଟା ୧୦ରେ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ରାଜଭବନରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ସମୟରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଦିଲୀପ, ଅନୁରାଧା, ଶ୍ରଦ୍ଧାଞ୍ଜଳି, ଦୂତୀ, ରବି, ଅମିୟ, ହକି ତାରକା ରୋଶନ ମିଞ୍ଜ୍ ପ୍ରମୁଖ ଉପସ୍ଥିତ ରହିବେ। ୩ଟା ୩୦ରେ ବାଟନ ରିଲେର ସହର ପରିକ୍ରମା ଆରମ୍ଭ ହେବ। ଗଭର୍ନର ହାଉସ୍‌ରୁ ପିଏମ୍‌ଜି ଛକ ପର୍ଯ୍ୟନ୍ତ ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ସୁନୀତା ଲାକ୍ରା, ପିଏମ୍‌ଜି ଛକରୁ ରାମ ମନ୍ଦିର ପର୍ଯ୍ୟନ୍ତ ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମୀନତି ମହାପାତ୍ର, ରାମ ମନ୍ଦିରରୁ ଆଚାର୍ଯ୍ୟ ବିହାର ଛକ ପର୍ଯ୍ୟନ୍ତ ରୋଶନ ମିଞ୍ଜ ବାଟନ ଧରିବେ। ଏହାପରେ ଆଚାର୍ଯ୍ୟ ବିହାରରୁ ନାଲ୍‌କୋ ଛକ, କିଟ୍ ଛକ, ଇନ୍‌ଫୋସିଟି ବାଟଦେଇ ଡମଣା ଛକ ଏବଂ ସେଠାରୁ ବାଟନ ରିଲେ ୩ ନମ୍ବର ଗେଟ୍ ଦେଇ କଳିଙ୍ଗ ଷ୍ଟାଡିୟମରେ ପ୍ରବେଶ କରିବ। କଳିଙ୍ଗ ଷ୍ଟାଡିୟମ ୩ ନମ୍ବର ଗେଟ୍‌ରୁ ହକି ୱେଷ୍ଟ ଷ୍ଟାଣ୍ଡ ପର୍ଯ୍ୟନ୍ତ ଦିଲୀପ, ଦୂତୀ, ଅମିୟ, ଶ୍ରଦ୍ଧାଞ୍ଜଳି ବାଟନ ଧରିବେ। ଅପରାହ୍ନ ୫ଟା ୩୦ରେ କଳିଙ୍ଗ ଷ୍ଟାଡିୟମ ହକି ଷ୍ଟାଣ୍ଡରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏହି ସମୟରେ ଦିଲୀପ ବାଟନ ହସ୍ତାନ୍ତର କରିବେ। ୧୬ ତାରିଖରେ ବାଟନ ସିଙ୍ଗାପୁର ଯିବ। ପ୍ରକାଶଯୋଗ୍ୟ ଯେ, ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା କୁଇନ୍ସ ବାଟନ ରିଲେ ୭୨ ରାଜ୍ୟଗୋଷ୍ଠୀ ଦେଶ ଓ ଅଞ୍ଚଳର ୯୦,୦୦୦ ମାଇଲ ଅତିକ୍ରମ କରିବା କାର୍ଯ୍ୟକ୍ରମ ରହିଛି। ୨୦୨୧ ଅକ୍ଟୋବର ୭ରେ ବକିଙ୍ଗହାମ ପ୍ୟାଲେସରୁ ଆରମ୍ଭ ହୋଇଥିବା ୨୬୯ ଦିନିଆ ଯାତ୍ରା ବର୍ମିଂହାମଠାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବରେ ଶେଷ ହେବ।

## ଟ୍ରାଭିସ୍ ହେଡ୍‌ଙ୍କ ଶତକ



ଶତକ ହାସଲ ପରେ ଟ୍ରାଭିସ ହେଡ୍।

**ହୋବାର୍ଟ, ୧୪।୧:** ସ୍ଥାନୀୟ ବେଲେରାଇଭ ଓଭାଲ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟ ଆରମ୍ଭ ହୋଇଛି। ଟସ୍ ଜିତି ଇଂଲଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ୧୨ ରନରେ ୩ ଓ ପରେ ୮୩ ରନରେ ୪ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଇନ୍‌ଫର୍ମ ବ୍ୟାଟର ଟ୍ରାଭିସ ହେଡ ଶତକ ଓ କାମେରନ ଗ୍ରୀନ ଅର୍ଦ୍ଧଶତକ ହାସଲ କରି ପଞ୍ଚମ ଉଇକେଟରେ ୧୬୦ ବଲରୁ ୧୨୧ ରନ ସଂଗ୍ରହ କରିବା ସହ ସ୍ଥିତି ସମ୍ଭାଳିଥିଲେ। ଫଳରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫୯.୩ ଓଭରରେ ୬ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉଇକେଟକିପର ବ୍ୟାଟର ଅଲେକ୍ସ କାରେ ୧୦ ଓ ମିଚେଲ ଷ୍ଟାର୍କ ବିନା ସ୍କୋରରେ ଅପରାଜିତ ରହିଥିଲେ। ହେଡ୍ ୧୧୩ଟି ବଲର ସମ୍ମୁଖୀନ ହୋଇ ୧୨ଟି ଚୌକା ସହ ୧୦୧ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୯.୩ ଓଭରରେ ୨୪୧/୬ (ହେଡ୍- ୧୦୧, ଗ୍ରୀନ- ୭୪, ଲାବୁସେନ- ୪୪, ବ୍ରଡ- ୨/୪୮, ରବିନସନ- ୨/୨୪, ଉଡ୍- ୧/୭୯, ୱକ୍ସ- ୧/୫୦)।

# ଲିଖିତ, ଫିଟ୍‌ନେସ୍ ଟେଷ୍ଟରେ ୪ ଓଡ଼ିଆ ରେଫରି ଉତ୍ତୀର୍ଣ୍ଣ



ଅରୁଣ ନାୟକ



ଆଶୀର୍ବାଦ କାନୁନଗୋ



ଭିମ୍ କୁମାର ଛେତ୍ରୀ



କିଶନ ଦାସ


**ଭୁବନେଶ୍ୱର,୧୪।୧:** ଓଡ଼ିଶାର ୪ ଜଣ ଫୁଟବଲ ରେଫରି କାଟେଗୋରୀ-୨ ଜାତୀୟ ରେଫରିର ମର୍ଯ୍ୟାଦା ହାସଲ କରିବା ପାଇଁ ପରୀକ୍ଷାର ଗୋଟିଏ ପର୍ଯ୍ୟାୟରେ ସଫଳ ହୋଇଛନ୍ତି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଦ୍ୱାରା ଆୟୋଜିତ ଲିଖିତ ଓ ଫିଟ୍‌ନେସ୍ ପରୀକ୍ଷାରେ ୪ ଓଡ଼ିଆ ରେଫରି ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ୭ ଓ ୯ ତାରିଖରେ ଗୁଆହାଟୀରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜାତୀୟ ରେଫରିର ମାନ୍ୟତା ହାସଲ କରିବାକୁ ଏହି ୪ ରେଫରି ଏବେ ପ୍ରାକ୍ଟିକାଲ ଓ ଭିଭା ରାଉଣ୍ଡର ସମ୍ମୁଖୀନ ହେବେ। ଏହି ୪ ରେଫରି ହେଲେ କିଶନ ଦାସ, ଆଶୀର୍ବାଦ କାନୁନଗୋ, ଭିମ୍ କୁମାର ଛେତ୍ରୀ ଓ ଅରୁଣ ନାୟକ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଫାଓର ଅନ୍ୟ ପଦାଧିକାରୀମାନେ ଏହି ୪ ରେଫରିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଫାଓର ହେଡ୍ ଅଫ୍ ଦି ରେଫରି ଦୁର୍ଗାମାଧବ ନାଏକ ଏ ନେଇ ଗଠନମୂଳକ କାର୍ଯ୍ୟ କରିଥିବାରୁ ତାଙ୍କୁ ମଧ ଆସୋସିଏଶନ ତରଫରୁ ପ୍ରଶଂସା କରାଯାଇଛି।

# ଭାରତ-ଦକ୍ଷିଣ ଆଫ୍ରିକା ମୁକାବିଲା ଆଜି

**ଜର୍ଜଟାଉନ୍ (ଗୁୟାନା),୧୪।୧:** ୱେଷ୍ଟଇଣ୍ଡିଜ୍‌ରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୧୯ ବର୍ଷରୁ କମ୍ ବିଶ୍ୱକପ୍। ଶନିବାର ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଭାରତ ଅଭିଯାନ ଆରମ୍ଭ କରିବ। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଯଶ୍ ଧୂଲଙ୍କ ନେତୃତ୍ୱରେ ଭାରତ ଏଥର ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଧୂଲଙ୍କ ସମେତ, ହରନୁର ସିଂ, ରାଜ୍ୟବର୍ଦ୍ଧନ ହଙ୍ଗରଗେକ, ରବି କୁମାରଙ୍କ ଉପରେ ବହୁତ ଆଶା ରହିଛି। କିଛି ଦିନ ତଳେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଏହି ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ଭାରତକୁ ଚାମ୍ପିୟନ କରାଇଥିଲେ।

ଟୁର୍ନାମେଣ୍ଟ ପୂର୍ବରୁ ଭାରତ ଖେଳିଥିବା ଦୁଇଟି ଅଭ୍ୟାସ ମ୍ୟାଚ୍‌ରେ ଆୟୋଜକ ୱେଷ୍ଟଇଣ୍ଡିଜ ଓ ଅଷ୍ଟ୍ରେଲିଆକୁ ପରାସ୍ତ କରି ପ୍ରସ୍ତୁତିକୁ ଆହୁରି କରିଛି। ବିଶ୍ୱକପ୍‌ରେ ଭାରତ ସବୁଠାରୁ ସଫଳତମ ଦଳ ବିବେଚିତ ହୋଇଛି। ଗତ ୩ଟି ସଂସ୍କରଣରେ ଭାରତ ଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଛି। ତେଣୁ ଭାରତର ପ୍ରଦର୍ଶନ ସ୍ଥିର ରହିଆସିଛି। ୨୦୨୦ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ବାଂଲାଦେଶଠାରୁ ହାରି ରନର୍ସଅପ୍ ହୋଇଥିଲା। ଏହି ଦଳରେ କୌଣସି ଖେଳାଳି ଏଥର ଭାରତ ପାଇଁ ପ୍ରତିନିଧିତ୍ୱ କରୁନାହାନ୍ତି। ଜଳନ୍ଧର ଜନ୍ମିତ ହରନୁର ସିଂ ବ୍ୟାଟିଂରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ଗତ ସଂସ୍କରଣରେ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବେ। ୧୮ ବର୍ଷୀୟ ହନରୁର ଗତ ଏସିଆ କପ୍‌ରେ ଦଳ ତରଫରୁ ୫ଟି ମ୍ୟାଚ୍ ଖେଳି ସର୍ବାଧିକ ୨୫୧ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ୱାର୍ମଅପ୍ ଗେମ୍‌ରେ ସେ ଅପରାଜିତ ୧୦୦ ରନର ଶତକ ହାସଲ କରିଥିଲେ।

ଡାହାଣହାତୀ ଦ୍ରୁତ ବୋଲର ହଙ୍ଗରଗେକର ମହାରାଷ୍ଟ୍ର ପାଇଁ ସିନିୟର କ୍ରିକେଟ ଖେଳିଛନ୍ତି ଓ ତାଙ୍କ ଉପରେ ନଜର ରହିଛି।




ଏସିଆ କପ୍‌ରେ ଦ୍ରୁତ ଗତିରେ ବୋଲିଂ କରିବା ସହ ସେ ୮ ଉଇକେଟ ଅକ୍ତିଆର କରିଥିଲେ।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୬.୩୦। ସ୍ଥାନ: ପ୍ରୋଭିଡେନ୍ସ ଷ୍ଟାଡିୟମ, ଗୁୟାନା। ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## ପିକେଏଲ୍: ଜୟପୁର, ବେଙ୍ଗାଲୁରୁ ବିଜୟୀ

**ବେଙ୍ଗାଲୁରୁ,୧୪।୧:** ପ୍ରୋ କବାଡି ଲିଗ୍ (ପିକେଏଲ୍) ଅଷ୍ଟମ ସଂସ୍କରଣରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଜୟପୁର ପିଙ୍କ୍ ପାନ୍ଥର୍ସ ୩୮-୨୯ରେ ଟେବୁଲ ଟପ୍ପର ପାଟନା ପାଇରେଟ୍ସକୁ ହରାଇଛି। ପ୍ରଥମାର୍ଦ୍ଧରେ ଜବରଦସ୍ତ ସଂଘର୍ଷ ଦେଖାଦେଇଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଜୟପୁର ମ୍ୟାଚ୍ ହାତେଇ ନେଇଥିଲା। ସେହିପରି ଶୁକ୍ରବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଗୁଜରାଟ ଜ୍ୟାଣ୍ଟ୍ସ ୩୭-୪୬ରେ ବେଙ୍ଗାଲୁରୁ ବୁଲ୍ସଠାରୁ ପରାସ୍ତ ହୋଇଛି। ଏଥିସହ ବେଙ୍ଗାଲୁରୁ ବୁଲ୍ସ ୧୦ ମ୍ୟାଚ୍ ଖେଳି ୭ ବିଜୟ, ୨ ପରାଜୟ ଓ ଗୋଟିଏ ଡ୍ର ସହ ୩୮ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିପରି ଜୟପୁର ୯ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୪ ପରାଜୟ ସହ ୨୮ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି।

## ୱେଷ୍ଟଇଣ୍ଡିଜକୁ ହରାଇଲା ଆୟର୍ଲାଣ୍ଡ

**କିଙ୍ଗଷ୍ଟନ, ୧୪।୧ (ଏପି):** ସ୍ଥାନୀୟ ସାବିନା ପାର୍କଠାରେ ବର୍ଷାବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭ୍ରମଣକାରୀ ଆୟର୍ଲାଣ୍ଡ ୫ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଆୟର୍ଲାଣ୍ଡ ୨୩୦ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ବେଳେ ବର୍ଷା ହେବାରୁ ୯୦ ମିନିଟ ଖେଳ ସମ୍ଭବ ହୋଇ ନ ଥିଲା। ସେତେବେଳକୁ ଭ୍ରମଣକାରୀ ଦଳ ୩୨ ଓଭରରେ ୪ ଉଇକେଟ ବିନିମୟରେ ୧୫୭ ରନ କରିଥିଲା। ପରେ ଯେତେବେଳେ ମ୍ୟାଚ ଆରମ୍ଭ ହେଲା ଡକ୍‌ୱର୍ଥ-ଲୁଇସ୍ ପଦ୍ଧତିର ସହାୟତା ନିଆଯାଇଥିଲା। ଆୟର୍ଲାଣ୍ଡ ପାଇଁ ବିଜୟ ଲକ୍ଷ୍ୟ ୩୬ ଓଭରରେ ୧୬୮ ରନକୁ ହ୍ରାସ କରାଯାଇଥିଲା। ଅର୍ଥାତ ଦଳକୁ ୨୮ଟି ବଲ୍‌ରେ ୧୧ରୁ ଅଧିକ ରନ କରିବାକୁ ଆବଶ୍ୟକ ପଡୁଥିଲା। ଆୟର୍ଲାଣ୍ଡ ୭ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

**ୱେଷ୍ଟଇଣ୍ଡିଜ** ୪୮ ଓଭରରେ ୨୨୯/ଅଲଆଉଟ (ରୋମାରିଓ ଶେଫର୍ଡ-୫୦, ଓଡିନ୍ ସ୍ମିଥ୍-୪୬, ଶାମରା ବ୍ରୁକ୍ସ-୪୩; ଆଣ୍ଡି ମ୍ୟାକବ୍ରିନ୍-୪/୩୬, କ୍ରେଗ୍ ୟଙ୍ଗ୍-୩/୪୨, ଜୋଶୁଆ ଲିଟଲ-୨/୪୦)। **ଆୟର୍ଲାଣ୍ଡ** ୩୨.୩ ଓଭରରେ ୧୬୮/୫ (ହ୍ୟାରୀ ଟେକର-୫୪*, ଆଣ୍ଡି ମ୍ୟାକ୍‌ବ୍ରିନ୍-୩୫, ୱିଲିୟମ ପୋଟରଫିଲ୍ଡ-୨୬; ଅକିଲ ହୋସେନ-୨/୫୧, କିରନ ପୋଲାର୍ଡ-୧/୪)।

# ସେମିଫାଇନାଲରେ ଜୁଭେନାଇଲ

**ଭୁବନେଶ୍ୱର, ୧୪।୧(କ୍ରୀଡ଼ା ପ୍ରତିନିଧି)**

କେଶୁରା ଖେଳ ପଡ଼ିଆରେ ଚାଲିଥିବା ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂକୁ ହରାଇ କଟକର ଜୁଭେନାଇଲ ସେମିଫାଇନାଲରେ ପ୍ରବେଶ କରିଛି। ବର୍ଷା ଯୋଗୁ ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜୁଭେନାଇଲ ୨୦ ଓଭରରେ ୪ ଉଇକେଟ ହରାଇ ୧୬୫ ରନ କରିଥିଲା। ସାଇଦୀପ ମହାପାତ୍ର ସର୍ବାଧିକ ୭୦ ଓ ଅଶ୍ୱିନ ଖଟେଇ ୫୬ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ସୌଭାଗ୍ୟ ବେହେରା ୨ଟି ଉଇକେଟ ପାଇଥିଲେ। ଜବାବରେ ପ୍ରଗତି ପୂରା ୨୦ ଓଭର ଖେଳିଥିଲେ ହେଁ ୧୬୩ ରନରେ ସୀମିତ ରହି ଯାଇଥିଲା। ଶାନ୍ତନୁ ମିଶ୍ର ୪୦ ଓ ଟୁକୁନା ସାହୁ ୩୪ ରନ କରିଥିଲେ।




ସାଇଦୀପ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ବିଜୟୀ ଦଳର ସୁମିତ ଶର୍ମା ୩ଟି ଏବଂ ସୂର୍ଯ୍ୟ ନାରାୟଣ ସାହୁ ଓ ସାଇଦୀପ ୨ଟି ଲେଖାଏ ଉଇକେଟ ନେଇଥିଲେ। ୫୫ ବଲ୍‌ରୁ ୭୦ ରନ କରିବା ସହ ୨ଟି ଉଇକେଟ ନେଇଥିବାରୁ ଜୁଭେନାଇଲର ସାଇଦୀପ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ତାରକା ଦୀପକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଶରତ ଚନ୍ଦ୍ର ସାହୁ ଓ ଦିଲୀପ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସୌରଭ ବିଶ୍ୱାସ ସ୍କୋରର ଥିଲେ। ରବିବାର ଭୁବନେଶ୍ୱର ଓ କଟକ ମଧ୍ୟରେ ମହିଳା କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ।

# ଟେଷ୍ଟ ସିରିଜ ଜିତିଲା ଦକ୍ଷିଣ ଆଫ୍ରିକା

**କେପ୍ ଟାଉନ,୧୪।୧**

ଦକ୍ଷିଣ ଆଫ୍ରିକା ମାଟିରେ ଗତ ୨୯ ବର୍ଷ ହେବ ଟେଷ୍ଟ ସିରିଜ ଜିତିବାକୁ ସ୍ୱପ୍ନ ଦେଖୁଥିବା ଭାରତୀୟ କ୍ରିକେଟ ଦଳର ଆଶା ଅପୂରଣୀୟ ରହିଛି। ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଶୁକ୍ରବାର ଚତୁର୍ଥ ଦିବସରେ ୭ ଉଇକେଟରେ ଭାରତକୁ ପରାସ୍ତ କରିଛି। ଏଥିସହ ଦକ୍ଷିଣ ଆଫ୍ରିକା ୨-୧ରେ ଟେଷ୍ଟ ସିରିଜ ଜିତିଛି। ସାରା ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଦକ୍ଷିଣ ଆଫ୍ରିକା ବ୍ୟାଟର କିଗନ ପିଟରସନ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଛନ୍ତି।

ପ୍ରଥମ ଇନିଂସରେ ମାତ୍ର ୧୩ ରନର ଅଗ୍ରଣୀ ହାସଲ କରିଥିବା ଭାରତ ଦ୍ୱିତୀୟ ଇନିଂସରେ ମାମୁଲି ବ୍ୟାଟିଂ ପ୍ରଦର୍ଶନ କରି ୬୭.୩ ଓଭରରେ ୧୯୮ ରନକରି ଅଲଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୧୨ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୩ ଉଇକେଟ ହରାଇ ୬୩.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ତୃତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୦୧/୨ରୁ ଦକ୍ଷିଣ ଆଫ୍ରିକା ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ପିଟରସନ ୪୮ରୁ ଖେଳ ଆରମ୍ଭ କରି ୮୨ ରନକରି ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ରାସି ଭାନ ଡେର ଡୁସେନ ୪୧ ଓ ଟେମ୍ବା ବଭୁମା ୩୨ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ପୂର୍ବରୁ ଦୁଇ ଓପନର ଏଡେନ ମାରକ୍ରାମ ୧୬ ଓ ଅଧିନାୟକ ଡିନ୍ ଏଲଗାର ୩୦ ରନକରି ଯଥାକ୍ରମେ ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଭାରତ ପାଇଁ ବୁମ୍‌ରା, ସାମି ଓ ଠାକୁର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମ ମ୍ୟାଚ୍‌ରେ ୧୧୩ ରନରେ ବିଜୟ ହାସଲ କରି ଭାରତ ୧-୦ରେ ସିରିଜ ଅଗ୍ରଣୀ ହୋଇଥିଲେ ମଧ ପରେ ବୋଲିଂ ଓ ବ୍ୟାଟିଂରେ ନିହାତି ମାମୁଲି ପ୍ରଦର୍ଶନ କରିଥିଲା। ଦ୍ୱିତୀୟ ଟେଷ୍ଟ ଭାରତ ସମାନ ଢଙ୍ଗରେ ୭ ଉଇକେଟରେ ହାରିଥିଲା। ଦକ୍ଷିଣ ଆଫ୍ରିକା ତାରକା ଦ୍ରୁତ ବୋଲର ଅନରିଚ ନୋର୍ଜେ ଓ ବ୍ୟାଟର କ୍ୱିଣ୍ଟନ ଡିକକ୍‌ଙ୍କ ଅନୁପସ୍ଥିତି ସିରିଜ ଜିତିବାର ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲେ ମଧ ଭାରତୀୟ କ୍ରିକେଟର ଏହାର ଫାଇଦା ଉଠାଇପାରି ନ ଥିଲେ। ଦକ୍ଷିଣ ଆଫ୍ରିକାକୁ ହେୟ ମନେ କରିବା, ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେଙ୍କ ବିଫଳତା, ସିରିଜ ଅଧାରେ କୋହଲି ଆହତ ହେବା ଓ ସିରିଜ ପୂର୍ବରୁ ନେତୃତ୍ୱକୁ ନେଇ ବିବାଦ ଭାରତର ପ୍ରଦର୍ଶନକୁ ପ୍ରଭାବିତ କରିଥିଲା।

ଏବେ ଦୁଇ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ମୁହାଁମୁହିଁ ହେବେ। ପ୍ରଥମ ଦିନିକିଆ ୧୯, ଦ୍ୱିତୀୟ ୨୧ ଓ ତୃତୀୟ ୨୩ ତାରିଖରେ ଖେଳାଯିବ। ପ୍ରଥମ ଦୁଇଟି ପର୍ଲ୍‌ରେ ଓ ଅନ୍ତିମ ମ୍ୟାଚ୍ କେପ୍ ଟାଉନରେ ଖେଳାଯିବ।

- **ଭାରତ ୭ ଉଇକେଟରେ ପରାସ୍ତ**
- **କିଗନ ପିଟରସନ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ**

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୨୨୩। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୧୦। ଭାରତ ଦ୍ୱିତୀୟ ଇନିଂସ: ୧୯୮। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୬୩.୩ ଓଭରରେ ୨୧୩ ରନ (ପିଟରସନ- ୮୨, ଏଲଗାର-୩୦, ମାରକ୍ରାମ-୧୬, ଡୁସେନ- ୪୧*, ବଭୁମା-୩୨*, ବୁମ୍‌ରା- ୧/୫୪, ସାମି-୧/୪୧, ଠାକୁର- ୧/୨୨)।




ଟେଷ୍ଟ ସିରିଜ ବିଜୟୀ ଦକ୍ଷିଣ ଆଫ୍ରିକା ଦଳ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା–୮+୪


# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଜାନୁୟାରୀ ୧୫/୨୦୨୨ (୮+୪=୧୨ ପୃଷ୍ଠା) | Berhampur, Saturday, January 15/2022 | ପୃଷ୍ଠା-୧



**ସନ୍ତାନ ଚାହୁଁଛନ୍ତି ପ୍ରିୟଙ୍କା-ନିକ୍**
ନିକ୍ ଜୋନାସଙ୍କୁ ବିବାହ କରିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମାଆ ହେବାକୁ ଚାହୁଁଥିବା ଏକ ସାକ୍ଷାତକାରରେ କହିଛନ୍ତି। ୦୨

୦୪ **ଅଲ୍ଲୁଙ୍କ ଗେଟ୍‌ଅପ୍‌ରେ ଜାଡେଜା**
'ପୁଷ୍ପା' ଚଳଚ୍ଚିତ୍ରରେ ଅଲ୍ଲୁଙ୍କ ଗେଟ୍‌ଅପ୍ ସହ ତେଲଗୁରେ ଡାଏଲଗ୍ କହି ଫ୍ୟାନ୍‌ଙ୍କ ପ୍ରଶଂସା ସାଉଁଟୁଛନ୍ତି କ୍ରିକେଟର ରବୀନ୍ଦ୍ର ଜାଡେଜା।



# ଓସିଏସ୍ ମେନ୍ ସ୍ଥଗିତ ଦାବିକଲେ ପରୀକ୍ଷାର୍ଥୀ

**ଭୁବନେଶ୍ୱର, ୧୪।୧(ବ୍ୟୁରୋ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ମେନ୍ ପରୀକ୍ଷା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ରାଜ୍ୟର ୫ଟି ସହରରେ ମୋଟ ୪,୭୫୪ ଛାତ୍ରୀଛାତ୍ର ଅଫ୍‌ଲାଇନ୍‌ରେ ଏହି ପରୀକ୍ଷା ଦେବେ। ଫେବୃୟାରୀ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାକୁ ନେଇ ଏବେ ଚିନ୍ତାରେ ପରୀକ୍ଷାର୍ଥୀ। ରାଜ୍ୟରେ ସଂକ୍ରମଣ ହୁହୁ ହୋଇ ବଢ଼ୁଛି। ସବୁକ୍ଷେତ୍ରରେ କଟକଣା ବଢ଼ି ଚାଲିଛି। ଏପରି ସଂକଟଜନକ ସ୍ଥିତିରେ ଓସିଏସ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ନ କରିବାକୁ ସେମାନେ ଦାବି କରିଛନ୍ତି। ଏପରିକି ସୋସିଆଲ ମିଡିଆ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ଉଚ୍ଚ ଶିକ୍ଷା ବିଭାଗକୁ ଟ୍ୟାଗ୍ କରି ପରୀକ୍ଷାର୍ଥୀମାନେ ଟୁଇଟ୍ ମଧ୍ୟ କରିଛନ୍ତି। ଏଥିସହ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବହୁ ପରୀକ୍ଷାର୍ଥୀ ଓସିଏସ୍ ମେନ୍ ପରୀକ୍ଷାକୁ ସ୍ଥଗିତ ରଖିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପରୀକ୍ଷାର୍ଥୀ, ଯେଉଁମାନଙ୍କର ଭୁବନେଶ୍ୱରରେ ସେଣ୍ଟର ହୋଇଛି, ସେମାନେ ସାମିଲ ହୋଇ ସରକାରଙ୍କ ନିକଟରେ ଦାବି ରଖିଥିଲେ। 'ପରୀକ୍ଷାରେ ଜ୍ଞାନର ପରୀକ୍ଷା କରାଯାଏ, କିନ୍ତୁ ଆମ ଇମ୍ୟୁନିଟିର ନୁହେଁ' ବୋଲି ଆଶାୟୀମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ପରୀକ୍ଷାର୍ଥୀ ଭବାନୀ ପ୍ରସାଦ ନନ୍ଦ କହିଛନ୍ତି, ମୋ ଘର ଅନୁଗୋଳରେ। ପରୀକ୍ଷା ପାଇଁ ମୁଁ ଭୁବନେଶ୍ୱରରେ ଆସି ସମ୍ପର୍କୀୟଙ୍କ ଘରେ ରହିଛି। ମୋ ଭଳି ଅନେକ ପିଲା କେଉଁଠି ନା କେଉଁଠି ରହୁଛନ୍ତି। କିନ୍ତୁ ଯେଉଁମାନଙ୍କର ଏଠାରେ ରହିବାର ସୁବିଧା ନାହିଁ, ସେମାନେ ଏତେଦିନ ପରୀକ୍ଷା ଦେବା ପାଇଁ ହୋଟେଲରେ ବି ରହିପାରିବେ ନାହିଁ। ଏବେ ବି ବହୁ ପିଲା ସଂକ୍ରମିତ ହୋଇଛନ୍ତି। ଆଉ କିଛି ପିଲା ରାଜ୍ୟ ବାହାରେ ଅଛନ୍ତି। ସେମାନେ ଓଡ଼ିଶା ଆସିଲେ ଟେଷ୍ଟ କରିବେ। ଯଦି କାହାର ପଜିଟିଭ୍ ବାହାରେ, ତେବେ ସେମାନେ ପରୀକ୍ଷା ଦେବେ କିପରି। ସେହିଭଳି ଜାନୁୟାରୀ ଶେଷ ବେଳକୁ କରୋନାର ତୃତୀୟ ଲହର ପିକ୍‌ରେ ଥିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହୁଛନ୍ତି। ତେଣୁ ଏଭଳି ଏକ ବିପଦ ସମୟରେ ପରୀକ୍ଷା ହେବା ଉଚିତ ନୁହେଁ। ସରକାର ଏ ଦିଗକୁ ଗୁରୁତ୍ୱ ଦେଇ ପରୀକ୍ଷାକୁ ସ୍ଥଗିତ ରଖନ୍ତୁ ବୋଲି ଭବାନୀଙ୍କ ସମେତ ଅନ୍ୟ ବିକ୍ଷୋଭରତ ପରୀକ୍ଷାର୍ଥୀ ଦାବି କରିଛନ୍ତି।




ଓସିଏସ୍ ମେନ୍ ପରୀକ୍ଷା ସ୍ଥଗିତ ରଖିବାକୁ ଦାବି କରି ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସଂକ୍ରମଣ ହାର ୧୩.୫୭%କୁ ବୃଦ୍ଧି

- ଦିନକରେ ୧୦,୨୭୩ ପଜିଟିଭ୍ ଚିହ୍ନଟ
- ଆଉ ୫ ଜିଲା ୟେଲୋ ଜୋନ୍‌ରେ ସାମିଲ
- ୫୦ ହଜାର ଟପିଲା ସକ୍ରିୟ ରୋଗୀ ସଂଖ୍ୟା

**ଭୁବନେଶ୍ୱର, ୧୪।୧(ବ୍ୟୁରୋ)**



ରାଜ୍ୟରେ କ୍ରମାଗତ ଭାବେ ଦ୍ୱିତୀୟ ଦିନରେ ଦଶ ହଜାର ଉପରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ୭୫,୭୩୧ ନମୁନା ପରୀକ୍ଷା କରାଯାଇଥିବାବେଳେ ୩୦ ଜିଲାରୁ ମୋଟ ୧୦,୨୭୩ ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୧୩.୫୭%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩,୪୯୬ଜଣ ରହିଥିବାବେଳେ ସୁନ୍ଦରଗଡ଼ରୁ ୧,୦୪୯, କଟକ ୮୪୪, ସମ୍ବଲପୁର ୫୨୯, ବାଲେଶ୍ୱର ୪୫୭, ମୟୂରଭଞ୍ଜ ୩୪୦, ପୁରୀ ୨୯୬, କଳାହାଣ୍ଡି ୨୦୩, ଝାରସୁଗୁଡ଼ା ୨୦୨, ବଲାଙ୍ଗୀର ୧୯୧, କୋରାପୁଟ ୧୮୬, ରାୟଗଡ଼ା ୧୮୩, ଯାଜପୁର ୧୪୩, ସୋନପୁର ୧୩୨, ଜଗତ୍‌ସିଂହପୁର ୧୩୨, ନୟାଗଡ଼ ୧୨୧, ଗଜପତି ୧୨୬, କେନ୍ଦୁଝର ୧୧୪, ବରଗଡ଼ ୧୦୨ ଓ ଭଦ୍ରକରୁ ୧୦୨ଜଣ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୧,୧୧,୮୭୯କୁ ବୃଦ୍ଧି ପାଇଛି।

ସେହିଭଳି ରାଜ୍ୟରେ ଆଉ ୪ ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କ ମଧ୍ୟରେ ଜଣେ ୨୫ ବର୍ଷୀୟା ଯୁବତୀ ଥିବା ଜଣାପଡ଼ିଛି। ସେ ଜଗତ୍‌ସିଂହପୁରର ହୋଇଥିବାବେଳେ ଅନ୍ୟାନ୍ୟ ରୋଗରେ ମଧ୍ୟ ପୀଡ଼ିତ ଥିଲେ। ଅନ୍ୟ ୩ଜଣଙ୍କ ମଧ୍ୟରେ କଟକ, ଭଦ୍ରକ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୭୬ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ସକ୍ରିୟ ରୋଗୀ ସଂଖ୍ୟା ୫୦,୯୫୫କୁ ବୃଦ୍ଧି ପାଇଛି। କେବଳ ଖୋର୍ଦ୍ଧାରେ ୧୬,୯୨୮ଜଣ ସକ୍ରିୟ ରୋଗୀ ଥିବାବେଳେ ସୁନ୍ଦରଗଡ଼ରେ ୬,୪୩୦, ସମ୍ବଲପୁରରେ ୩,୭୬୧, କଟକରେ ୩,୭୫୩, ବାଲେଶ୍ୱର ୧,୬୮୭, ମୟୂରଭଞ୍ଜ ୧,୫୭୬, ପୁରୀ ୧,୩୨୨, ଝାରସୁଗୁଡ଼ାରେ ୧,୧୪୦, ବଲାଙ୍ଗୀରରେ ୧,୧୨୧, ଯାଜପୁରରେ ୧,୦୧୩ଜଣ ରହିଛନ୍ତି। ଫଳରେ ସକ୍ରିୟ ରୋଗୀ ସଂଖ୍ୟା ବଢ଼ିଯିବାରୁ ରାଜ୍ୟର ଆଉ ୫ ଜିଲା ୟେଲୋ ଜୋନ୍‌ରେ ସାମିଲ ହୋଇଛି। ଏବେ ୪ ଜିଲା ରେଡ୍ ଜୋନ୍‌ରେ ଥିବାବେଳେ ୟେଲୋ ଜୋନ୍ ଜିଲା ସଂଖ୍ୟା ୬ରେ ପହଞ୍ଚିଛି। ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼ ଓ ସମ୍ବଲପୁର ରେଡ୍ ଜୋନ୍‌ରେ ଏବଂ ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, ଯାଜପୁର, ବଲାଙ୍ଗୀର ଓ ଝାରସୁଗୁଡ଼ା ୟେଲୋ ଜୋନ୍‌ରେ ରହିଛି।

# ଭିମ୍‌ସାରରେ ଏମ୍‌ବିବିଏସ୍ ପରୀକ୍ଷା ସ୍ଥଗିତ

## ଡାକ୍ତର, ଛାତ୍ରୀଛାତ୍ର କରୋନା ସଂକ୍ରମିତ

**ସମ୍ବଲପୁର, ୧୪।୧(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରରେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ପରୀକ୍ଷା ସ୍ଥଗିତ ରଖାଯାଇଛି। ଭିମ୍‌ସାର କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶନାମା ଜାରି କରିଥିବା ଏସ୍‌ୟୁ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଭିମ୍‌ସାରରେ ଡାକ୍ତର, ନର୍ସ ଓ ଏମ୍‌ବିବିଏସ୍ ଛାତ୍ରୀଛାତ୍ର କୋଭିଡ୍ ସଂକ୍ରମିତ ହୋଇଛନ୍ତି। କେତେଜଣ ଛାତ୍ରୀଛାତ୍ର ହୋମ୍ ଆଇସୋଲେଶନରେ ରହିଛନ୍ତି। ଛାତ୍ରୀଛାତ୍ରଙ୍କ ଅନୁରୋଧକ୍ରମେ ଏମ୍‌ବିବିଏସ୍ ପରୀକ୍ଷାକୁ ୧୫ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ଯଦି ପରିସ୍ଥିତି ନିୟନ୍ତ୍ରଣ ହୋଇଯିବ ତା'ହେଲେ ପରୀକ୍ଷା କରାଯିବ। ଅନ୍ୟପଟେ ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଛି। ଗତ ୫ଦିନର ରିପୋର୍ଟ ଦେଖିଲେ ୯ ତାରିଖରେ ୬୪୪, ୧୦ରେ ୬୦୯, ୧୧ରେ ୫୯୬, ୧୨ରେ ୫୭୦, ୧୩ରେ ୫୨୯ଜଣ ସଂକ୍ରମିତ ହୋଇଥିବା ଜିଲା ପ୍ରଶାସନ ଶୁକ୍ରବାର ସୂଚନା ଦେଇଛି। ଜିଲାରେ ଆର୍‌ଟିପିସିଆର୍ ପରୀକ୍ଷା କେନ୍ଦ୍ରର ୫ରୁ ଊର୍ଦ୍ଧ୍ୱ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ତେଣୁ ଆର୍‌ଟିପିସିଆର୍ ଟେଷ୍ଟ ହ୍ରାସ ପାଇଛି। ଏହାସହ କେତେକ କେନ୍ଦ୍ରରେ ଆଣ୍ଟିଜେନ କିଟ୍‌ର ଅଭାବ ଥିବା ଅଭିଯୋଗ ହେଉଛି। ଏ ନେଇ ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଲାଲ୍ ମୋହନ ନାଏକ କହିଛନ୍ତି, ଆର୍‌ଟିପିସିଆର୍ ଟେଷ୍ଟକୁ ଗୁରୁତ୍ୱ ଦିଆଯାଇଥାଏ। ହେଲେ ପରୀକ୍ଷା କରିବାରେ ସାମାନ୍ୟ ସମସ୍ୟା ହୋଇଛି। ଆଣ୍ଟିଜେନ୍ କିଟ୍‌ର ସେଭଳି ଅଭାବ ନାହିଁ।

# 'ଜରୁରୀ ନ ଥିଲେ ହସ୍ପିଟାଲ ଆସନ୍ତୁ ନାହିଁ'

**ଭୁବନେଶ୍ୱର, ୧୪।୧(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ହସ୍ପିଟାଲରେ ସଂକ୍ରମଣ ବ୍ୟାପିବାରେ ଲାଗିଛି। ବହୁ ଡାକ୍ତର, ନର୍ସ ଓ କର୍ମଚାରୀ ସଂକ୍ରମିତ ହେଉଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ହସ୍ପିଟାଲରେ ସବୁବେଳେ ଅଧିକ ଗହଳି ହୁଏ। ଏଠାରେ ସଂକ୍ରମଣର ଅଧିକ ଆଶଙ୍କା ରହିଛି। ତେଣୁ ଅତି ଦରକାର ନ ଥିଲେ ରୋଗୀମାନେ ହସ୍ପିଟାଲକୁ ବାରମ୍ବାର ଆସନ୍ତୁ ନାହିଁ। ଯେଉଁମାନଙ୍କର ସାଧାରଣ ରୋଗ ରହିଛି, ସେମାନଙ୍କ ଲାଗି ଟେଲିମେଡିସିନ ସେବା ଆରମ୍ଭ ହୋଇଛି। ସେଠି ଯୋଗାଯୋଗ କରି ସେମାନେ ଔଷଧ ନେଇପାରିବେ। ଏମିତିକି ଓପିଡିର ଆଟେଣ୍ଡାନ୍ସ କମାଇବାକୁ ବି କୁହାଯାଇଛି। ହସ୍ପିଟାଲରେ ମାଇନର ସର୍ଜରୀ ନୁହେଁ, ଏବେ କେବଳ ଜରୁରିକାଳୀନ ସର୍ଜରୀକୁ ପ୍ରାଥମିକତା ଦିଆଯିବ। ରାଜ୍ୟରେ ଯେଭଳି ସଂକ୍ରମଣ ନ ବଢ଼ିବ, ସେଥିଲାଗି ଏଭଳି କଟକଣା ଲଗାଯାଇଛି। ସବୁଦିଗକୁ ଧ୍ୟାନରେ ରଖି ସରକାର ଉଚିତ ପଦକ୍ଷେପ ନେଉଛନ୍ତି। ଗତବର୍ଷ ପଜିଟିଭ ହାର ଓ ଏ ବର୍ଷର ହାର ଦେଖିଲେ ଜାଣିପାରିବେ କେତେ ହସ୍ପିଟାଲାଇଜେଶନ ଆବଶ୍ୟକ ହେଉଛି? ହସ୍ପିଟାଲ କ୍ଷେତ୍ରରେ ରାଜ୍ୟ ଭଲ ସ୍ଥିତିରେ ଅଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ବିଜେଡିରେ ପ୍ରାର୍ଥୀ ଚୟନ ଚିନ୍ତା




## ଫସଲ ଉଜାଡୁଛି ଅଦିନିଆ ବର୍ଷା

# ୨୧ରୁ ପଶ୍ଚିମ ଓଡ଼ିଶାରେ କୁଆପଥର ବର୍ଷା

**ଭୁବନେଶ୍ୱର, ୧୪।୧(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ପରିବେଶକୁ ପ୍ରଭାବିତ କରିବାରେ ଲାଗିଛି। ଆବଶ୍ୟକ ସମୟରେ ସ୍ୱଳ୍ପବୃଷ୍ଟି ଚିନ୍ତା ବଢ଼ାଉଥିବାବେଳେ ଅନାବଶ୍ୟକ ସମୟରେ ଅତ୍ୟଧିକ ବର୍ଷା ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି। ଦକ୍ଷିଣ ପଶ୍ଚିମ ମୌସୁମୀର ଅସ୍ୱାଭାବିକତା ଯୋଗୁ ମଧ୍ୟ ଚାଷକାର୍ଯ୍ୟ ପ୍ରଭାବିତ ହେଉଛି। ଜୁନ୍‌ରୁ ସେପ୍ଟେମ୍ବର ଯାଏ ଆଶାନୁରୂପ ମୌସୁମୀ ବର୍ଷା ହେଉନାହିଁ। ଚଳିତ ବର୍ଷ ଅଗଷ୍ଟରେ ୫୦% କମ୍ ବୃଷ୍ଟିପାତ ଯୋଗୁ ରାଜ୍ୟରେ ଧାନ ଫସଲ ସାଂଘାତିକ ପ୍ରଭାବିତ ହୋଇଥିଲା। ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରୁ ମୌସୁମୀ ବିଦାୟ ନେଇଥିଲେ ମଧ୍ୟ ରାଜ୍ୟରେ ନିୟମିତ ବ୍ୟବଧାନରେ ବର୍ଷା ଲାଗିରହିଛି। ଏଥିଯୋଗୁ ପରିବାଠାରୁ ଆରମ୍ଭ କରି ଡାଲିଜାତୀୟ ଫସଲ ନଷ୍ଟ ହେଉଛି। ଜାନୁୟାରୀ ୧୧ରେ ହୋଇଥିବା କୁଆପଥରଜନିତ ବର୍ଷା ଯୋଗୁ ବ୍ୟାପକ ଚାଷ ନଷ୍ଟ ହୋଇଛି। ଏହାର କ୍ଷତି ଭରଣା ହୋଇ ନ ଥିବା ବେଳେ ପୁଣି ଆଉ ଏକ ବର୍ଷା ବିପଦ ମାଡ଼ି ଆସିଲାଣି। ରାଜ୍ୟକୁ ବାରମ୍ବାର ପଶ୍ଚିମାବାୟୁ ପ୍ରବାହ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ୨୧ରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ଏବଂ ୨୩ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୧୬ ତାରିଖରୁ ରାଜ୍ୟରେ ଶୀତ ସାମାନ୍ୟ ବଢ଼ିବ। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ତଳକୁ ଖସିବ। ୧୯ ତାରିଖ ପରେ ପୁଣି ପାରଦ ଉପରମୁହାଁ ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର ଏବଂ ନୂଆପଡ଼ା ଜିଲାର କେତେକ ସ୍ଥାନରେ ହାଲୁକା କୁହୁଡି ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଦାରିଙ୍ଗବାଡ଼ିରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୧ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ଋଷି ସୁନକ୍ ହୋଇପାରନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ

**ଲଣ୍ଡନ, ୧୪।୧(ପି.ଟି.)**



ଋଷି ସୁନକ



ବୋରିସ ଜନ୍‌ସନ

ବ୍ରିଟେନରେ କୋଭିଡ୍ ସଂକ୍ରମଣ ରୋକିବା ଲାଗି ୨୦୨୦ରେ ପ୍ରଥମ ଲକ୍‌ଡାଉନ ବେଳେ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଏକ ଗାର୍ଡେନ ପାର୍ଟିରେ ଯୋଗଦେଇ ବିବାଦ ଘେରକୁ ଆସିଛନ୍ତି। ଉକ୍ତ ପାର୍ଟିରେ ମଦ ଆସର ଚାଲିଥିଲା। ଏହି ଘଟଣା ପଦାକୁ ଆସିବା ପରେ ବିରୋଧୀଙ୍କ ସମେତ ବୋରିସ୍‌ଙ୍କ ନିଜ ଦଳ କଞ୍ଜରଭେଟିଭ୍ ପାର୍ଟିର ଅଧିକାଂଶ ସଦସ୍ୟ ଏବେ ତାଙ୍କର ଇସ୍ତଫା ଦାବି କରିଛନ୍ତି। ଯଦି ବୋରିସ ଇସ୍ତଫା ଦିଅନ୍ତି ତେବେ ପ୍ରଧାନମନ୍ତ୍ରୀ ଦୌଡ଼ରେ ଭାରତୀୟ ବଂଶୋଦ୍ଭବ ଅର୍ଥମନ୍ତ୍ରୀ ଋଷି ସୁନକ ଆଗରେ ରହିଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ୫୭ ବର୍ଷୀୟ ବୋରିସ୍ ଖୁବ୍‌ଶୀଘ୍ର ଇସ୍ତଫା ଦେବେ ବୋଲି ବ୍ରିଟେନର ଜଣେ ବୁକି ବେଟଫେୟାର କହିଛନ୍ତି। ଡାଉନିଂ ଷ୍ଟ୍ରିଟ୍‌ରେ ପାର୍ଟି ଆୟୋଜନ ପାଇଁ ବୋରିସ୍ ବୁଧବାର ହାଉସ୍ ଅଫ୍ କମନ୍ସରେ କ୍ଷମା ମାଗିଥିଲେ। ସେତେବେଳେ ଋଷି ଗୃହରେ ନ ଥିବା ଦେଖାଯାଇଥିଲା। ସେ ବୋରିସ୍‌ଙ୍କଠାରୁ ଦୂରେଇ ଯାଇଥିବା ଚର୍ଚ୍ଚା ହେଉଥିବାବେଳେ ୪୧ ବର୍ଷୀୟ ଋଷି ଏହାକୁ ଖଣ୍ଡନ କରିଛନ୍ତି। ତେବେ ଟୋରି ପାର୍ଟି ର୍‍ୟାଙ୍କରେ ଭିତିରି ବିବାଦ ଲାଗି ରହିଥିବା ଜଣାପଡ଼ିଛି।

ବ୍ରିଟେନ୍‌ରେ ଜନ୍ମିତ ଋଷିଙ୍କ ମାଆବାପା ଭାରତୀୟ। ଯଶବୀର ଏବଂ ଉଷା ସୁନକ ପଞ୍ଜାବୀ ହିନ୍ଦୁ। ଋଷି ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ଝିଅ ଅକ୍ଷତା ମୂର୍ତ୍ତିଙ୍କୁ ବିବାହ କରିଛନ୍ତି ଓ ସେମାନଙ୍କର କ୍ରିଷ୍ଣା ଓ ଅନୁଷ୍କା ନାମରେ ଦୁଇ ଝିଅ ଅଛନ୍ତି। ଋଷି ନିଜ ମାଆଙ୍କ ଔଷଧ ଦୋକାନରେ କାମ କରି ବଡ଼ ବ୍ୟବସାୟ କରିବାର ଅଭିଜ୍ଞତା ହାସଲ କରିଥିଲେ। ୧ ବିଲିୟନ ପାଉଣ୍ଡ ଅନ୍ତର୍ଜାତୀୟ ପୁଞ୍ଜିନିବେଶ କମ୍ପାନୀର ସେ ସହପ୍ରତିଷ୍ଠାତା ଅଛନ୍ତି। ରାଜନୀତିରେ ପ୍ରବେଶ ପୂର୍ବରୁ ସେ ବିଭିନ୍ନ ବ୍ରିଟିଶ ବ୍ୟବସାୟରେ ପୁଞ୍ଜିନିବେଶ କରିଥିଲେ। ୟର୍କସାୟାରର ରିଚ୍‌ମଣ୍ଡରୁ ୨୦୧୫ରେ ଋଷି ପ୍ରଥମେ ବ୍ରିଟେନ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ୟୁରୋପୀୟ ୟୁନିୟନ ଛାଡ଼ିବା ଲାଗି ବୋରିସ୍‌ଙ୍କ ରଣନୀତିକୁ ସେ ସମର୍ଥନ କରିଥିଲେ। ୨୦୨୦ ଫେବୃୟାରୀରୁ ଋଷି ବ୍ରିଟେନର ଅର୍ଥମନ୍ତ୍ରୀ ରହିଛନ୍ତି। ଟୋରି ପାର୍ଟିରେ ହେଉଥିବା ଭିତିର ଚର୍ଚ୍ଚା ଏବଂ ବୁକିଙ୍କ ବେଟିଂ ଯଦି ସତ ହୁଏ, ତେବେ ଋଷି ବ୍ରିଟେନର ପ୍ରଥମ ଭାରତୀୟ ବଂଶୋଦ୍ଭବ ପ୍ରଧାନମନ୍ତ୍ରୀ ଭାବେ ଇତିହାସ ରଚିବେ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଏନ୍ଆଇଟିରୁ କ୍ୟାମ୍ପସ ଚୟନ

ଭୁବନେଶ୍ୱର,୧୪।୧: ରାଜ୍ୟ ଏକ ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ନାଳନ୍ଦା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନ୍ଆଇଟି)ରେ କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଚୟନ ପ୍ରକ୍ରିୟାରେ ଅନ୍ତର୍ଜାତୀୟ ସ୍ତରର କମ୍ପାନୀ ସିସ୍ ଫାୟାର ପକ୍ଷରୁ କ୍ୟାମ୍ପସ ଚୟନ କରାଯାଇଥିଲା। ଉକ୍ତ କମ୍ପାନୀର ସେଲ୍ସ ଏବଂ ଇନ୍ଭେନଶନର ସଭାପତି ଦିଲୀପ ଭନୀଙ୍କ ନେତୃତ୍ୱରେ ୨ଦିନିଆ କ୍ୟାମ୍ପସ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚୟନ ପ୍ରକ୍ରିୟାରେ ନାଳନ୍ଦାର ମେକାନିକାଲ, ଇଲେକ୍ଟ୍ରିକାଲ ଏବଂ ସିଭିଲ ବିଭାଗର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। କମ୍ପାନୀର ସଭାପତି ଛାତ୍ରମାନଙ୍କୁ ସିସ୍ ଫାୟାର ଟେକ୍ନୋଲଜି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ ଏବଂ ସିସ୍ ଫାୟାରର ନୂଆ ଅତ୍ୟାଧୁନିକ ଟେକ୍ନୋଲଜିକୁ କିପରି ଆଗକୁ ନେଇ ହେବ ତାହା ସେ ତାଙ୍କ ବକ୍ତବ୍ୟ ମାଧମରେ ଜଣାଇଥିଲେ। ଉକ୍ତ ଚୟନ ପ୍ରକ୍ରିୟାରେ କମ୍ପାନୀ ୫ ଶ୍ରେଷ୍ଠ ଛାତ୍ରଙ୍କୁ କ୍ୟାମ୍ପସ ଚୟନ କରିଥିଲା। ଏହି ନୂଆ ଟେକ୍ନୋଲୋଜିକୁ ଛାତ୍ରୀଛାତ୍ରମାନେ ଆପଣେଇଥିବାରୁ ଏହା ସେମାନଙ୍କ ପାଇଁ ଉଚିତ ପରିଶ୍ରମର ଫଳ ବୋଲି ଭନୀ କହିଥିଲେ। ଏହି ଅବସରରେ ନାଳନ୍ଦାର ଅଧକ୍ଷ ଡ.ଏନ୍.ଏସ୍.କେ. ରାୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ରାୟ କହିଥିଲେ, ଏଭଳି ଏକ ଘଡ଼ିସନ୍ଧି ସମୟରେ ବି କମ୍ପାନୀଗୁଡିକ ଚୟନ ପ୍ରକ୍ରିୟାକୁ ଆସିବା ଓ ଯୋଗ୍ୟ ପିଲାଙ୍କୁ ଚୟନ କରିଥିବାରୁ ମୁଁ କମ୍ପାନୀକୁ ଧନ୍ୟବାଦ ଦେଉଛି।

### ହାୟରର ନୂତନ ଉତ୍ପାଦ ଏମ୍ଓର ବଜାର ପ୍ରବେଶ

ଭୁବନେଶ୍ୱର,୧୪।୧: ଦେଶର ପ୍ରମୁଖ ହୋମ୍ ଆପ୍ଲାଆନ୍ସେସ୍ ଓ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ହାୟର ପକ୍ଷରୁ ଏହାର ନୂତନ କନ୍ଭେକ୍ସନ ମାଇକ୍ରୋୱେଭ୍ ଓଭନ୍ (ଏମ୍ଓ)ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଯାହାକୁ ସ୍ୱତନ୍ତ୍ର ରୂପେ ଏକ କମ୍ପାକ୍ଟ ଓ ଭର୍ସାଟାଇଲ ଡିଜାଇନରେ ଆଧୁନିକ ଭାରତୀୟ ରୋଷେଇଘରଗୁଡିକ ପାଇଁ ନିର୍ମାଣ କରାଯାଇଛି। ଟେକ୍ନୋଲୋଜି ଓ ସୌନ୍ଦର୍ଯ୍ୟତାର ଏକ ଉପଯୁକ୍ତ ସମ୍ମିଶ୍ରଣ ରହିଛି। ଏହି ମାଇକ୍ରୋୱେଭ୍ ଓଭନ୍ ଏକ ସମ୍ପୂର୍ଣ୍ଣ ବ୍ଲାକ୍ ଫିନିଶ୍ ବଡି ଓ ଡିଜିଟାଲ ଡିସ୍ପ୍ଲେରେ ଏକ ଲାଲ୍ ରଙ୍ଗର ହ୍ୟାଣ୍ଡେଲ ସହ ଆସୁଛି।

# ୮ ଯାତ୍ରୀ ବିଶିଷ୍ଟ ଯାନରେ ୬ ଏୟାରବ୍ୟାଗ୍

ନୂଆଦିଲ୍ଲୀ,୧୪।୧

ଦେଶର ସମସ୍ତ କାର୍ ନିର୍ମାତା ସେମାନଙ୍କ ଯାନରେ ସର୍ବନିମ୍ନ ୬ଟି ଏୟାରବ୍ୟାଗ୍ ଯୋଗାଇବାକୁ ବାଧ୍ୟତାମୂଳକ ବୋଲି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଫଳରେ ଯେଉଁ କାର୍ଗୁଡିକ ୮ ଯାତ୍ରୀଙ୍କୁ ନେବା ଆଣିବା କରୁଛି ବିଶେଷ କରି ସେହି ଯାନରେ ଏହି ସୁବିଧା ଉପଲବ୍ଧ କରାଇବା ପାଇଁ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଶୁକ୍ରବାର ଟୁଇଟ ଜରିଆରେ ସୂଚନା ଦେଇଛନ୍ତି। ସେହିଭଳି ମନ୍ତ୍ରୀ ଆଉ ଏକ ଟୁଇଟ୍ କରି କହିଛନ୍ତି, ୨୦୧୯ ଜୁଲାଇ ୧ ଠାରୁ ଡ୍ରାଇଭର ସିଟ୍ ଏୟାରବ୍ୟାଗ୍ ସହ ଯାତ୍ରୀ ଏୟାରବ୍ୟାଗ୍ ନିୟମକୁ ୨୦୨୨ ଜାନୁୟାରୀ ୧ ରୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଏ ନେଇ ଗଡକରୀ କହିଛନ୍ତି, ୮ ଜଣ ଯାତ୍ରୀ ପରିବହନ କରୁଥିବା ମୋଟର ଯାନରେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସେ ସର୍ବନିମ୍ନ ୬ ଏୟାରବ୍ୟାଗ୍କୁ ବାଧ୍ୟତାମୂଳକ କରିବା ପାଇଁ ଏକ ଡ୍ରାଫ୍ଟ ଜିଏସ୍ଆର୍ ବିଜ୍ଞପ୍ତିକୁ ଅନୁମୋଦନ କରିଛନ୍ତି। ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଜିଏସ୍ଆର୍ ଏଠାରେ କାର୍ଯ୍ୟ କରୁଛି ବୋଲି ଗଡକରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି , ଯାନର ଉଭୟ ଆଗ ଏବଂ ପଛରେ ବସିଥିବା ଯାତ୍ରୀଙ୍କ ସୁରକ୍ଷା ପାଇଁ ଫ୍ରଣ୍ଟାଲ୍ ଏବଂ ଲାଟେରାଲ୍ ଧକ୍କାର ପ୍ରଭାବକୁ କମ୍ କରିବା ସହ ଏମ୍-୧ ଗାଡ଼ି ବର୍ଗରେ ୪ ଟି ଅତିରିକ୍ତ ଏୟାରବ୍ୟାଗ୍ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅର୍ଥାତ୍ ଦୁଇଟି ପାର୍ଶ୍ୱ-ପାର୍ଶ୍ୱ ଟର୍ସ ଏୟାରବ୍ୟାଗ୍ ଏବଂ ଦୁଇଟି ପାର୍ଶ୍ୱ ପରଦା-ଟ୍ୟୁବ୍ ଏୟାରବ୍ୟାଗ୍ ସମସ୍ତ ବାହ୍ୟ ଯାତ୍ରୀଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଭାରତରେ ମୋଟର ଯାନ ନିୟମକୁ ପୂର୍ବ ଅପେକ୍ଷା ଅଧିକ କଡାକଡି କରିବା ସହ ଯାତ୍ରୀଙ୍କୁ ସୁରକ୍ଷା ପ୍ରଦାନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ସରକାରୀ ତଥ୍ୟ



ଅନୁଯାୟୀ, ୨୦୨୦ରେ ଏକ୍ସପ୍ରେସ ୱେ ସମେତ ଜାତୀୟ ରାଜପଥ (ଏନ୍ଏଚ୍) ଗୁଡିକରେ ମୋଟ ୧,୧୬,୪୯୬ ସଡ଼କ ଦୁର୍ଘଟଣା ଘଟି ୪୭,୯୮୪ ଜଣଙ୍କର ମୃତ୍ୟୁ ଘଟିଛି। ଗତବର୍ଷ ଗଡକରୀ ଏକ ସାକ୍ଷାତ୍କାରରେ କହିଥିଲେ, ଛୋଟ କାରଗୁଡିକ, ମୁଖ୍ୟତଃ ନିମ୍ନ ମଧ୍ୟବିତ୍ତ ବ୍ୟକ୍ତିଙ୍କ ଦ୍ୱାରା କିଣାଯାଇଥାଏ। ସେଗୁଡିକରେ ପର୍ଯ୍ୟାପ୍ତ ସଂଖ୍ୟକ ଏୟାରବ୍ୟାଗ୍ ରହିବା ଉଚିତ ଏବଂ ଅଟୋ ନିର୍ମାତାମାନେ କେବଳ

#### କେନ୍ଦ୍ର ଆଣୁଛି ନୂଆ ଯୋଜନା

ଧନୀ ବ୍ୟକ୍ତିଙ୍କ ଦ୍ୱାରା କିଣାଯାଇଥିବା ବଡ କାରରେ କାହିଁକି ୮ଟି ଏୟାରବ୍ୟାଗ ଯୋଗାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଅଟୋମୋବାଇଲ ଶିଳ୍ପର ପୃଷ୍ଠଭୂମି ବିରୋଧରେ ତାଙ୍କ ମନ୍ତବ୍ୟ ଆସିଛି ଯେ ଅଧିକ ଟିକସ ଏବଂ ଯାନବାହନ ପାଇଁ ଅଧିକ ନିରାପତ୍ତା ଏବଂ ନିର୍ଗମନ ନିୟମ ସେମାନଙ୍କ ଉତ୍ପାଦକୁ ମହଙ୍ଗା କରିଦେଇଛି। ପ୍ରାୟତଃ ନିମ୍ନ ମଧ୍ୟବିତ୍ତ ଲୋକମାନେ ଛୋଟ ଇକୋନୋମି କାର୍ କିଣନ୍ତି ଏବଂ ଯଦି ସେମାନଙ୍କ କାରରେ ଏୟାରବ୍ୟାଗ ନ ଥାଏ ଏବଂ ଯେତେବେଳେ ଦୁର୍ଘଟଣା ଘଟେ, ତେବେ ଏହା ମୃତ୍ୟୁର କାରଣ ହୋଇପାରେ। ତେଣୁ ସମସ୍ତ କାର ନିର୍ମାତାଙ୍କୁ ସର୍ବନିମ୍ନ ୬ଟି ଏୟାରବ୍ୟାଗ୍ ଯୋଗାଇବାକୁ ସେ କହିଛନ୍ତି।


BIRTHDAY WISH
Many many happy returns of the day!
ALKA (ROMI)
Blessing to you, wish to Priya, Mishu, Micky
From: Bayani Khandan, Dady, Mumy, Papa, Mama, Sambit, Soni, Papu, Sasmita.
From Rabi Narayan Tripathy, Bhubaneswar
D-22812


ଜନ୍ମଦିନର ଶୁଭେଚ୍ଛା
ମାମୁନି ଦଳେଇ (ମାମୁନି)
ଚିନ୍ତାମଣିଶ୍ୱର କେନାଲ୍‌ରୋଡ
୧୮ତମ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ।
ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ।
ଶୁଭେଚ୍ଛା ସହ: ଆଶୁ, କେଜେମା, ବାବା, ବୋଉ, ଦାଦା, ଖୁଡୀ, ଶିବୁ, ସୋନୁ ଓ ପରିବାରବର୍ଗ ।
D-22855

### ବ୍ରେଥ୍‌ୱେଟ୍‌କୁ ପ୍ରଥମ ଶ୍ରେଣୀ ମିନି ରତ୍ନ ମାନ୍ୟତା




କୋଲକାତା,୧୪।୧

କେନ୍ଦ୍ର ସରକାରଙ୍କ ଅଧୀନରେ ରହିଥିବା ବ୍ରେଥ୍‌ୱେଟ ଆଣ୍ଡ କୋ ଲିମିଟେଡ୍‌କୁ ଏହାର ଉତ୍କର୍ଷ ଓ ବ୍ୟବସାୟିକ ଅଭିବୃଦ୍ଧି ଆଧାରରେ ରେଳ ମନ୍ତ୍ରଣାଳୟ ଏକ ବିରଳ ସ୍ୱୀକୃତି ପ୍ରଦାନ କରିଛି। କମ୍ପାନୀର କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଇ ରେଳ ମନ୍ତ୍ରଣାଳୟ ୨୦୨୨ଜାନୁୟାରୀ ୧୧ରେ ବ୍ରାଥ୍‌ୱେଟ୍ ଆଣ୍ଡ କୋ. ଲିମିଟେଡ୍‌କୁ ମିନିରତ୍ନର ପ୍ରଥମ ଶ୍ରେଣୀର ମାନ୍ୟତା ପ୍ରଦାନ କରାଯାଇଛି। ୧୯୧୩ରେ କୋଲକାତାଠାରେ ବ୍ରାଥ୍‌ୱେଟ୍ ପ୍ରତିଷ୍ଠିତ ହୋଇଥିଲା। ଏହାର କିଛି ବର୍ଷ ପରେ ୧୯୭୬ରେ ଏହାକୁ ଜାତୀୟକରଣ କରାଯାଇ ଏକ ସମ୍ପୂର୍ଣ୍ଣ ମାଲିକାନା ଭାରତ ସରକାରଙ୍କ ଅଧୀନରେ ରଖାଯାଇଛି। ବର୍ତ୍ତମାନ ଏହା ରେଳ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣରେ ରହିଛି। ଏହାର ଉତ୍ପାଦ ପରିସର ରେଳ ରୋଲିଂ ଷ୍ଟକ୍ ଉତ୍ପାଦନ, ପୁରୁଣା ରୋଲିଂ ଷ୍ଟକ୍‌ର ମରାମତି/ ରେଟ୍ରୋ ଫିଟ୍‌ମେଣ୍ଟ, ୱାଗନ୍‌ର ସବ୍ ଆସେମ୍ବ୍ଲି ଉପାଦାନ, ରେଳ କର୍ମଶାଳାର ଓ ଆଣ୍ଡ ଏମ୍, ଷ୍ଟ୍ରକ୍ଚରାଲ ଷ୍ଟିଲ୍ ବ୍ରିଜ୍ ଏବଂ ସିଭିଲ ଜବ୍ ଆଦି ଅନ୍ତର୍ଭୁକ୍ତ ରହିଛି। ୨୦୨୧-୨୨ ଆର୍ଥିକ ବର୍ଷର ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ଏହାର ଲାଭ, ସମାନ ଭାବେ ଉଲ୍ଲେଖ କରାଯାଇଛି। ବ୍ରାଥ୍‌ୱେଟ୍ ୪୮୮.୪୧ କୋଟି ଟଙ୍କା କାରବାର ହାସଲ କରିଛି ଏବଂ ୨୦୨୧-୨୨ ଆର୍ଥିକ ବର୍ଷ ଶେଷ ସୁଦ୍ଧା କମ୍ପାନୀ ୭୦୦ କୋଟି ଟଙ୍କାର କାରବାର କରିବାକୁ ଚେଷ୍ଟା କରିବ ବୋଲି ଜଣାପଡ଼ିଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ କମ୍ପାନୀ କାରବାରରେ ୧୫% ଅଭିବୃଦ୍ଧି କରିଥିବା ସୂଚନା ମିଳିଛି। ମହାମାରୀ ପ୍ରଭାବରେ ମଧ୍ୟ କମ୍ପାନୀ କାରବାର ଧାରା ବଜାୟ ରଖିଛି।

### ରିଲାଏନ୍ସ ଜୁଏଲ୍ସରେ 'ଉତ୍ସବ ସୁନେହେରେ ପଲୋଁକା'

ଭୁବନେଶ୍ୱର,୧୪।୧

ଭାରତର ସବୁଠାରୁ ବିଶ୍ୱସନୀୟ ଜୁଏଲେରି ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଡାଏମଣ୍ଡ ନେକ୍‌ଲେସ୍ ସେଟର ଆକର୍ଷଣୀୟ ଡିଜାଇନ ପାର୍ବଣ ଅବସରରେ ପ୍ରସ୍ତୁତ କରାଯାଇଛି। ଏହାର ଥିମ୍ ରହିଛି 'ଉତ୍ସବ ସୁନେହେରେ ପଲୋଁକା', ରିଲାଏନ୍ସ ଜୁଏଲ୍ସ ଡାଇମଣ୍ଡ ଇୟରିଂ ଓ ରିଙ୍ଗ୍‌ର ଏକ ଲାଇନକୁ ଉପସ୍ଥାପନ କରୁଛି ଯାହାକି ସୂର୍ଯ୍ୟକିରଣ ଦ୍ୱାରା ଅନୁପ୍ରେରିତ। ଚଳିତ ପାର୍ବଣଋତୁରେ ରିଲାଏନ୍ସ ଜୁଏଲ୍ସ ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ଡିଜାଇନ ନେଇ ଆସିଛି ଯାହାକି ଆଶା ଓ ଉତ୍ସାହକୁ ପୁନର୍ଜୀବିତ କରିଥାଏ। ଏହି ଡାଇମଣ୍ଡର ପ୍ରତିଟି ପିସ୍‌କୁ ଅତ୍ୟନ୍ତ ଯତ୍ନ ସହକାରେ ଡିଜାଇନ କରାଯାଇଛି। ଏହି ନୂତନ ଡାଇମଣ୍ଡ ଇୟରିଂ ଓ ରିଙ୍ଗ୍‌ର ନୂତନ କଲେକ୍ସନର ଶୁଭାରମ୍ଭ ସହିତ ରିଲାଏନ୍ସ ଜୁଏଲ୍ସ ଏକ ସ୍ୱତନ୍ତ୍ର ଅଫରର ଘୋଷଣା



କରିଛନ୍ତି ଯାହାର ନାମ ହେଉଛି 'ଡ୍ରିମ୍ ଡାଏମଣ୍ଡ ସେଲ୍'। ଏହା ୧୪ ଫେବୃୟାରୀ ପର୍ଯ୍ୟନ୍ତ ଉପଲବ୍ଧ ରହିବ ଯେଉଁଥିରେ ରିଲାଏନ୍ସ ଜୁଏଲ୍ସରେ ଡାଏମଣ୍ଡ ଉତ୍ପାଦର ଇନ୍‌ଭଏସ୍ ମୂଲ୍ୟ ଉପରେ ୨୫% ଛାଡ଼ର ବ୍ୟବସ୍ଥା ରହିଛି। ଗ୍ରାହକମାନେ ମଧ୍ୟ ସୁନାଗହଣାର ଗଢ଼ା ମଜୁରି ଉପରେ ୨୫% ଛାଡ଼ ପାଇପାରିବେ। ଏହି ଆକର୍ଷଣୀୟ କଲେକ୍ସନ ରିଲାଏନ୍ସ ଜୁଏଲ୍ସର ଫ୍ଲାଗ୍‌ଶିପ୍ ଶୋ'ରୁମ୍‌ରେ ସାରା ଦେଶରେ ସ୍ୱତନ୍ତ୍ର ଭାବରେ ଉପଲବ୍ଧ ହେବ ଓ ଏହାର ବିସ୍ତୃତ ସମ୍ଭାରଗୁଡ଼ିକ ରିଲାଏନ୍ସ ଜୁଏଲ୍ସର ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ହୋଇପାରିବ। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ନୂତନ ବର୍ଷର ଆରମ୍ଭ ସହିତ ଆମେ ଆମର ମୂଲ୍ୟବାନ୍ ଗ୍ରାହକମାନଙ୍କ ପାଇଁ ଏହି ନୂତନ ଚମକଦାର, ଆକର୍ଷଣୀୟ କଲେକ୍ସନର ସମ୍ଭାର ନେଇ ଆସିଛୁ।

### ଆଇସିଆଇସିଆଇ ପ୍ରୁଆଇପ୍ରୋଟେକ୍ଟ ରିଟର୍ନ ପ୍ରିମିୟମର ଶୁଭାରମ୍ଭ

ଭୁବନେଶ୍ୱର,୧୪।୧

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଏକ ଅଭିନବ ଟର୍ମ ଇନ୍ସ୍ୟୁରାନ୍ସ ପ୍ରଡକ୍ଟ 'ଆଇସିଆଇସିଆଇ ପ୍ରୁଆଇପ୍ରୋଟେକ୍ଟ ରିଟର୍ନ ଅଫ୍ ପ୍ରିମିୟମ'ର ଶୁଭାରମ୍ଭ କରାଯାଇଛି। ଏହା ଜୀବିତାବସ୍ଥାରେ ପୈଠ କରାଯାଇଥିବା ସମସ୍ତ ପ୍ରିମିୟମର ୧୦୫% ରିଟର୍ନ ପ୍ରଦାନ କରୁଛି। ଏହାବ୍ୟତୀତ ଏହି ଉତ୍ପାଦ ୬୪ ଗୁରୁତର ଅସୁସ୍ଥତା କ୍ଷେତ୍ରରେ କଭରେଜ ମଧ୍ୟ ଦେଉଛି, ଯାହାକି ହେଉଛି ଶିଳ୍ପରେ ସର୍ବୋଚ୍ଚ। ଏହା ଦୁଇଟି ଭାରିଆଣ୍ଟ- ଲାଇଫ୍ ଷ୍ଟେଜ୍ କଭର ଓ ଲେଭେଲ କଭର ପ୍ରଦାନ କରୁଛି। ଲାଇଫ୍ ଷ୍ଟେଜ୍ କଭର ହେଉଛି ଏକ ଅଭିନବ ଫିଚର ଯାହା ଗ୍ରାହକଙ୍କ ଜୀବନ ଉପରେ ଆଧାରକରି ସୁନିଶ୍ଚିତ ରାଶି କିମ୍ବା ଲାଇଫ୍ କଭରକୁ ସ୍ୱୟଂଚାଳିତ ଭାବେ ଆଡ୍‌ଜଷ୍ଟ କରିଥାଏ ବୋଲି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସ୍ୟୁରାନ୍ସର ଚିଫ୍ ଡିଷ୍ଟ୍ରିବ୍ୟୁଶନ ଅଫିସର ଅମିତ୍ ପାଲ୍‌ଟା କହିଛନ୍ତି।

ଫୁର୍‌ସତ୍

# ଦେଶ ସୁରକ୍ଷାରେ ସେନା

**ଦେଶର** ସୁରକ୍ଷାରେ ଭାରତୀୟ ସେନାଙ୍କ ବଳିଦାନକୁ କେହି କେବେ ଭୁଲିପାରିବେ ନାହିଁ। ଫିଲ୍ଡ ମାର୍ଶଲ କୋଡାଣ୍ଡେରା ଏମ୍ କାରିଆପ୍ପା ଶେଷ ବ୍ରିଟିଶ କମାଣ୍ଡର ଜେନେରାଲ ଫ୍ରାନ୍ସିସ ବୁଚର୍ଙ୍କଠାରୁ ୧୯୪୯ ଜାନୁୟାରୀ ୧୫ରେ ଭାରତୀୟ ସେନାର ପ୍ରଥମ କମାଣ୍ଡର-ଇନ୍-ଚିଫ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାକୁ ସ୍ମରଣ କରି ପ୍ରତିବର୍ଷ ଜାନୁୟାରୀ ୧୫ରେ ଭାରତୀୟ ସେନା ଦିବସ ପାଳନ କରାଯାଇଥାଏ। ଦେଶ ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ଯବାନଙ୍କ ବୀରତ୍ୱକୁ ମନେ ପକାଇବା ଏବଂ ସେମାନଙ୍କୁ ସମ୍ମାନ ଜଣାଇବା ପାଇଁ ସେନା ଦିବସ ପାଳନ ଏକ



ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମଗ୍ର ଦେଶରେ ଉତ୍ସବ ପାଳନ କରାଯାଉଥିବାବେଳେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟର କାରିଆପ୍ପା ଗ୍ରାଉଣ୍ଡରେ

#### ଭାରତୀୟ ସେନା ଦିବସ

ସେନା ଦିବସ ପରେଡ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ଗାଲାଣ୍ଟ୍ରି ପୁରସ୍କାର ଏବଂ ସେନା ପଦକ ମଧ୍ୟ ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ସେନା ଦିବସ ପରେଡରେ ପରମ ବୀର ଚକ୍ର ଏବଂ ଅଶୋକ ଚକ୍ର ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନେ ଅଂଶଗ୍ରହଣ କରନ୍ତି।

### ବିଶ୍ୱର ବଡ଼ ତାଲା



**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଅଲିଗଡ଼ର ଏକ ବୃଦ୍ଧ ଦମ୍ପତି ଦମ୍ପତି ୪୦୦ କିଲୋ ଓଜନର ତାଲା ତିଆରି କରିଛନ୍ତି। ଯାହା ଦୁନିଆର ସବୁଠୁ ବଡ଼ ତାଲା ବୋଲି କୁହାଯାଉଛି। ଅଲିଗଡ଼ର ରାଜକୀୟ ଉଦ୍ୟୋଗିକ ଏବଂ କୃଷି ପ୍ରଦର୍ଶନୀରେ ଏହାକୁ ରଖାଯାଇଛି। ବୃଦ୍ଧ ଦମ୍ପତି ଉକ୍ତ ତାଲାକୁ ଅଯୋଧ୍ୟା ରାମମନ୍ଦିର ପାଇଁ ଦେବାକୁ ଚାହାନ୍ତି ବୋଲି କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

HINDUSTAN FINANCE LIMITED
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ସନ୍ତାନ ଚାହୁଁଛନ୍ତି ପ୍ରିୟଙ୍କା-ନିକ୍

**ମୁମ୍ବାଇ:** ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା-ନିକ୍ ଜୋନାସ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରୁହନ୍ତି। ଦୁହେଁ ୨୦୧୮ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ନୂଆ ନୂଆ ଫଟୋ, ଭିଡିଓ ଶେୟାର କରି ସେମାନେ ଫ୍ୟାନ୍ସଙ୍କୁ ବାନ୍ଧି ରଖିଥାନ୍ତି। ନିକଟରେ ମାତୃତ୍ୱ ଗ୍ରହଣ କରିବା ବିଷୟରେ ପ୍ରିୟଙ୍କା ଏକ ସାକ୍ଷାତକାରରେ କହିଛନ୍ତି। ଯେତେବେଳେ ଭଗବାନ ଚାହିଁବେ ତେବେ ଏହା ସମ୍ଭବ ହୋଇପାରିବ। ଆମେ ଆମ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଚାହୁଁଛୁ। ପୂର୍ବରୁ ଛାଡପତ୍ରକୁ ନେଇ ଦୁହିଁଙ୍କ ମଧ୍ୟରେ ଗୁଜବ ପ୍ରକାଶ ପାଇଥିଲା। ପ୍ରିୟଙ୍କା ତାଙ୍କ ଇନଷ୍ଟାଗ୍ରାମରୁ 'ଜୋନାସ'କୁ ହଟାଇବା ପରେ ଚାରିଆଡେ ତାଙ୍କ ସଂପର୍କକୁ ନେଇ ଗୁଜବ ପ୍ରଚାର ହୋଇଥିଲା। ଏହାକୁ ପ୍ରିୟଙ୍କାଙ୍କ ମାଆ ସେତେବେଳେ ଖଣ୍ଡନ କରିଥିଲେ।




## ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ସ୍ୱ ହରିଶ ଚନ୍ଦ୍ର ମହାନ୍ତି
ମଲ୍ଲିକାଶପୁର, ବାଲେଶ୍ୱର
ଆବିର୍ଭାବ- ୨୦।୧୧।୧୯୩୫
ତିରୋଧାନ- ୦୫।୦୧।୨୦୨୨
ତୁମେ ଥିଲ ଆମ ପାଇଁ ବିଶେଷ ଆକର୍ଷଣ, ବିଶ୍ୱାସ ଆସୁନାହିଁ ତୁମ ତିରୋଧାନ, ଝୁରିବୁ ତୁମକୁ ସୁଖରେ ଦୁଃଖରେ, ଆଶିଷ ଝରାଇବ ସ୍ୱର୍ଗରୁ ଆମ ଉପରେ।
ତୁମର ହତଭାଗ୍ୟ
ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଅଣନାତି।
ଧ-୨୨୮୫୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ଲାବନ୍ୟ ସାହୁ
ତମଣା, ବଣିଆସାହି, ଭୁବନେଶ୍ୱର
ଆବିର୍ଭାବ- ୧।୧।୧୯୪୮
ତିରୋଧାନ- ୫।୧।୨୦୨୨
ମାଆ, ତୁମର ସମସ୍ତଙ୍କ ପ୍ରତି ଥିବା ଅନାବିଳ ସ୍ନେହ, ଭଲପାଇବା, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିଯିବ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ କୋଟି ପ୍ରାର୍ଥନା କରୁ କି ପ୍ରଭୁ ତୁମ ଆତ୍ମାକୁ ଶାନ୍ତି ଓ ମୁକ୍ତି ପ୍ରଦାନ କରନ୍ତୁ ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୫୯୫୪୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ କୁମର ବିଶ୍ୱାଳ
(ମହେଶଡ଼ିହି, ସୁନ୍ଦରଗଡ଼)
ଆବିର୍ଭାବ- ୦୨।୦୩।୧୯୪୪
ତିରୋଧାନ- ୨୬।୦୧।୨୦୨୧
ମଙ୍ଗଳବାର
ତୁମର ମୃତ୍ୟୁ ଦିବସ ଆମ ପାଇଁ ଦୁଃଖଦ ଓ ଅବସାଦମୟ । ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସୁରେନ୍, ସୁଶା, ସୁମ, ସମୀର, ଧଡ଼ିଆ, ବିକ୍ରମ, ରମେଶ, ଭାରତୀ, ଆରତୀ, ମେଘା, ଜୟ, ଟିସୁ, ସୋମୁ, ଲିକୁ, ଲିପା, ପାପୁନି, ଓମ୍, ଲିଟିଲ୍ ଏବଂ ଲେଣ୍ଡୋ ଗ୍ରାମର ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୨୮୫୬

ତୃତୀୟ ଶ୍ରାଦ୍ଧବାର୍ଷିକ

ସ୍ୱ ରମାମଣି ରଥ
ପ୍ଲଟ୍ ନଂ. ୪୭, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର
ଆବିର୍ଭାବ-30.7.1944
ତିରୋଧାନ- ଜାନୁୟାରୀ - 2019
ବୋଉ, ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ପୁତ୍ର- ଜୟନ୍ତ, ପ୍ରଶାନ୍ତ; ଝିଅଜ୍ୱାଇଁ, ନାତିନାତୁଣୀ, ପୁଅବୋହୂ ।
ଧ-୨୨୮୫୩

ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ସୁଷମା ଦାସ
ଆବିର୍ଭାବ- ୧୪।୦୮।୧୯୫୦
ତିରୋଧାନ- ୦୬।୦୧।୨୦୨୨
ଝାଡ଼େଶ୍ୱରୀ କ୍ଲବ ଲେନ୍, କୁର୍କ ରୋଡ୍, ପୁରୀ
"ତୁମେ ଜାଲିଗଲ ଅଫେରା ବାଟରେ ଆଚମ୍ବିତ କରିଦେଇ, କାଳର କରାଳ ଛାୟାରେ ହଜିଲ ମାୟା ସଂସାରୁ ଦୂରେଇ, ଅଶ୍ରୁସିକ୍ତ ନେତ୍ରେ ଦେଉ ଶ୍ରଦ୍ଧାଞ୍ଜଳି, ସାଦରରେ ଆଜି ଘେନ, ଶାନ୍ତି ଲଭ ତୁମେ ଜଗନ୍ନାଥ ପାଶେ, ଏତିକି ହିଁ ନିବେଦନ ।"
ତୁମର ସ୍ୱାମୀ- ଶ୍ରୀ ସୁଧୀର କୁମାର ଦାସ, ପୁତ୍ର- ଆଲୋକ, ଅମ୍ରିତ, ପୁତ୍ରବଧୂ- ଅପର୍ଣ୍ଣା, ନାତି- ଅର୍ଚ୍ଚିଷ୍ମାନ ଏବଂ ଶୋକସନ୍ତପ୍ତ ବନ୍ଧୁ ଓ ପିରବାରବର୍ଗ ।
ଧ-୭୭୬୪୧

## ସଂକ୍ଷେପରେ

### ସୀତା ପାହାଡ଼ରେ ଜମିଲାନି ଭିଡ଼

ପାରଳାଖେମୁଣ୍ଡି,୧୪ା୧(ଡି.ଏନ୍.ଏ.)- ଗଜପତି ଜିଲାର ପ୍ରଖ୍ୟାତ ସୀତା ପାହାଡ଼ରେ ମକର ପର୍ବ ବା ମକର ମେଳା ଏକ ମୁଖ୍ୟ ଉତ୍ସବ। ତେଲୁଗୁ ସମ୍ପ୍ରଦାୟର ମକର ସଂକ୍ରାନ୍ତି ତିନିଦିନ ଧରି ପାଳନ ହେବାକୁ ଥିବାବେଳେ ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ ଏହା ଫିକା ପଡ଼ିଛି। ଶୁକ୍ରବାରଠାରୁ ଭୋଗି ନିଆଁରୁ ଆରମ୍ଭ ହୋଇଛି ଏହି ପର୍ବ। ପ୍ରତ୍ୟେକ ବର୍ଷ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନାଚ ଗୀତର ଆସର ମଧ୍ୟରେ ଏହି ପର୍ବ ପାଳିତ ହୁଏ। ଚଳିତ ବର୍ଷ ୯ଟା ପରଠାରୁ କର୍ଫ୍ୟୁ ଜାରି ହୋଇଥିବା ହେତୁ ସନ୍ଧ୍ୟାରେ ଭୋଗି ନିଆଁ ଲଗାଇ ଏହି ପର୍ବର ଶୁଭାରମ୍ଭ କରିଛନ୍ତି। ମକର ପର୍ବର ହୋମ ଓ ପୂଜାପାଠରେ ଯୋଗ ଦେଇଥିବା ମହେନ୍ଦ୍ରାଶ୍ରମର ଲକ୍ଷ୍ମୀବାବା, ପୂଜକ ପାର୍ବତୀ ମାଁ ଓ ରବି, ସୀତା ପାହାଡ଼ ଉନ୍ନୟନ କମିଟିର ସଭାପତି ପ୍ରଫୁଲ୍ଲ ପ୍ରସାଦ ପାତ୍ର, ସମ୍ପାଦକ ଲକ୍ଷ୍ମୀ ନାରାୟଣ ପାତ୍ର କହିଛନ୍ତି ପୂଜା ରୀତିନୀତି ଅନୁଯାୟୀ ହୋମ ପୂଜାପାଠ ଆରମ୍ଭ ହୋଇଛି।

### ୨୭ କେଜି ଗଞ୍ଜେଇ ଜବତ, ୨ ଗିରଫ

ଆସିକା,୧୪ା୧(ଡି.ଏନ.ଏ)- ଆସିକା ଏନ୍ଏସିର ପାକଲାପଲ୍ଲୀ ଛକ ନିକଟରୁ ଶୁକ୍ରବାର ଭୋର୍‌ରେ ପୋଲିସ ଗୋଟିଏ ଗଞ୍ଜେଇ ବସ୍ତା ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାରର ଭିତହା ଥାନା ଇଲାକାର ରାମାୟଣ ଯାଦବ ଓ ଧାନାହା ଥାନା ଇଲାକାର ଝିନୁ ଚୌଧୁରୀ। ଅଭିଯୁକ୍ତଙ୍କ ନିକଟରୁ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କ ଉପସ୍ଥିତିରେ ପୋଲିସ ୨୭ କେଜି ୮ଶହ ଓଜନର ଗଞ୍ଜେଇ ଜବତ କରିଛି। ଏ ନେଇ ଆସିକା ଥାନାରେ ନଂ.୨୨/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗଞ୍ଜେଇ ସବୁ କନ୍ଧମାଳରୁ ଆସିଥିଲା ଏବଂ ଅଭିଯୁକ୍ତମାନେ ବିହାର ନେବା ଲାଗି ଚକରରେ ଥିଲେ। ଭୋରରୁ ପୋଲିସର ପାଟ୍ରୋଲିଂ ବେଳେ ଧରାପଡ଼ିଥିଲେ।

### କାର୍ତ୍ତିକଢିରେ ଖୋଲିଲା ଧାନମଣ୍ଡି

ଗଞ୍ଜାମ,୧୪ା୧(ଡି.ଏନ.ଏ.) ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର କାର୍ତ୍ତିକଢି ଗ୍ରାମରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଡି.ନିରଞ୍ଜନ ରେଡ୍ଡୀ ଏହାର ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସେବା ସମିତିର ସମ୍ପାଦକ ଧର୍ମେନ୍ଦ୍ର ଦାସ, ସମିତି ସଭ୍ୟ କୈଳାସ ଚନ୍ଦ୍ର ସ୍ୱାଇଁ, ସଭାପତି ଡିଲୁ ରେଡ୍ଡୀ, ଡି.ନରହରି ରେଡ୍ଡୀ, ଡି.ରାମସ୍ୱାମୀ ରେଡ୍ଡୀ, କେ.ହାଡୁ ପାତ୍ର, ଅଶୋକ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ଯଦୁମଣି ଜେନା ପ୍ରମୁଖଙ୍କ ସହ ପଞ୍ଚାୟତର ପାଞ୍ଚ ଖଣ୍ଡ ଗ୍ରାମର ସମସ୍ତ କମିଟି ମେମ୍ବର ଉପସ୍ଥିତ ଥିଲେ।

### ଏନ୍ଏସ୍ଏସ୍ ଶୀତ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୪ା୧: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ୭ ତାରିଖରୁ ଆରମ୍ଭ ହୋଇଥିବା ଶୀତ ଶିବିର ଗୁରୁବାର ଭର୍ଚ୍ଚୁଆଲରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ ମହାନ୍ତି ଯୋଗ ଦେଇଥିଲେ। ଏନ୍ଏସ୍ଏସ୍ ସଂଯୋଜକ ଡ.ଧ୍ରୁବ ଚରଣ ପଣ୍ଡାଙ୍କ ସମେତ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ଇତିଶ୍ରୀ ଗୀତା କୁମାରୀ, ଡ.ସମୀର ଭୋଇ ଓ ଡ.ଶକ୍ତି ରଞ୍ଜନ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ୩ ୟୁନିଟର ୭୫ ସ୍ୱେଚ୍ଛାସେବୀଙ୍କ ସମେତ କିଛି ଗ୍ରାମବାସୀ ଭର୍ଚ୍ଚୁଆଲ ମାଧମରେ ଯୋଡ଼ି ହୋଇଥିଲେ। ସମସ୍ତ ସ୍ୱେଚ୍ଛାସେବୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଅଭିଯୋଗ ପରେ ତିଆରି ହେଲା ରାସ୍ତା

ଶେରଗଡ଼,୧୪ା୧(ଡି.ଏନ୍.ଏ.): ଶେରଗଡ ତିନି ଛକରୁ ବଡ଼ଗଡ଼ ପର୍ଯ୍ୟନ୍ତ ଲମ୍ବିଛି ପୂର୍ତ୍ତ ବିଭାଗର ରାସ୍ତା। ଏହି ରାସ୍ତା ୬ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏଥିପାଇଁ କେତେ ବଡ଼ ବଡ଼ ଗଛ କଟାଯାଇଥିଲା। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରାୟ ୩୦କିମି ରାସ୍ତାରେ ବନ ବିଭାଗ ଗଛ ଲଗାଇଥିଲା। ରାସ୍ତା ସମ୍ପ୍ରସାରଣ ନାଁରେ ପୂର୍ତ୍ତ ବିଭାଗ ତାକୁ କାଟି ଦେଲା। ସେହି ଦିନଠାରୁ ରାସ୍ତା ଖାଲଖମା ହୋଇଥିଲା। ବିଶେଷ କରି ଶେରଗଡ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟଠାରୁ ହରିକୃଷ୍ଣପୁର ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତା ଖାଲଖମା ହୋଇଥିଲା। ଦୀର୍ଘ ୩ ବର୍ଷ ହେବ ରାସ୍ତା ନିର୍ମାଣ ହେଉ ନ ଥିଲା। ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ ପରେ ସେହି ରାସ୍ତା ତିଆରି କାମ ଆରମ୍ଭ ହୋଇଛି।

# ଗଞ୍ଜାମ ଜିଲା ଗ୍ରାମାଞ୍ଚଳ ରାଜନୀତି ଚଳଚଞ୍ଚଳ

## ଜିଲା ପରିଷଦ ନିର୍ବାଚନକୁ ସବୁ ଦଳର ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୧୪ା୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଗଞ୍ଜାମ ଜିଲା ଗ୍ରାମାଞ୍ଚଳ ରାଜନୀତି ଚଳଚଞ୍ଚଳ ହୋଇଛି। ୧୩ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆଦୌ ପଞ୍ଚାୟତ ନ ଥିବା ବ୍ରହ୍ମପୁରକୁ ବାଦ୍ ଦେଲେ ଆଉ ୧୨ଟିରେ ପଞ୍ଚାୟତ ସଂଖ୍ୟା ୫୦୩। ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ହିଞ୍ଜିଳିରେ ଦଳର ଅନ୍ୟ ନେତା ଭୋଟ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଅନ୍ୟ ନିର୍ବାଚନମଣ୍ଡଳୀରେ ବିଧାୟିକା ଓ ବିଧାୟକ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ପ୍ରାର୍ଥୀ ଚୟନ ଦାୟିତ୍ୱ ନେଇଛନ୍ତି। ଅପରପକ୍ଷରେ ଗୁରୁତ୍ୱପୂର୍ଣ୍ଣ ଜିଲା ପରିଷଦ ଜୋନ୍‌ଗୁଡ଼ିକର ସଂଶୋଧିତ ସଂରକ୍ଷଣ ଚିଠା ତାଲିକା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି। ସମୁଦାୟ ୬୯ ଜୋନ୍‌ରୁ ମହିଳାଙ୍କ ନିମନ୍ତେ ୩୫ ଜୋନ୍ ସଂରକ୍ଷିତ ରଖାଯାଇଛି।

ଜିଲା ପରିଷଦ ନିର୍ବାଚନ ଦଳୀୟ ଚିହ୍ନରେ ହେଉଥିବାରୁ ଏହାର ପ୍ରାର୍ଥୀ ମନୋନୀତ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ବାମପନ୍ଥୀ ପକ୍ଷରୁ କେତେକ ଜୋନରେ ପ୍ରାର୍ଥୀ ଦେବା ସମ୍ଭାବନା ରହିଛି। ଏହି ନିର୍ବାଚନରେ ପଛୁଆ ବର୍ଗ ସଂରକ୍ଷଣ ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇଥିବାରୁ ସେହି ବର୍ଗର ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସେମାନେ ଅଣସଂରକ୍ଷିତ ଜୋନ୍‌ରେ ପ୍ରାର୍ଥୀ ହେବାର ବାଟ ଫିଟିଛି। ବିଜେଡିରୁ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ଓ ଜିଲା ପରିଷଦ ପ୍ରାର୍ଥୀ ହେବାକୁ ସବୁଠି ଆଶାୟୀଙ୍କ ସଂଖ୍ୟା ଅଧିକ ଥିବା ପ୍ରାକ୍ ଅନୁଧାନରୁ ସୂଚନା ମିଳିଛି। ତେଣୁ ବିଧାୟକ ଓ ଏମ୍‌ପିଙ୍କ ଘର ଆଗରେ ଗହଳି ହେଉଥିବା ଦେଖିବାକୁ ମିଳିଛି।

ଭାଜପାର ଦୁଇ ସାଙ୍ଗଠନିକ ଜିଲା ଘୁମୁସର ଓ ଗଞ୍ଜାମର ଦଳୀୟ କାର୍ଯ୍ୟାଳୟରେ ଆଶାୟୀମାନେ ଲମ୍ବା ଧାଡ଼ି ଲଗାଇଛନ୍ତି। ଜିଲା କଂଗ୍ରେସ ପକ୍ଷରୁ ସମସ୍ତ ଜିଲା ପରିଷଦ ଜୋନ୍‌ରେ ପ୍ରାର୍ଥୀ ଦିଆଯିବା ନିଷ୍ପତ୍ତି ହୋଇଥିବା କୁହାଯାଇଛି। ବିଜେଡି ଓ ଭାଜପାକୁ ଟକ୍କର ଦେବା ଭଳି ପ୍ରାର୍ଥୀ ଖୋଜା ଚାଲିଛି। ଆସନ୍ତା ୧୬ ତାରିଖ ସୁଦ୍ଧା ଉପରୋକ୍ତ ୩ ଦଳର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି। ୧୭ ତାରିଖରେ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ତେଣୁ ରାଜନୈତିକ ତତ୍ପରତା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୧୭ ନିର୍ବାଚନରେ ୬୯ ଜିଲା ପରିଷଦ ଜୋନ୍‌ରୁ ସର୍ବାଧିକ ୬୪ ଆସନରେ ଶାସକ ବିଜେଡି ପ୍ରାର୍ଥୀମାନେ ନିର୍ବାଚିତ ହୋଇଥିଲେ। ଚଳିତ ନିର୍ବାଚନରେ ମଧ୍ୟ ପୂର୍ବସ୍ଥିତି ବଜାୟ ରଖିବାକୁ ନେତାମାନେ ଆଶା ପ୍ରକଟ କରିଛନ୍ତି। ଗତ ନିର୍ବାଚନରେ ଭାଜପାରୁ ୪ ଜଣ ଜିଲା ପରିଷଦକୁ ନିର୍ବାଚିତ ହୋଇଥିବା ବେଳେ ଗଞ୍ଜାମ ବ୍ଲକରୁ ଜଣେ ମହିଳା ରଶ୍ମିରାଣୀ ମହାପାତ୍ର ଥିଲେ। କଂଗ୍ରେସରୁ କୁକୁଡ଼ାଖଣ୍ଡି ବ୍ଲକରୁ ମାତ୍ର ଜଣେ ବୃନ୍ଦାବନ ଖଟେଇ ଜିତିଥିବାରୁ ଲଜ୍ଜାଜନକ ହୋଇଥିଲା। ତେବେ ଗତଥରର ପାଗ ବଦଳିଛି ଏବଂ ୩ ପ୍ରମୁଖ ଦଳ ମଧ୍ୟରେ ମୁକାବିଲା ହେବାର ସମ୍ଭାବନା ରହିଛି।

## ନିରାଡମ୍ବରରେ ପାଳିତ ହେଲା ପୋଙ୍ଗଲ

ବ୍ରହ୍ମପୁର ଅଫିସ୍,୧୪ା୧


କାଠରେ ନିଆଁ ଲଗାଇ ଭୋଗି ଉତ୍ସବ ପାଳନ କରୁଛନ୍ତି।

କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ସହରରେ ମକର ସଂକ୍ରାନ୍ତି ଓ ତେଲୁଗୁ ସମ୍ପ୍ରଦାୟଙ୍କ ପକ୍ଷରୁ ପୋଙ୍ଗଲ ପର୍ବ ନିରାଡମ୍ବରରେ ପାଳିତ ହୋଇଯାଇଛି। ପ୍ରତି ବର୍ଷ ବ୍ରହ୍ମପୁର ସହରରେ ରହୁଥିବା ବହୁ ତେଲୁଗୁ ସମ୍ପ୍ରଦାୟ ମହାଆଡମ୍ବର ସହକାରେ ୩ ଦିନ ଧରି ପୋଙ୍ଗଲ ପର୍ବ ପାଳନ କରିଥାନ୍ତି। କିନ୍ତୁ ଚଳିତ ଥର କଟକଣାରୁ ନିଜ ଘରେ ହିଁ ପୋଙ୍ଗଲକୁ ଆନନ୍ଦ ଉଲାସ ସହକାରେ ପାଳନ କରିଛନ୍ତି। ଗୁରୁବାର ରାତ୍ରି ଓ ଶୁକ୍ରବାର ପୂର୍ବାହ୍ନରୁ ନିଜ ଘର ପାଖରେ କାଠ ଲଗାଇ ଭୋଗୀ ଉତ୍ସବ ପାଳନ କରିଥିଲେ। ଏଥିସହ ନୂଆ ବସ୍ତ୍ର ପରିଧାନ କରି ସେହି ନିଆଁରେ କନ୍ଦମୂଳ ପୋଡି ଖାଇଥିଲେ। ଏହାପରେ ଝିଅମାନେ କୃଷ୍ଣ ମୂର୍ତ୍ତି ରଖି ଭୋଗୀଲୁ ଖେଳି ଗୀତ ଗାଇଥିଲେ। ଏଥିସହ ନିଜ ନିଜ ସମ୍ପର୍କୀୟଙ୍କ ମଧ୍ୟରେ ପିଠା ପଣା ଓ ମିଠା ବଣ୍ଟନ କରି ଖୁସି ମନାଇଥିଲେ। ଶନିବାର ପାଣ୍ଡୁକୁ ପାଳନ କରିବେ ଓ ଶେଷ ଦିନ ଅର୍ଥାତ ରବିବାର ଦିନ କନୁମା ପାଳନ କରିବେ।

## ଗଞ୍ଜାମରେ ୬୧୮ ସକ୍ରିୟ କରୋନା ଆକ୍ରାନ୍ତ

ଛତ୍ରପୁର,୧୪ା୧(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଆଉ ୫୫ ଜଣ କରୋନାରେ ସଂକ୍ରମିତ ହୋଇଥିବା ଶୁକ୍ରବାର ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୬୧୮ରେ ପହଞ୍ଚିଛି। ଅପରପକ୍ଷରେ ୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ୨୫୬୧ ଜଣଙ୍କ କରୋନା ଟେଷ୍ଟ ହୋଇଛି। ୧୫ ,୯୨୯ ଜଣଙ୍କୁ କରୋନା ଟିକା ଦିଆଯାଇଛି। କୋଭିଡ୍ ସହାୟତା ଲାଗି ୦୬୮୦ ୨୨୨୭୦୦୦କୁ ଫୋନ୍ କରିବାକୁ ପରାମର୍ଶ ଦିଆଯାଇଛି। ମାସ୍କ, ସାନିଟାଇଜର ବ୍ୟବହାର ସହ ସାମାଜିକ ଦୂରତା ରକ୍ଷା ଓ କୋଭିଡ୍ ନିୟମ ପାଳନ କରି ନିଜ ସହ ନିଜର ପରିବାରକୁ ସୁରକ୍ଷିତ ରଖିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିବେଦନ କରିଛନ୍ତି। ଜିଲାରେ ଟେଲି ମେଡିସିନ୍ ବ୍ୟବସ୍ଥା ହୋଇଛି। ହୋମ ଆଇସୋଲେଶନ, କରୋନା ଲକ୍ଷଣ ଆଦି ସମ୍ପର୍କରେ ଏମକେସିଜି ମେଡିକାଲ କଲେଜ ହସ୍ପିଟାଲ ଓ ସିଟି ହସ୍ପିଟାଲର ବିଶେଷଜ୍ଞମାନଙ୍କୁ ଫୋନ୍ କରି ପରାମର୍ଶ ନେଇପାରିବେ ବୋଲି କୁହାଯାଇଛି।

## ଅଦିନିଆ ବର୍ଷାରେ ଫସଲ ନଷ୍ଟ, ଚିନ୍ତାରେ ଚାଷୀ


ନଷ୍ଟ ହୋଇଥିବା ପନିପରିବା ଫସଲ।

ଜଗନ୍ନାଥପ୍ରସାଦ,୧୪ା୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡରେ ପୁଣି ଚଡ଼କ ପକାଇଛି। କେଉଁଠି କଟାଧାନ ବିଲ ହିଡ଼ରେ ଓଦା ହୋଇ ପଡ଼ି ରହିଛି ତ ଆଉ କେଉଁଠି ପରିବା ଫସଲ ପାଣିରେ ଠିଆ ହୋଇଛି। ବର୍ତ୍ତମାନ କ୍ଷେତରେ ମୁଗ, ବାଟୁଳା ଚଣା ସହ ପନିପରିବା ବଜାରରେ ପ୍ରବେଶ କରିବା ଆରମ୍ଭ ହେଉଥିବା ବେଳେ ଚାଷୀଙ୍କ ଭାଗ୍ୟରେ ପୁଣି ଥରେ ଲଘୁଚାପଜନିତ ବର୍ଷା ଚିନ୍ତାରେ ପକାଇଛି। ବିଶେଷକରି ଜଗନ୍ନାଥପ୍ରସାଦ ବ୍ଲକର ଟିକିଲି, ଚାରିକୋଣିଆ, ପାଲପଡା, ଜିରାବାଡି, ଚଢ଼ିଆପଲ୍ଲୀ, କୁଶାପଲ୍ଲୀ, ବନ୍ତା ଗ୍ରାମ ଭଳି ଅନେକ ଜାଗାରେ ଅଦିନିଆ ବର୍ଷାରେ ଫସଲ ନଷ୍ଟ ହୋଇଛି। ତେବେ ବିଭାଗୀୟ ପ୍ରଶାସନିକ ଅଧିକାରୀ ଚାଷୀଙ୍କ ନିକଟରେ ପହଞ୍ଚି ଚାଷୀର କ୍ଷୟକ୍ଷତିକୁ ଆକଳନ କରି ସରକାରଙ୍କୁ ଜଣାଇ କିଛି ସହଯୋଗର ହାତ ବଢ଼ାଇବାକୁ ଚାଷୀମାନେ ନିବେଦନ କରିଛନ୍ତି।

## ଖଲ୍ଲିକୋଟ ବିଜେଡିରେ ଗୋଷ୍ଠୀ କନ୍ଦଳ

### ବିଧାୟିକାଙ୍କ ବିରୋଧୀ ଗୋଷ୍ଠୀଙ୍କ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ

ଖଲ୍ଲିକୋଟ,୧୪ା୧(ଡି.ଏନ.ଏ.)


ବିଜେଡିର ଦଳୀୟ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରାଯାଉଛି।

ଖଲ୍ଲିକୋଟ ଟାଉନରେ ବିଧାୟିକାଙ୍କ ବିରୋଧୀ ଗୋଷ୍ଠୀ ବିଜେଡିର ନୂତନ କାର୍ଯ୍ୟାଳୟ ଖୋଲି ପ୍ରତ୍ୟେକ ପଞ୍ଚାୟତରେ ପ୍ରାର୍ଥୀ ଦେବା ପାଇଁ ନିଷ୍ପତ୍ତି ନେଇଛି। ସ୍ଥାନୀୟ ବ୍ଲକ ଅଧକ୍ଷ ପଦ ହାତେଇବା ପାଇଁ ଜୋରଦାର ଲାଗିପଡ଼ିଛନ୍ତି। ଅନ୍ୟପଟେ ପ୍ରତ୍ୟେକ ପଞ୍ଚାୟତରେ ବିଧାୟିକା ପ୍ରାର୍ଥୀ ଦେଉଛନ୍ତି। ବିଜେଡିର ଏହି ଗୋଷ୍ଠୀ କନ୍ଦଳକୁ ଦେଖି ଭାଜପା ଫାଇଦା ପାଇବା ପାଇଁ ଗୋଟି ଚାଳନା କରୁଛି। କିନ୍ତୁ କଂଗ୍ରେସର ପ୍ରାର୍ଥୀ ଖୋଜା ଚାଲିଛି। ବିଜେଡିର ବରିଷ୍ଠ ନେତ୍ରୀ ତଥା ଖଲ୍ଲିକୋଟ ରାଣୀ ଓ ପୂର୍ବତନ ବିଧାୟିକା ଭି.ସୁଜ୍ଞାନ ଦେଓଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ କରୁଥିବା ଉଭୟ ଗୋଷ୍ଠୀ ପ୍ରକାଶ କରୁଛନ୍ତି। ଶୁକ୍ରବାର ଅସନ୍ତୁଷ୍ଟ ଗୋଷ୍ଠୀ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ପଥରା ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ସକଳେଶ୍ୱର ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ ହୋଇଥିଲା। ଖଲ୍ଲିକୋଟ ବ୍ଲକ ପଥରା ସରପଞ୍ଚ ପ୍ରାର୍ଥିନୀ ରୂପେ ପିଙ୍କି ବେହେରା, ସମିତିସଭ୍ୟ ରୂପେ ଝରଣା ଦାସ ଓ କେଶପୁର ସରପଞ୍ଚ ବିଚିତ୍ର ଜାଲି, ସମିତିସଭ୍ୟ ହୁଲୁ ପରିଡ଼ାଙ୍କୁ ପ୍ରାର୍ଥୀ ରୂପେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାନପୁର ସରପଞ୍ଚ ମନୋଜ ପ୍ରଧାନ, ସଞ୍ଜୟ ସେଠୀ, ସୁରେନ୍ଦ୍ର ପ୍ରଧାନ, ନିରଞ୍ଜନ ନାୟକଙ୍କ ସମେତ ବହୁ ପୂର୍ବତନ ଜନପ୍ରତିନିଧି ଉପସ୍ଥିତ ଥିଲେ। ଖଲ୍ଲିକୋଟ ରାଣୀ ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନେବେ ତାହାକୁ ବିଧାୟିକା ବିରୋଧୀ ଗୋଷ୍ଠୀ ମାନିବେ ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ନାଏକ ପ୍ରକାଶ କରିଛନ୍ତି।

### ରାମନଗରରେ ବୋମାମାଡ ଘଟଣା

## ମିଳୁନି ସୁରାକ, ଚିନ୍ତାରେ ପୋଲିସ

ବ୍ରହ୍ମପୁର ଅଫିସ,୧୪ା୧

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗର ଦ୍ୱିତୀୟ ଲାଇନରେ ହୋଇଥିବା ବୋମାମାଡ ଘଟଣାରେ ଅଦ୍ୟାବଧି ପୋଲିସକୁ ସଫଳତା ମିଳିପାରିନାହିଁ। ପ୍ରାଥମିକ ଅନୁସନ୍ଧାନରୁ ବୋମାମାଡ ଘଟଣା ପଛରେ ରାଜନୈତିକ କନ୍ଦଳ ଥିବା ପୋଲିସ ସନ୍ଦେହ କରିଥିଲା। ଘଟଣା ପରେ ପୋଲିସ ଉକ୍ତ ସାହିରେ ରହୁଥିବା ଦୁଇଟି ପରିବାର ସଦସ୍ୟଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସେମାନଙ୍କୁ ଛାଡି ଦେଇଥିଲା। ଅନ୍ୟପଟେ ରାମନଗର ଅଞ୍ଚଳରେ ଥିବା କେତେକ ସିସି ଟିଭି ଫୁଟେଜ ଠିକ ଭାବେ କାମ କରୁନଥିବାରୁ ବୋମାମାଡ କରିଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୋଲିସ ପାଇଁ କଷ୍ଟକର ହୋଇପଡିଛି। ଫଳରେ ପୋଲିସର ଚିନ୍ତା ବଢ଼ିଯାଇଛି। ରାମନଗରରେ ଗତ ୧୦ତାରିଖ ବିଳମ୍ବିତ ରାତ୍ରରେ କିଏ ଓ କାହିଁକି ବୋମା ମାଡ଼ କରିଥଲା ସେନେଇ ପୋଲିସ ଏବେ ଖୋଳତାଡ କରୁଛି। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି। ପ୍ରକାଶ ଯେ, ଗତ ୧୦ ତାରିଖ ରାତିରେ ରାମନଗର ଦ୍ୱିତୀୟ ଲାଇନରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ଦୁଇ ଜଣ ଯୁବକ ବାଇକରେ ଆସି ସେଠାରେ ବୋମାମାଡ କରି ଚମ୍ପଟ ମାରିଥିଲେ।

## ମୋ ସ୍କୁଲ ପାଣ୍ଠିକୁ ପ୍ରୋତ୍ସାହନ ରାଶି ପ୍ରଦାନ

ପାରଳାଖେମୁଣ୍ଡି,୧୪ା୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପୁରାତନ ଛାତ୍ରଗଣ ବିଦ୍ୟାଳୟର ମୋ ସ୍କୁଲ ପାଣ୍ଠିକୁ ଆର୍ଥିକ ଅନୁଦାନ, ଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ ପାଇଁ ଅର୍ଥ ରାଶି ପ୍ରଦାନ କରିଛନ୍ତି। ମୋ ସ୍କୁଲ ଅଭିଯାନ ପକ୍ଷରୁ ରାଜ୍ୟ ସରକାର ଦାନ ରାଶିର ଦୁଇଗୁଣ ପ୍ରଦାନ କରି ବିଦ୍ୟାଳୟର ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବାର୍ଷିକ ଛାତ୍ର ବୃତ୍ତି ଯୋଜନା କରାଯାଇ ପୁରାତନ ଛାତ୍ରମାନଙ୍କଠାରୁ ସଂଗୃହୀତ ରାଶିରେ ସ୍ମାରକୀ ପାଣ୍ଠି ଗଠନ କରାଯାଇ ସେହି ରାଶିକୁ ବ୍ୟାଙ୍କରେ ସ୍ଥାୟୀ ଜମା କରାଯାଇଛି। ପୁରାତନ ଛାତ୍ର ସ୍ୱର୍ଗତ ମହେଶ କୁମାର ପାଢ଼ୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଭାଇ ତଥା ପୁରାତନ ଛାତ୍ର ତାରାପ୍ରସାଦ ପାଢ଼ୀ ଏହି ପାଣ୍ଠିକୁ ୫ଲକ୍ଷ ପ୍ରଦାନ କରିଥିବା ପ୍ରଧାନ ଶିକ୍ଷକ ଡ.ବୃଷକେତୁ ଦାସ ପ୍ରକାଶ କରିଛନ୍ତି। ସେହିପରି ବରିଷ୍ଠ ଡାକ୍ତର ତଥା ପୁରାତନ ଛାତ୍ର ସୁରେନ୍ଦ୍ର ରଥ ୨୫ ହଜାର ଟଙ୍କା ଓ ପୁରାତନ ଛାତ୍ର ତଥା ବୈଜ୍ଞାନିକ ଶିବରାମ ପ୍ରସାଦ ହୋତା ୫୦ ହଜାର ଟଙ୍କା ଏହି ପାଣ୍ଠିକୁ ଦାନ କରିଛନ୍ତି।

## ପଞ୍ଚାୟତ ନିର୍ବାଚନ ପାଇଁ ତତ୍ପରତା

ଭଞ୍ଜନଗର,୧୪ା୧(ଡି.ଏନ.ଏ)


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପଞ୍ଚାୟତ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ଭଞ୍ଜନଗର ବ୍ଲକରେ ଫେବୃୟାରୀ ୨୪ରେ ମତଦାନ ହେବ। ଫେବୃୟାରୀ ୨୬, ୨୭ ଓ ୨୮ ତାରିଖ ୩ଟି ପର୍ଯ୍ୟାୟରେ ଭୋଟ ଗଣତି ହେବ। ଆସନ୍ତା ୧୭ ତାରିଖରୁ ୨୧ ଯାଏ ପ୍ରାର୍ଥିପତ୍ର ଦାଖଲ, ୨୨ରେ ଯାଞ୍ଚ ହେବ ଓ ୨୫ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ସେହିଦିନ ଚୁଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସମିତିସଭ୍ୟ ପ୍ରାର୍ଥୀମାନେ ବିଡିଓଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିବେ। ଭଞ୍ଜନଗର ବ୍ଲକରେ ୧ ଲକ୍ଷ ୮ହଜାର ୯୬୬ ଭୋଟର ଥିବା ବେଳେ ୩୨୧ ବୁଥ୍ ହୋଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ଓ ପୋଲିସ ପକ୍ଷରୁ ଘନଘନ ବୈଠକ ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକରେ ମଧ ତତ୍ପରତା ଦେଖାଦେଲାଣି। ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଚୟନ କରଯାଉଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ଟିକିସିଙ୍ଗି ପଞ୍ଚାୟତର କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ, ଏମ୍‌ପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ ଏବଂ କଂଗ୍ରେସ ନେତାମାନେ ମଧ ବିଭିନ୍ନ ପଞ୍ଚାୟତକୁ ଯାଇ ପ୍ରାର୍ଥୀ ଚୟନରେ ବ୍ୟସ୍ତ ରହୁଛନ୍ତି।

## ଡ୍ରାଇଭର ମହାସଂଘ ବୈଠକ

ଛତ୍ରପୁର,୧୪ା୧(ଡି.ଏନ.ଏ.)

ଓଡିଶା ଡ୍ରାଇଭର ମହାସଂଘ ଗଞ୍ଜାମ ଜିଲା ଛତ୍ରପୁର ଶାଖାର ଜରୁରୀ ବୈଠକ ଚମାଖଣ୍ଡି ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ମହାସଂଘର ସଭାପତି କିଷାନ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ କାର୍ଯ୍ୟକାରିଣୀ ବୈଠକରେ ଜିଲା ସଭାପତି ବାବୁ ଭାଇ ଯୋଗଦେଇ ମାସ୍କ ବ୍ୟବହାର କରିବା, ଗାଡି ଚଲେଇବା ବେଳେ ସିଟ ବେଲ୍ଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଲାଇବା ଆଦି ସଡକ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଗତ ଅକ୍ଟୋବର ୨୯ ତାରିଖରେ ମହାସଂଘ ତରଫରୁ ୧୧ ଦଫା ଦାବି ନେଇ ଭୁବନେଶ୍ୱର ଠାରେ ରାଲି କରାଯାଇଥିଲା। ସରକାର ସେଥିରୁ ୮ଟି ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ତାହା ପୂରଣ ହୋଇନାହିଁ। ଏହି ଦାବି ପୂରଣ ନହେଲେ ଓଡିଶା ଡ୍ରାଇଭର ମହାସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଟ୍ୟାକ୍ସି, ଟ୍ରକ, ଅଟୋ, ବସ, ଟ୍ରାକ୍ଟର ଡ୍ରାଇଭର ଉପସ୍ଥିତ ଥିଲେ। ବ୍ରହ୍ମପୁର ସଂଘର ସଭାପତି ଲକ୍ଷ୍ମୀନାରାୟଣ ସାହୁ, ଆସିକା ସଭାପତି ଜିତୁ ମହାନ୍ତି, ଜିଲା ସମ୍ପାଦକ ବବୁଲ ବିଶ୍ୱାଳ, ପଞ୍ଚୁ ରାଉଳ, ସମୀର ଦାସଙ୍କ ସମେତ ବହୁ ଡ୍ରାଇଭର ଯୋଗଦେଇଥିଲେ।

### ବନ୍ଧୁକ ଦେଖାଇ ଲୁଟ୍ ଘଟଣା, ୨ ଗିରଫ

ଛତ୍ରପୁର,୧୪ା୧(ଡି.ଏନ.ଏ)

ଛତ୍ରପୁର ଥାନା ବଡମାଧପୁର ଗାଁର ପ୍ରଦୀପ କୁମାର ପଣ୍ଡାଙ୍କ ଘରୁ ଗତ ଅକ୍ଟୋବର ୧୬ ତାରିଖ ସନ୍ଧ୍ୟାରେ ଟଙ୍କା, ସୁନା ଲୁଟ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଷୋତ୍ତମପୁର ଗୌଡ ସାହିର ଶଙ୍କର ବେହେରା ଓ ବଡବାଉରି ସାହିର କାଳିଆ ଦାସ। ସୂଚନାଯୋଗ୍ୟ, ୩ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ପ୍ରଦୀପଙ୍କ ଘରେ ପଶି ବନ୍ଧୁକ ଦେଖାଇ ମଙ୍ଗଳସୂତ୍ର, କାନଫୁଲ, ରୁପା ଅଳଙ୍କାର, ବ୍ରେସଲେଟ୍ , ୧୫ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ ନେଇଯାଇଥିଲେ। ଘଟଣା ପରଦିନ ଅର୍ଥାତ୍ ୧୭ ତାରିଖରେ ପ୍ରଦୀପଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୫୩୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନଙ୍କ ମଧ୍ୟରୁ୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ମଙ୍ଗଳସୂତ୍ର, ରୁପା ଅଳଙ୍କାର ଜବତ ହୋଇଛି।

### ବୁଗୁଡ଼ା ଏନ୍ଏସି: ନୂତନ ସଂରକ୍ଷଣ ତାଲିକା ପ୍ରକାଶ

ବୁଗୁଡା,୧୪ା୧(ଡି.ଏନ.ଏ.)

ବୁଗୁଡ଼ା ପୌର ନିର୍ବାଚନ ପାଇଁ ନୂତନ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ୧୩ ୱାର୍ଡ ବିଶିଷ୍ଟ ଏହି ଏନ୍ଏସିର ଅର୍ଦ୍ଧାଧିକ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୧ନଂ. ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୮ନଂ ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୱାର୍ଡ ନଂ ୪, ୬, ୯, ୧୧ ଓ ୧୨ ସାଧାରଣ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୨ନଂ ୱାର୍ଡଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରହିଛି। ଅନ୍ୟପକ୍ଷରେ ୱାର୍ଡ ନଂ.୩, ୫, ୭, ୧୦ ଓ ୧୩ ଅଣସଂରକ୍ଷିତ ରହିଛି। ତେବେ ପୌରାଧ୍ୟକ୍ଷ ପଦବୀ ପାଇଁ ଚଳିତ ବର୍ଷ ସିଧାସଳଖ ନିର୍ବାଚନ ହେବାକୁ ଥିବାରୁ କାଉନସିଲର ପଦବୀ ପାଇଁ ଆଶାୟୀଙ୍କ ମଧ୍ୟରେ ସେପରି ଉତ୍ସାହ ଦେଖିବାକୁ ମିଳୁନି।

### ମାରଦା ଛକରୁ ଲୁଟ ଘଟଣା, ୩ ଗିରଫ

ପୋଲସରା,୧୪ା୧(ଡି.ଏନ.ଏ.)

ପୋଲସରା ସହରସ୍ଥିତ ସୂର୍ଯ୍ୟୋଦୟ ଫାଇନାନ୍ସ ବ୍ୟାଙ୍କର କର୍ମଚାରୀ ଶ୍ରୀଧର ନାୟକଙ୍କଠାରୁ ଗତ ଡିସେମ୍ବର ୧୬ ତାରିଖରେ ଲୁଟ ହୋଇଥିଲା। ମଥୁରା ମାରଦା ମନ୍ଦିର ନିକଟରେ ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ୧ ଲକ୍ଷ ୧୪ ହଜାର ୩୯୧ଟଙ୍କା ଥିବା ବ୍ୟାଗ ଛଡାଇ ନେଇ ଚମ୍ପଟ ମାରିଥିଲେ। ଏହି ଘଟଣାରେ ପୋଲିସ ଗୁରୁବାର ବୁଗୁଡ଼ାରୁ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ନୂଆସାପୁର ଗ୍ରାମର ଏମ. କାଳି, ଆଉଲା ଶିବ ଓ ପାକାଲାପଲି ଗ୍ରାମର ଆଉଲା ସନ୍ତୋଷ। ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୯୮ହଜାର ୫ଶହ ଟଙ୍କା, ବାଇକ୍ (ନଂ.ଓଡ଼ି ୨୫ ଏ ୦୮୬୧)ଓ ଏକ ଚାବି ଜବତ କରିଛି। ଶୁକ୍ରବାର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ପୋଲସରାରେ ଏହି ସୂଚନା ଦେଇଛନ୍ତି।

### ମା' ମହାମାୟୀ ବ୍ରତକଥା ଅଡିଓ ଉନ୍ମୋଚନ

କବିସୂର୍ଯ୍ୟନଗର,୧୪ା୧(ଡି.ଏନ.ଏ.)

କବିସୂର୍ଯ୍ୟନଗର ଅରବିନ୍ଦ ପାଠଚକ୍ର ବୈଠକ ଗୃହରେ ମକର ସଂକ୍ରାନ୍ତିରେ ଅଧିଷ୍ଠାତ୍ରୀ ଦେବୀ ମା' ମହାମାୟୀ ବ୍ରତକଥା ଅଡିଓ ଉନ୍ମୋଚନ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ବାସୁଦେବ ନାୟକ ଯୋଗଦେଇ ଏହାର ଶୁଭ ଉନ୍ମୋଚନ କରିଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ଯନ୍ତ୍ରୀ ସନ୍ତୋଷ ଦାସ, ସାହିତ୍ୟିକ ନିଖିଳ କୁମାର ସାହୁ, ନାଟ୍ୟକାର ନବଘନ ପରିଡ଼ା, ଅଧକ୍ଷା ହେନାବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଯୋଜକ ସୁମନ୍ତ ଚର୍ଚ୍ଚି ଓ ଏହାକୁ ସଂଚାଳନ କରିଥିଲେ ଶିକ୍ଷାବିତ ଦିବାକର ଶତପଥୀ। କଣ୍ଠଦାନ କରିଥିଲେ ଶ୍ରୀଗୁଣ୍ଡିଚା ଭଜନ ସନ୍ଧ୍ୟା ଗାୟିକା ଲିପି ମହାନ୍ତି। ଇ. କିଙ୍ଗ ଅଫ ଓଡ଼ିଶା ଚ୍ୟାନେଲରେ ଏହାକୁ ଦେଖିପାରିବେ। ଗାୟିକା ଲିପିକୁ ଗଞ୍ଜାମ ପିଲା ସାମାଜିକ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

ବୁଗୁଡ଼ା,୧୪ା୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଗୋଲାବଞ୍ଜର ରାମଚଣ୍ଡୀ ଠାକୁରାଣୀ ମନ୍ଦିର ପରିସରରେ ଶୁକ୍ରବାର ଜୁଆ ଖେଳ ଚାଲିଥିଲା। ଏସ୍ଆଇ କ୍ଷେତ୍ର ମୋହନ ସାହୁଙ୍କ ନେତୃତ୍ୱରେ ପୋଲିସ ସେଠାରେ ଚଢ଼ାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୩୦ ହଜାର ୫୪୦ ଟଙ୍କା ଜବତ କରିଛି। ଏନେଇ ନଂ. ୩୮/୨୧ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା ସୂଚନା ଦେଇଛନ୍ତି।

DHARITRI
www.orissakhabar.com/ www.dharitri.com ପୃଷ୍ଠା ୪ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଶନିବାର, ଜାନୁୟାରୀ ୧୫/୨୦୨୨ Berhampur, Saturday, January 15/ 2022

# ଯକ୍ଷ୍ମା ଜାଲରେ ଜୀବନ

ବିପିନ ବିହାରୀ ସେଠୀ

ଭୁବନ, ୧୪।୧

ବ୍ୟାପକ ସଚେତନତା, ରୋଗ ନିରାକରଣ ଲାଗି ସରକାରୀ ପ୍ରୋତ୍ସାହନ, ସ୍ୱାସ୍ଥ୍ୟ ବିଭାଗର ଲଗାତର ପ୍ରୟାସ ସତ୍ତ୍ୱେ ନିୟନ୍ତ୍ରଣକୁ ଆସୁନି ଯକ୍ଷ୍ମା। ରୋଗ ଲୁଚାଇବା, ଡାକ୍ତରୀ ପରାମର୍ଶକୁ ହେୟଜ୍ଞାନ କରିବା, ଚିକିତ୍ସା ଚାଲିଥିବାବେଳେ ନିଶାଦ୍ରବ୍ୟ ସେବନ କରିବା ଫଳରେ ମୃତ୍ୟୁମୁଖକୁ ଟାଣି ହୋଇଯାଉଛନ୍ତି ରୋଗୀ। ଜୀବନ ବଞ୍ଚାଇବାକୁ ସରକାରୀସ୍ତରରେ ବ୍ୟାପକ ଉଦ୍ୟମ କରାଯାଉଥିଲେ ମଧ୍ୟ ଏହାର ଫଳ ସନ୍ତୋଷଜନକ ହେଉନାହିଁ, ଯାହା ଢେଙ୍କାନାଳ ଜିଲା ଭୁବନ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି।

ଯାଜପୁର ଜିଲା ସୀମାନ୍ତ ତଥା ଶିଳ୍ପାୟନ ଦ୍ୱାରା ଊଣା ଅଧିକେ ପ୍ରଭାବିତ ଭୁବନ ବ୍ଲକରେ ଯକ୍ଷ୍ମାରୋଗ ଆତଙ୍କ ସୃଷ୍ଟି କରିଛି। ଚିକିତ୍ସା ପରେ ଯଦିଓ ରୋଗୀ ସୁସ୍ଥ ହେଉଛନ୍ତି, ତଥାପି ମୃତ୍ୟୁହାର ଶୂନ୍ୟସ୍ତରକୁ ଖସୁନାହିଁ। ଗତ ୩ବର୍ଷରେ ବ୍ଲକ ଅଞ୍ଚଳର ୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହୋଇଥିବା ନମୁନା ପରୀକ୍ଷଣରୁ ମୋଟ ୨୩୭ ଯକ୍ଷ୍ମା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ଜଣଙ୍କ ମୃତ୍ୟୁ ଘଟିଛି। ଚିକିତ୍ସା ପରେ ୨୦୧ ଜଣ ସୁସ୍ଥ ହୋଇ ସ୍ୱାଭାବିକ ଜୀବନ ଜିଉଛନ୍ତି।



ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ରେ ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୮ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଚିକିତ୍ସା ପରେ ୬୬ ରୋଗୀ ସୁସ୍ଥ ହୋଇଛନ୍ତି। ସେହିବର୍ଷ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିହ୍ନଟ ହୋଇଥିବା ୨୧ ରୋଗୀଙ୍କ ମଧ୍ୟରୁ ଜଣଙ୍କର ଜୀବନ ଯାଇଥିବାବେଳେ ୨୦ ଜଣ ଆରୋଗ୍ୟ ଲାଭ କରିଥିଲେ। ୨୦୨୦ରେ ମଠକରଗୋଳା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହୋଇଥିବା ନମୁନା ପରୀକ୍ଷଣରୁ ୬୩ ରୋଗୀ ଚିହ୍ନଟ ହୋଇଥିଲେ। ଗୁରୁତର ଥିବା ୩ ରୋଗୀଙ୍କ ଜୀବନ ବଞ୍ଚାଇବା ସମ୍ଭବ ହୋଇପାରି ନ ଥିବାବେଳେ ଅନ୍ୟ ୬୦ଜଣ ସୁସ୍ଥ ହୋଇଛନ୍ତି। ସେହିବର୍ଷ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୭ ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଆବଶ୍ୟକ ଚିକିତ୍ସା ପରେ ୧୬ଜଣ ସୁସ୍ଥ ହୋଇଛନ୍ତି। ୨୦୨୧ବର୍ଷ ଯକ୍ଷ୍ମା ପୁଣି କାୟା ମେଲାଇଥିଲା। ଗତବର୍ଷ ବ୍ଲକରୁ ମୋଟ ୬୮ ରୋଗୀ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିହ୍ନଟ ୧୬ ଜଣଙ୍କ ମଧ୍ୟରୁ ୧୧ ଏବଂ ମଠକରଗୋଳା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିହ୍ନଟ ୫୨ ରୋଗୀଙ୍କ ମଧ୍ୟରୁ ୨୮ ଜଣ ସୁସ୍ଥ ହୋଇସାରିଛନ୍ତି।

**ଭୁବନ ବ୍ଲକରୁ ଚିନ୍ତାଜନକ ଚିତ୍ର**

- ୩ ବର୍ଷରେ ୨୩୭ ଆକ୍ରାନ୍ତ, ୭ ମୃତ
- ସଚେତନତା ସତ୍ତ୍ୱେ ଲାଗୁନି ଲଗାମ

ଅନ୍ୟ ୨୯ଜଣ ଚିକିତ୍ସାଧୀନ ଅଛନ୍ତି। ତେବେ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ସତ୍ତ୍ୱେ ଯକ୍ଷ୍ମା ବଢ଼ିବା ଚିନ୍ତାଜନକ ହୋଇଛି।

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ରମେଶ ଚନ୍ଦ୍ର ସାହୁ କୁହନ୍ତି, ଯକ୍ଷ୍ମା ଚିହ୍ନଟ ପାଇଁ ଚିକିତ୍ସାଳୟରେ ସମସ୍ତ ସୁବିଧା ରହିଛି। ବିନା ଦେୟରେ ଔଷଧ ଦିଆଯାଉଛି। ଆଶାମାନେ ରୋଗୀଙ୍କଠାରୁ ନିୟମିତ ତଥ୍ୟ ସଂଗ୍ରହ କରୁଛନ୍ତି। ରୋଗ ଚିହ୍ନଟ ହେବା ପରେ ରୋଗୀଙ୍କୁ ୬ ମାସ ଯାଏ ୫୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଛି। ରୋଗୀ ଆରୋଗ୍ୟ ହେବା ପରେ ଆଶାକର୍ମୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ୧,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। କେତେକ କ୍ଷେତ୍ରରେ ଦେଖାଯାଉଛି, ରୋଗୀମାନେ ବିଳମ୍ବରେ ଚିକିତ୍ସା ପାଇଁ ଆସୁଛନ୍ତି। ସେତେବେଳକୁ ଫୁସ୍‌ଫୁସ୍‌ରେ ସଂକ୍ରମଣ ଅତିମାତ୍ରାରେ ବଢ଼ିଯାଇଥାଏ। ଫଳରେ ଜୀବନ ବଞ୍ଚାଇବା ଅସମ୍ଭବ ହୋଇପଡୁଛି। ତେଣୁ ଭୟଭୀତ ନ ହୋଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ସେ ନିବେଦନ କରିଛନ୍ତି।

# ଗଡ଼ିଲା ବାରିପଦା-ପୁରୀ ସାପ୍ତାହିକ ଟ୍ରେନ



କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ରେଲୱେ ଅଧିକାରୀମାନେ ଟ୍ରେନ ଚଳାଚଳ ଶୁଭାରମ୍ଭ କରୁଛନ୍ତି।

ବାରିପଦା ଅଫିସ, ୧୪।୧

ମୟୂରଭଞ୍ଜ ଜିଲା ବାରିପଦାର ଭଞ୍ଜପୁରରୁ ପୁରୀକୁ ସାପ୍ତାହିକ ଟ୍ରେନ ଚଳାଚଳ କରିଛି। କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଗୁରୁବାର ରାତି ୧୧ଟା୫୦ ମିନିଟରେ ଭଞ୍ଜପୁର ରେଳଷ୍ଟେଶନରେ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କ ସହିତ ବାରିପଦା ବିଧାୟକ ପ୍ରକାଶ ସୋରେନ, ଫାଗୁ ହାଁସଦା, ରେଲୱେ ଅଧିକାରୀମାନେ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଆଗାମୀ ଦିନରେ ଟ୍ରେନକୁ ନିୟମିତ କରିବା ସହିତ ଏସି କୋଚ ବଗି ବ୍ୟବସ୍ଥା ଲାଗି କେନ୍ଦ୍ରମନ୍ତ୍ରୀ ପଦକ୍ଷେପ ନେବେ ବୋଲି ଉଦ୍‌ଘାଟନୀ ଉତ୍ସବରେ ସୂଚନା ଦେଇଥିଲେ।

ଟ୍ରେନଟି ପ୍ରତ୍ୟେକ ଗୁରୁବାର ରାତି

**ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ**

୧୧ଟା ୫୦ରେ ଭଞ୍ଜପୁର ଷ୍ଟେଶନରୁ ଯାତ୍ରା ଆରମ୍ଭ କରି ତହିଁ ପରଦିନ ସକାଳ ୭ଟାରେ ପୁରୀରେ ପହଞ୍ଚିବ। ସେହିଦିନ ରାତି ୧୧ଟା ୫୦ମିନିଟରେ ଟ୍ରେନଟି ପୁଣି ବିପରୀତ ଦିଗରେ ଯାତ୍ରା କରି ଶନିବାର ସକାଳ ୭ଟାରେ ଭଞ୍ଜପୁର ଷ୍ଟେଶନରେ ପହଞ୍ଚିବ ବୋଲି ଜଣାପଡ଼ିଛି। ଏହି ସ୍ୱତନ୍ତ୍ର ଟ୍ରେନଟି ଯିବା ଆସିବା ସମୟରେ ବାରିପଦା, ବେତନଟୀ, ରୂପ୍‌ସା, ସୋର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ୍, ନରାଜ ମାର୍ଥାପୁର, ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ଅଟକି ଯାତ୍ରୀ ନେବା ଆଣିବା କରିବ। ଟ୍ରେନଟି କଟକ ଷ୍ଟେଶନ ନ ଯାଇ ନରାଜ ଦେଇ ଚଳାଚଳ କରିବ।

## ସଂକ୍ଷେପରେ

### କୋରାପୁଟ ଏମ୍‌ପି କରୋନା ସଂକ୍ରମିତ

**ରାୟଗଡ଼ା ଅଫିସ/ ଜୟପୁର୧୪।୧(ନି.ପ୍ର.):** କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତାଙ୍କଠାରେ ସାମାନ୍ୟ ଲକ୍ଷଣ ରହିଥିବାବେଳେ ସେ ଗୃହ ସଙ୍ଗରୋଧରେ ଥିବା ଟୁଇଟ୍ କରି ଜଣାଇଛନ୍ତି। ଏଥିସହ କିଛିଦିନ ମଧ୍ୟରେ ସେ ବିଭିନ୍ନ ଦଳୀୟ ଏବଂ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ସଙ୍ଗରୋଧରେ ରହିବା ସହ କରୋନା ପରୀକ୍ଷା କରାଇନେବାକୁ ସପ୍ତଗିରି କହିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ସମେତ ରାୟଗଡ଼ା ଜିଲାର ଦଳୀୟ ନେତା ଓ ଶୁଭଚିନ୍ତକମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ୬ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

**ଭିସୁଟ୍ ଛାତ୍ରଙ୍କୁ ମାଡ଼ ଘଟଣା**

**ସମ୍ବଲପୁର,୧୪।୧(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିସୁଟ୍‌ର ଦ୍ୱିତୀୟ ବର୍ଷ ଛାତ୍ର ମାନସ ସିଂଙ୍କୁ ମାଡ଼ ଘଟଣାରେ କର୍ତ୍ତୃପକ୍ଷ ସମ୍ପୃକ୍ତ ୬ଜଣ ସିନିୟର ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଗତ ସେମିଷ୍ଟର ପରୀକ୍ଷାରେ ସେମାନଙ୍କ ଗୋଟିଏ ଲେଖାଏ ଗ୍ରେଡ୍ ପଏଣ୍ଟ କଟାଯିବ। ଏହାସହ ଜାନୁୟାରୀ ୩୧ ତାରିଖ ସୁଦ୍ଧା ପ୍ରତ୍ୟେକ ଛାତ୍ର ୧୫ ହଜାର ଲେଖାଏ ଜରିମାନା ଦେବାକୁ ଅଭିଭାବକଙ୍କୁ ଚିଠି କରାଯାଇଛି। କଲେଜ ଓ ହଷ୍ଟେଲରେ ଶାନ୍ତି ବଜାୟ ରଖିବାକୁ କୁହାଯାଇଛି। ସମସ୍ତ ଛାତ୍ର ୨୦ ଟଙ୍କିଆ ଷ୍ଟାମ୍ପ୍ ପେପରରେ ଘୋଷଣାନାମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧୭ରେ ବୁର୍ଲା ଥାନାରେ ମାନସ ଅଭିଯୋଗ କରିବା ପରେ ପୋଲିସ ୭୪୫/୨୧ରେ ଏକ ମାମଲା ରୁଜୁ କରିଥିଲା। ତାଙ୍କ ଅଭିଯୋଗକ୍ରମେ ସେ କ୍ୟାମ୍ପସ୍ ବାହାରେ କିରବା ଛକକୁ ଚା' ପିଇବା ପାଇଁ ଯାଇଥିଲେ। ସେତେବେଳେ ଉକ୍ତ ଦୋକାନକୁ ୬ ଜଣ ସିନିୟର ଛାତ୍ର ଆସି ମାନସଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ବିଷୟରେ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ପରେ ମାନସ ଥାନାରୁ ଅଭିଯୋଗ ପ୍ରତ୍ୟାହାର କରି କଲେଜ କର୍ତ୍ତୃପକ୍ଷଙ୍କ ପାଖରେ ଅଭିଯୋଗ କରିଥିଲେ। କଲେଜ ପକ୍ଷରୁ ଶୃଙ୍ଖଳା କମିଟି ଏହାର ତଦନ୍ତ କରିଥିଲା।

### ମଦ ପାଇଁ ପୁଅ ଦେଲାନି ଟଙ୍କା: ଆତ୍ମହତ୍ୟା କଲେ ବାପା

**ଦିଗପହଣ୍ଡି,୧୪।୧(ଡି.ଏନ.ଏ.):** ମଦ ପାଇଁ ପୁଅ ଟଙ୍କା ନ ଦେବାରୁ ବାପା ଆତ୍ମହତ୍ୟା କରିଛନ୍ତି। ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ତଥା କେ.ନୂଆଗାଁ ଥାନା ବମୋକେଇ ଗ୍ରାମରେ ଶୁକ୍ରବାର ଏଭଳି ଘଟଣା ଘଟିଛି। ମୃତକ ହେଲେ ବମୋକେଇ ଗ୍ରାମ ବଡସାହିର ରବି ପ୍ରଧାନ(୫୫)। ସେ ପଞ୍ଚାୟତ କାର୍ଯ୍ୟାଳୟରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। କେ.ନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ମାମଲା ନଂ.୦୧/୨୨ ରୁଜୁ ହୋଇଛି। ରବି ମଦ ପିଇବା ପାଇଁ ବିଭିନ୍ନ ସମୟରେ ପରିବାର ଲୋକଙ୍କ ସହ ଝଗଡ଼ା କରୁଥିଲେ। ଶୁକ୍ରବାର ମଦ ପିଇବା ପାଇଁ ତାଙ୍କ ପୁଅକୁ ଟଙ୍କା ମାଗିଥିଲେ। ପୁଅ ଟଙ୍କା ଦେବାକୁ ମନା କରି ଦେଇଥିଲେ। ଏଥିରେ ରବି ରାଗିଯାଇ ଘରୁ ଚାଲିଯାଇ ବମୋକେଇ ବଜାର ଛକରେ କେତେଜଣଙ୍କୁ ଟଙ୍କା ମାଗିଥିଲେ। କେହି ଟଙ୍କା ନ ଦେବାରୁ ରବି ନିରାଶ ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି।

### ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ

**ମାଲକାନଗିରି,୧୪।୧ (ଡି.ଏନ୍.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଆନ୍ଧ୍ର-ଓଡିଶା ସୀମାନ୍ତରେ ଶୁକ୍ରବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। କୌଣସି ସୂତ୍ରରୁ ଖବର ପାଇଁ ଜୋଡାମ୍ବ ଥାନା ଏସ୍‌ଓଜି ଓ ଡିବିଏଫଂବାହିନୀ ଯନ୍ତ୍ରୀ ପଞ୍ଚାୟତର ମାରିବାଡା ଓ ନାଦେମଜେରି ଗ୍ରାମ ନିକଟ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିବା ବେଳେ ଏହି ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୪ଟି ଟିଫିନ୍ ବୋମା, ୨୦ଟି ବେବ୍ ବେଲଟ୍ ୧୯ଟି ଜଙ୍ଗଲ ଟୋପି, ୨୦ଟି ହୁଇସିଲ୍ କଡ୍, ୨୨ଟି ହୁଇସିଲ୍, ଔଷଧ ସହ ଅନ୍ୟ ସାମଗ୍ରୀ ରହିଥିବା ମାଲକାନଗିରି ଏସ୍‌ପି ନିତିଶ୍ ବାଧ୍ୱାନୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଆଇନଗତ ପ୍ରତିବନ୍ଧକରେ କୋଟିଆ ବିବାଦ

ନୂଆଦିଲ୍ଲୀ,୧୪।୧

ଓଡ଼ିଶା ଅଧୀନରେ ଥିବା କୋଟିଆ ଗ୍ରାମ ପୁଞ୍ଜକୁ ନେଇ ବିବାଦ ଲାଗି ରହିଛି। ଏପରି କି ସୁପ୍ରିମକୋର୍ଟରେ ଚାଲିଥିବା ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲେ ସୁଦ୍ଧା ଆନ୍ଧ୍ର ତାହାର ବଳପୂର୍ବକ କାର୍ଯ୍ୟକ୍ରମ ଜାରି ରଖିଛି। ଏଭଳି ସ୍ଥିତିରେ ସୁପ୍ରିମକୋର୍ଟରେ ଓଡ଼ିଶା ପକ୍ଷରୁ ନିକଟରେ ଆଉ ଏକ ମାମଲା ରୁଜୁ କରାଯାଇଛି। ସମ୍ବିଧାନର ଧାରା ୧୩୧ରେ ସୁପ୍ରିମକୋର୍ଟ ମାମଲାକୁ ଆଉ ଥରେ ବିଚାରକୁ ନେଇ ବିବାଦର ସମାଧାନ ନିମନ୍ତେ ରାୟ ପ୍ରକାଶ କରିବାକୁ ଅନୁରୋଧ କରାଯାଇଛି। ଏହି ମାମଲା ଏବେ ଶୁଣାଣି ଅପେକ୍ଷାରେ ରହିଛି।

ସୂଚନାଯୋଗ୍ୟ, ପଟ୍ଟାଙ୍ଗୀ ବିଧାନସଭା ଏବଂ କୋରାପୁଟ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା କୋଟିଆର ୩ଗ୍ରାମ ଗଞ୍ଜେଇପଦର, ଫଗୁଣ ସେନେରି ଓ ଫାଟୁ ସେନେରିରେ ପଞ୍ଚାୟତ ନିର୍ବାଚନ କରିବା ପାଇଁ ୨୦୨୦ ମାର୍ଚ୍ଚରେ ଆନ୍ଧ୍ର ସରକାର ବିଜ୍ଞପ୍ତି ଜାରି କରିଥିଲେ। ଉକ୍ତ ୩ଗ୍ରାମ

**ଆଉ ଏକ ମାମଲା ରୁଜୁ କଲା ଓଡ଼ିଶା**

ଆନ୍ଧ୍ରର ସାଲୁର ବିଧାନସଭା ଏବଂ ଆରକୁ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଆନ୍ଧ୍ର ଦାବି କରିଥିଲା। ଆନ୍ଧ୍ରର ଏଭଳି ବଳପୂର୍ବକ ପ୍ରବେଶକୁ ବିରୋଧ କରି ଓଡ଼ିଶା ସରକାର ୨୦୨୧ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ୨୦୦୬ ମାର୍ଚ୍ଚ ୩୦ରେ ସୁପ୍ରିମକୋର୍ଟ କୋଟିଆର ବିବାଦୀୟ ୩ ଗ୍ରାମରେ ସ୍ଥିତାବସ୍ଥା ଜାରି ରଖିବାକୁ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆନ୍ଧ୍ର ସରକାର ଏହାକୁ ଉଲ୍ଲଂଘନ କରିଥିବା ଓଡ଼ିଶା ସରକାର ଦର୍ଶାଇଥିଲେ। ହେଲେ ଓଡ଼ିଶାର ଏହି ଦାବିକୁ ଆନ୍ଧ୍ର ସରକାର ଖଣ୍ଡନ କରିବା ସହ ଏହା ମିଥ୍ୟା ତଥ୍ୟ ଉପରେ ଆଧାରିତ ବୋଲି କହିଥିଲେ। ଏପରି କି ୨୦୦୬ ମାର୍ଚ୍ଚ ୩୦ରେ ସର୍ବୋଚ୍ଚ ଅଦାଲତ ବିବାଦୀୟ ଗ୍ରାମ ଉପରେ କୌଣସି ସ୍ଥିତାବସ୍ଥା ଜାରି କରି ନାହାନ୍ତି ବୋଲି କହିଥିଲା। ଅଦାଲତ ସମ୍ବିଧାନର ଧାରା ୧୩୧ ଅନୁସାରେ ଓଡ଼ିଶା ଦ୍ୱାରା ଦାଖଲ କରାଯାଇଥିବା ମୂଳ ମାମଲାକୁ ଖାରଜ କରିବା ସହ ଉଭୟ ରାଜ୍ୟର ତଥ୍ୟକୁ କେବଳ ରେକର୍ଡ କରିଥିଲେ ବୋଲି ଆନ୍ଧ୍ର ସରକାର କହିଥିଲେ। କୋଟିଆ ବିବାଦକୁ ନେଇ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଚାଲିଥିବାବେଳେ ଓଡ଼ିଶା ସରକାର ଏବେ ଧାରା ୧୩୧ରେ ଏକ ନୂଆ ମାମଲା ରୁଜୁ କରିଛନ୍ତି। ଏଥିରେ ଧାରା ୧୩୧କୁ ଭଲ ଭାବେ ଅନୁଧ୍ୟାନ କରିବାକୁ ଓଡ଼ିଶା ଅଦାଲତଙ୍କୁ ନିବେଦନ କରିଛି।

**ଧାରା ୧୩୧ର ଆଧାର**

କୋଟିଆ ବିବାଦକୁ ନେଇ ୧୯୬୮ରେ ଓଡ଼ିଶା ସରକାର ପ୍ରଥମେ ଆନ୍ଧ୍ର ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ସମ୍ବିଧାନର ଧାରା ୧୩୧ରେ ଏକ ମାମଲା ରୁଜୁ କରିଥିଲେ। ସେଥିରେ କୋଟିଆକୁ ନେଇ ଲାଗି ରହିଥିବା ବିବାଦ ସମ୍ପର୍କରେ ଓଡ଼ିଶା ସ୍ୱାଧୀନତା ପୂର୍ବବର୍ତ୍ତୀ ଅନେକ ଚୁକ୍ତି ଏବଂ ବିଜ୍ଞପ୍ତିକୁ ଉପସ୍ଥାପନ କରିଥିଲା। ମାଡ୍ରାସ ପ୍ରେସିଡେନ୍ସିର ରାଜ୍ୟପାଳ-ଇନ୍-କାଉନ୍‌ସିଲ ଜାରି କରିଥିବା ବିଜ୍ଞପ୍ତି ନଂ. ୨୫୧/୧୯୨୦ ଏବଂ ୨୫୭/୧୯୨୦ ଅନୁସାରେ ବିବାଦୀୟ ୩ଗ୍ରାମ ଓଡ଼ିଶାର କୋରାପୁଟ ଜିଲା ପଟ୍ଟାଙ୍ଗୀ ତହସିଲ୍ ଅଧୀନରେ ଆସୁଥିବା ଉଲ୍ଲେଖ ରହିଥିବା ଓଡ଼ିଶା ଦାବି କରିଥିଲା। ହେଲେ ଉକ୍ତ ମାମଲାକୁ ସୁପ୍ରିମକୋର୍ଟ ୨୦୦୬ରେ ଖାରଜ କରିବା ସହ ଏହା ଧାରା ୧୩୧ ଅନୁସାରେ ବିଚାର ଯୋଗ୍ୟ ନୁହେଁ ବୋଲି କହିଥିଲେ। ଅପରପକ୍ଷରେ ସମ୍ବିଧାନର ଧାରା ୧୩୧ କହୁଛି ଯେ, କେନ୍ଦ୍ର, କୌଣସି ରାଜ୍ୟ କିମ୍ବା ରାଜ୍ୟ ରାଜ୍ୟ ମଧ୍ୟରେ ଥିବା ବିବାଦର ସମାଧାନ ସୁପ୍ରିମ୍‌କୋର୍ଟ କରିପାରିବେ। ହେଲେ ଏହି ବିବାଦ ଯଦି କୌଣସି ଚୁକ୍ତି, ରାଜିନାମା, ସନନ୍ଦ କିମ୍ବା ଏହିଭଳି କିଛି ତଥ୍ୟ ସମ୍ବନ୍ଧୀୟ ହୋଇଥିବ ଏବଂ ତାହା ସମ୍ବିଧାନ କାର୍ଯ୍ୟକାରୀ ପୂର୍ବରୁ ହୋଇଥିବ, ତେବେ ସେ ସବୁ ବିବାଦର ଧାରା ୧୩୧ ଅନୁସାରେ ପରିସରଭୁକ୍ତ ହୋଇପାରିବ ନାହିଁ।

# ହକ୍ ପାଇଁ ପୁଅ ସହ ସ୍ୱାମୀ ଘର ଆଗରେ ଧାରଣା

ନବରଙ୍ଗପୁର,୧୪।୧(ବି.ପ୍ର.)

ସ୍ତ୍ରୀର ହକ୍, କୋର୍ଟ ଦେଇଥିବା ଭରଣପୋଷଣ ଦାବିକରି ନୁରଜାହାନ ଖାନ ନାମକ ଜଣେ ମହିଳା ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସ୍ଥିତ ତାଙ୍କ ସ୍ୱାମୀଙ୍କ ଘର ଆଗରେ ଶୁକ୍ରବାର ଧାରଣା ଦେଇଥିଲେ। ଜୟପୁରର ଏକ ମହିଳା ସଙ୍ଗଠନ ଉପସ୍ଥିତିରେ ନୁରଜାହାନଙ୍କ ସ୍ୱାମୀ ସୁମିତ ଘଣ୍ଟ ତାଙ୍କୁ ଭଡ଼ାଘରେ ରଖିବାକୁ ରାଜି ହୋଇଛନ୍ତି।

ନୁରଜାହାନ ଓ ସୁମିତଙ୍କର ପ୍ରେମ ସମ୍ପର୍କ ଥିଲା। ଏବେ ସେମାନଙ୍କର ୫ବର୍ଷର ଜଣେ ପୁଅ ମଧ୍ୟ ରହିଛି। କିନ୍ତୁ ସୁମିତ ନୁରଜାହାନଙ୍କୁ ସମାଜ ଆଗରେ ସ୍ତ୍ରୀର ପରିଚୟ ଦେଉ ନ ଥିଲେ। ପ୍ରେମକୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଘରେ ନିଜ ପରିବାର ଲୋକଙ୍କ ସହିତ ନୁରଜାହାନଙ୍କୁ ସୁମିତ ରଖି ନ ଥିଲେ। ଏହାର ପ୍ରତିବାଦରେ

**ଆପୋସ ବୁଝାମଣା ପରେ ସମାଧାନ**

କିଛି ବର୍ଷ ପୂର୍ବେ ନୁରଜାହାନ ଆଇନର ଆଶ୍ରୟ ନେଇଥିଲେ। ଅଦାଲତ ସୁମିତଙ୍କୁ ନୁରଜାହାନ ଓ ପୁଅଙ୍କ ଭରଣପୋଷଣ ପାଇଁ ମାସିକ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସୁମିତ ଅଦାଲତ ଆଦେଶକୁ ଖିଲାପକରି ଭରଣପୋଷଣ ଟଙ୍କା ଦେଉନାହାନ୍ତି। ତେଣୁ ବାଧହୋଇ ହକ୍ ପାଇଁ ସୁମିତଙ୍କ ଘର ଆଗରେ ଧାରଣା ଦେଇଥିବା ନୁରଜାହାନ କହିଛନ୍ତି। ସୁମିତ ତାଙ୍କୁ ସ୍ତ୍ରୀର ଅଧିକାର ଦେଇ ନିଜ ପରିବାର ସହିତ ଘରେ ରଖନ୍ତୁ ବୋଲି ସେ ଦାବି କରିଛନ୍ତି। ତେବେ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। ଜୟପୁରର ଏକ ସାମାଜିକ ମହିଳା ସଙ୍ଗଠନ ସଦସ୍ୟଙ୍କ ଉପସ୍ଥିତିରେ ସୁମିତ ନିଜ ସ୍ତ୍ରୀଙ୍କୁ ଏକ ଭଡ଼ାଘରେ ରଖିବାକୁ ରାଜି ହୋଇଛନ୍ତି।

# ପୁଅର ମୃତଦେହ ଦେଖି ଟଳି ପଡ଼ିଲେ ବାପା

ବଲାଙ୍ଗୀର ଅଫିସ,୧୪।୧

ପୁଅର ମୃତଦେହ ଦେଖି ଟଳି ପଡିଲେ ବାପା। ଦୁଇ ଜଣଙ୍କୁ ହରାଇବାର ଦୁଃଖରେ କାନ୍ଦ ବୋବାଳିରେ ଫାଟି ପଡିଲା ଘର। ଏଭଳି ଅଭାବନୀୟ ଘଟଣା ଶୁକ୍ରବାର ବରଗଡ ସହରରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ବଲାଙ୍ଗୀର ଅଞ୍ଚଳର କଂଗ୍ରେସ ନେତା ଭୋଜରାଜ ସାହୁ (୫୨) ମେରୁଦଣ୍ଡ ରୋଗରେ ପୀଡିତ ହୋଇ ବରଗଡରେ ରହୁଥିବା ତାଙ୍କ ସାନଭାଇ ଘରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ହୃଦ୍‌ଘାତ ଯୋଗୁ ଭୋଜରାଜଙ୍କ ପରଲୋକ ଘଟିଥିଲା। ଏହି ଖବର ପାଇବା ପରେ ତାଙ୍କ ପିତା ଲୋକନାଥ ସାହୁ (୭୬) ବଲାଙ୍ଗୀରରୁ ବରଗଡରେ ରହୁଥିବା ସାନପୁଅ ଘରକୁ ଯାଇଥିଲେ। ସେଠାରେ ପହଞ୍ଚି ପୁଅ ଭୋଜରାଜଙ୍କ ମୃତଦେହ ଦେଖିବା ପରେ ଚେତାଶୂନ୍ୟ ହୋଇ ଟଳି ପଡିଥିଲେ। ତାଙ୍କୁ ସେଠାରୁ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବଲାଙ୍ଗୀରରେ ଶୋକର ଛାୟା ଖେଳିଯାଇଛି।



ଲୋକନାଥ ସାହୁଙ୍କ ଫାଇଲ୍ ଫଟୋ।

ଛାତ୍ରାବସ୍ଥାରୁ ଭୋଜରାଜ ଜଣେ ସକ୍ରିୟ କଂଗ୍ରେସ କର୍ମୀ ଥିଲେ। ବଲାଙ୍ଗୀର ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଭାବେ ସେ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ସାଙ୍ଗଠନିକ ଦକ୍ଷତା ପ୍ରତିପାଦିତ କରିଥିଲେ।

ତାଙ୍କ ବିୟୋଗରେ ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ, ବିଧାୟକ ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ରାଧାକାନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇଙ୍କ ସମେତ ବହୁ କଂଗ୍ରେସ ନେତା ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ସିଭିଲ କୋର୍ଟ କମ୍ପ୍ଲେକ୍ସ ମାଇକ୍ରୋ କଣ୍ଟେନମେଣ୍ଟ

କଟକ ଅଫିସ, ୧୪।୧

କଟକରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୂର୍ବରୁ କେତେକ ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସିଭିଲ କୋର୍ଟ କମ୍ପ୍ଲେକ୍ସକୁ ମାଇକ୍ରୋ କଣ୍ଟେନମେଣ୍ଟ କରାଯାଇଛି। ଏଠାରୁ ୩୯ ଜଣ ପଜିଟିଭ ଚିହ୍ନଟ ହେବା ପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଏହାକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି କମ୍ପ୍ଲେକ୍ସ ମଧ୍ୟରେ ଥିବା ଏସ୍‌ଡିଜେଏମ୍, ଜିଲା ଦୌରାଜଜ୍ ଅଦାଲତ ଓ କଟକ ବାର୍ ଆସୋସିଏଶନରୁ ପଜିଟିଭ ଚିହ୍ନଟ ହେବାପରେ ତାହାକୁ ସିଲ୍ କରାଯାଇଛି। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ଏଥିସହ ଜରୁରିକାଳୀନ ସେବା ପାଇଁ ସିଏମ୍‌ସି ପକ୍ଷରୁ ଟିମ୍ ଗଠନ ହୋଇଛି। ଏହି ଟିମ୍‌ରେ ସଞ୍ଜୀବିତା ରାୟଙ୍କୁ କାର୍ଯ୍ୟ ପର୍ଯ୍ୟବେକ୍ଷଣ ଦାୟିତ୍ୱ ଦିଆଯାଇଥିବାବେଳେ ସତ୍ୟବ୍ରତ ଶତପଥୀଙ୍କୁ ସାନିଟେଶନ, ଡା. ସ୍ମୃତିରଞ୍ଜନ ସାମଲଙ୍କୁ ଟେଷ୍ଟିଂ ଏବଂ କଣ୍ଟାକ୍ଟ ଟ୍ରେସିଂ, ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଦୀପ୍ତିମୟୀ ଜେନା, ମଧୁସୂଦନ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି।

# ଶ୍ରୀଲୋକନାଥ ମନ୍ଦିରକୁ ଗଲା ମକର ଚୂଳ, ମୁଆଁ

ପୁରୀ ଅଫିସ, ୧୪।୧

ଶ୍ରୀମନ୍ଦିର ନୀତିକାନ୍ତି ସହିତ ଶ୍ରୀକ୍ଷେତ୍ରର ଶ୍ରୀଲୋକନାଥ ମହାଦେବଙ୍କ ନୀତି ପ୍ରାୟତଃ ଜଡ଼ିତ। ଶୁକ୍ରବାର ମକରସଂକ୍ରାନ୍ତିରେ ଶ୍ରୀଲୋକନାଥ ଦେବଙ୍କ ପୀଠରେ ମକର ପର୍ବ ପାଳନ କରାଯାଇଛି। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ଧନୁସଂକ୍ରାନ୍ତିଠାରୁ ମା' ପାର୍ବତୀ ତାଙ୍କ ବାପଘରକୁ ଯାଇଥିଲେ। ମକରସଂକ୍ରାନ୍ତିରେ ସେ ତାଙ୍କ ବାପଘରୁ ମନ୍ଦିରକୁ ଫେରିଛନ୍ତି। ଫେରିବା ସମୟରେ ମହାଦେବଙ୍କ ପାଇଁ ପାର୍ବତୀ ଆଭୂଷଣ ଓ ବ୍ୟଞ୍ଜନ ଆଣିଥିଲେ। ପରମ୍ପରା ସ୍ୱରୂପ, ବାଲିସାହିସ୍ଥିତ ମା' ବରାହୀ ମନ୍ଦିରରୁ ଦୁଇଟି ମକର ଚୂଳ ଓ ମୁଆଁ ଲୋକନାଥଙ୍କ ପାଖକୁ ଯାଇଥିଲା। ମଧ୍ୟାହ୍ନ ଧୂପ ଓ ବଡ଼ସିଂହାର ବେଶରେ ଠାକୁରଙ୍କୁ ମକର ଚୂଳ ଲାଗିହୋଇଥିଲା। ସେହିପରି ବରାହୀଙ୍କ ପୀଠରୁ ଯାଇଥିବା ମକରମୁଆଁ ଶ୍ରୀଲୋକନାଥଙ୍କ ନିକଟରେ ଭୋଗ କରାଯାଇଥିଲା। ପଡ଼ିଯାତ୍ରା ଯୋଗାଣିଆ, ମନ୍ଦିର ପୂଜକ, ପାଳିଆ, ଘଣ୍ଟୁଆ ଏବଂ କାହାଳିଆଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

# ଅଲ୍ଲୁ ଅର୍ଜୁନ୍‌ଙ୍କ ଲୁକ୍ କପି କଲେ ଜାଡେଜା

ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ତାଙ୍କ ନୂଆ ଲୁକ୍ ପାଇଁ ଲଗାତର ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହୁଛନ୍ତି। ଏବେ ସେ ଏକ ନୂଆ ଲୁକରେ ନଜରକୁ ଆସିଥିବାରୁ ଏହା ଟ୍ରେଣ୍ଡ କରୁଛି।



ନୂଆ ଲୁକ୍‌କୁ ସୋସିଆଲ ମିଡିଆରେ ଶେୟାର କରି ଅସଂଖ୍ୟ ଫ୍ୟାନ୍‌ଙ୍କ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଏଥିରେ ସେ ସାଉଥ୍ ଇଣ୍ଡିଆନ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଗେଟ୍‌ଅପ୍‌ରେ ନଜର ଆସିଛନ୍ତି। ଫିଲ୍ମ 'ପୁଷ୍ପା'ରେ ଅଲ୍ଲୁଙ୍କ ଲୁକ୍‌କୁ ପୁରା ନକଲ କରିଛନ୍ତି ଜାଡେଜା। ଏଥିସହ ତାଙ୍କ ପରି ଡାଏଲଗ୍ ମଧ୍ୟ କହୁଛନ୍ତି। ଉଭୟ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଜାଡେଜା ଇନଷ୍ଟାଗ୍ରାମ୍‌ରେ ଏହି ପୋଷ୍ଟ ସେୟାର କରିବା ପରେ ଅଭିନେତା ଅଲ୍ଲୁ ଅର୍ଜୁନ ତାଙ୍କ ପୋଷ୍ଟରେ କମେଣ୍ଟ ମଧ୍ୟ କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ